

ରୁଷ ସହ ସସର୍ତ୍ତ ଆଲୋଚନା ପାଇଁ ଜେଲେନ୍‌ସ୍କି ରାଜି
ପୃଷ୍ଠା ୪


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 323 | ଭାଗ ୩୨ | ସଂଖ୍ୟା ୩୨୩ | Bhubaneswar | Sunday 16 February 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୧୬ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ମହିଳାଙ୍କୁ ସ୍ୱାବଲମ୍ବୀ କରି ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



**ମୁଖ୍ୟମନ୍ତ୍ରୀଙ୍କୁ ବଧେଇଦେଲେ ହଜାରେରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ**

**ଶୁକ୍ରବାର ବିଧାନସଭାରେ ହୋଇଛି 'ଲକ୍ଷପତି ଦିଦି' ଯୋଜନା ଘୋଷଣା**

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ରାଜ୍ୟର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ 'ଲକ୍ଷପତି ଦିଦି ଯୋଜନା' କାର୍ଯ୍ୟକାରୀ କରିବା ନିମନ୍ତେ ଗତକାଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିବୃତି ଦେଇଛନ୍ତି। ଏହାପରେ ଆଜି ମଧ୍ୟାହ୍ନରେ ରାଜ୍ୟର ୩୦ଟି ଜିଲ୍ଲାର ହଜାରେରୁ ଊର୍ଦ୍ଧ୍ୱ ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ରାଜ୍ୟ ଅତିଥି ଭବନଠାରେ ସାକ୍ଷାତ କରି ଧନ୍ୟବାଦ ଦେବା ସହ ଏପରି ଏକ ନିଷ୍ପତ୍ତି ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ମହିଳାଙ୍କୁ ନିଜ ଭଉଣୀ ବୋଲି ସମ୍ବୋଧନ କରିବା ସହ ରାଜ୍ୟ ➢ପୃଷ୍ଠା-୬

# ଅଭିବୃଦ୍ଧିରେ ଜାତୀୟ ହାରଠୁ ଆଗରେ ଓଡ଼ିଶା

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ ହେବା ପୂର୍ବରୁ ଗୃହରେ ଉପସ୍ଥାପିତ ହୋଇଛି ଅର୍ଥନୈତିକ ସର୍ଭେ ରିପୋର୍ଟ। ଏହି ରିପୋର୍ଟରେ ରାଜ୍ୟର ବଳିଷ୍ଠ ଅର୍ଥନୀତି ସହ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହୋଇଥିବା ସରକାର ଦାବି କରିଛନ୍ତି। ଏଥିସହିତ ଜାତୀୟ ହାରଠାରୁ ମଧ୍ୟ ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ ରହିଥିବା ଦର୍ଶାଇଛନ୍ତି ସରକାର।

୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ଅର୍ଥନୀତିର ଆକାର ୯.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୀତି ୮.୬ ଲକ୍ଷ କୋଟି ଥିଲା। ୨୦୨୪-୨୫ରେ ରାଜ୍ୟ ଅର୍ଥନୀତିରେ ୧୦ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି କୁହାଯାଇଛି। ୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ବାସ୍ତବରେ ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।




ଏହି ବର୍ଷରେ ଓଡ଼ିଶା ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସୁଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ହାର ୬.୪ ପ୍ରତିଶତ ଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭ ଜରିଆରେ ଅଧିକ ପଂଜିନିବେଶ ରାଜ୍ୟର ଅଭିବୃଦ୍ଧି ହାରକୁ ଆହୁରି ବଢ଼ାଇବ

- **ରାଜ୍ୟ ଅର୍ଥନୀତିର ଆକାର ୯.୫ ଲକ୍ଷ କୋଟି ଆକଳନ**
- **ଅର୍ଥନୈତିକ ଅଭିବୃଦ୍ଧି ହାର ୭.୨ ପ୍ରତିଶତରେ ରହିବ**
- **କୃଷିରେ ଅଭିବୃଦ୍ଧି ୩.୩, ଶିଳ୍ପରେ ୬.୧ ପ୍ରତିଶତ**

ବୋଲି ଆକଳନ କରାଯାଉଛି।

ରାଜ୍ୟ ଅର୍ଥନୀତିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ପ୍ରାୟ ୧୯ ପ୍ରତିଶତ ଓ ଏହାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଅଟେ । ସର୍ବଭାତୀୟ ସ୍ତର ତୁଳନାରେ ଓଡ଼ିଶାରେ କୃଷି କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ହୋଇଛି। ଗତ ୫ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ୪.୧ ପ୍ରତିଶତ ହାରରେ ଅଭିବୃଦ୍ଧି ହେଉଛି। ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟରେ ଓଡ଼ିଶା ରେକର୍ଡ କରିଛି। ୨୦୧୯-୨୦ରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ୧୧୬.୯ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨୦୨୩-୨୪ରେ ଏହା ୧୪୩ ଲକ୍ଷ ମେଟ୍ରିକ ଟନରେ ପହଁଚିଛି। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଧାନରେ ଏମଏସପି ୨୩ଶହ ଟଙ୍କା ସହ ଇନପୁଟ ସବସିଡି ୮୦୦ ଟଙ୍କା ଦିଆଯାଉଛି। ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୮ ପ୍ରତିଶତ ଅଂଶ ସହ ଦେଶର ପଞ୍ଚମ ବୃହତ ଧାନ ଉତ୍ପାଦନକାରୀ ରାଜ୍ୟ। ରାଜ୍ୟରେ ପନିପରିବା ଉତ୍ପାଦନ ମଧ୍ୟ ୨୦୧୯-୨୦ରେ ୯୭.୩୪ ଲକ୍ଷ ମେଟ୍ରିକ ଟନରୁ ୨୦୨୩-୨୪ରେ ୧୦୯.୩ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି।

ଅପରପକ୍ଷରେ ରାଜ୍ୟ ଅର୍ଥନୀତିରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୪ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୬.୧ ପ୍ରତିଶତ, ଯାହାକି ସର୍ବଭାରତୀୟ ସ୍ତର ସହ ପ୍ରାୟ ସମାନ। ➢ପୃଷ୍ଠା-୬

### ୧୦.୬ ପ୍ରତିଶତ ବଢ଼ିବ ମୁଣ୍ଡ ପିଛା ଆୟ

୨୦୨୪-୨୫ ଆର୍ଥିକ ବର୍ଷରେ ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ ବୃଦ୍ଧି ପାଇ ୧.୮୩ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି ଓ ସର୍ବଭାରତୀୟ ମୁଣ୍ଡପିଛା ଆୟଠାରୁ ଏହାର ବ୍ୟବଧାନ ଏକ ଅଙ୍କ (୮.୮ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟ ରାଜ୍ୟ ତୁଳନାରେ ମୁଣ୍ଡପିଛା ଆୟ ହିସାବରେ ଓଡ଼ିଶା ଏକାଦଶ ସ୍ଥାନରେ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ତଥ୍ୟ ଅନୁଯାୟୀ, ଯଦି ଓଡ଼ିଶା ମୁଣ୍ଡପିଛା ଆୟବୃଦ୍ଧିକୁ ୧.୦ ପ୍ରତିଶତ ପଏଣ୍ଟରେ ତ୍ୱରାନ୍ୱିତ କରିବାରେ ସଫଳ ହୁଏ, ତା'ହେଲେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତରର ମୁଣ୍ଡପିଛା ଆୟ ସହ ପ୍ରାୟ ➢ପୃଷ୍ଠା-୬

**ଚିନ୍ତା ବଢ଼ାଉଛି ବାଲ୍ୟ ବିବାହ ଓ ଆତ୍ମହତ୍ୟା**

## ୬ ବର୍ଷରେ ୮୧୫୯ ବାଲ୍ୟ ବିବାହ

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବାଲ୍ୟ ବିବାହ ରୋକିବାକୁ ସରକାର ଯେତେ ଆଇନ କଲେ ବି କାମ ଦେଉନି। ପ୍ରଶାସନର ଆଖି ଆଢୁଆଳରେ ବେଧଡ଼କ ଚାଲିଛି ବାଲ୍ୟ ବିବାହ। ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉତ୍ତର ଏଭଳି ଚିନ୍ତା ବଢାଇଛି। ବିଜେଡି ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଥିବା କହିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏହି ଅବଧିରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟବିବାହ ହୋଇଛି। ତାଲିକାର ଦ୍ୱିତୀୟରେ ଥିବା ଗଞ୍ଜାମରେ ୯୬୬ଟି ଓ କୋରାପୁଟରେ ୬୩୬ଟି ବାଲ୍ୟବିବାହ ହୋଇଛି। ଏସବୁ ବାଦ୍ ଗତ ୬ ବର୍ଷରେ ବିଭିନ୍ନ ସ୍ଥାନରୁ ୩୨୮ ଜଣ ଶିଶୁ ଉଦ୍ଧାର ହୋଇଛନ୍ତି।



ବାଲ୍ୟ ବିବାହରେ ରୋକ ଲଗାଇବାକୁ ସରକାର ନେଉଛନ୍ତି ବିଭିନ୍ନ ପଦକ୍ଷେପ। ବାଲ୍ୟ ବିବାହ ନିରୋଧ ଅଧିନିୟମ, ୨୦୦୬ ଲାଗୁ କରାଯାଇଛି। ବ୍ଲକ ସ୍ତରରେ, ଅଙ୍ଗନବାଡ଼ି ସ୍ତରରେ ସଚେତନତା କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଛି। ପ୍ରତି ୩ ମାସରେ ବ୍ଲକ, ଗ୍ରାମ ପଞ୍ଚାୟତଗୁଡ଼ିକରେ ହେଉଛି ସଚେତନତା ସଭା। ସେହିପରି ପ୍ରତି ୬ ମାସରେ ରାଜ୍ୟ ସ୍ତରରେ ପିସିଏମଏ କମିଟି ବୈଠକ ମଧ୍ୟ ଅନୁଷ୍ଠିତ କରାଯାଉଛି। ଏସବୁ ସତ୍ତ୍ୱେ କାହିଁକି ବାଲ୍ୟ ବିବାହ ଭଳି ଅପରାଧରେ ଲାଗୁନି ରୋକ?

### ୫ ବର୍ଷରେ କଟକରେ ୧୯ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା

ସେହିଭଳି ପାଠପଢ଼ା ବୟସରେ ପିଲା କରୁଛନ୍ତି ଆତ୍ମହତ୍ୟା। କଟକରେ ଗତ ପାଞ୍ଚ ବର୍ଷରେ ୧୯ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି, କୋମଳମତି ପିଲାମାନେ କାହିଁକି କରୁଛନ୍ତି ଆତ୍ମହତ୍ୟା। ପାଠପଢ଼ା ଚାପ ନା ଅଭିଭାବକଙ୍କ ଚାପ। ଫେବୃୟାରୀ ୧୨ରେ କଟକର ଏକ ଘରୋଇ ସ୍କୁଲର ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା। ପରଦିନ ପୁଣି ଏକ ସରକାରୀ ସ୍କୁଲ ଛାତ୍ରୀଙ୍କ ଆତ୍ମହତ୍ୟା। ଏହି ଘଟଣା ପରେ ଅନ୍ତେବାସୀମାନେ ହଷ୍ଟେଲ ଛାଡ଼ିଛନ୍ତି। ମୁଣ୍ଡ ଉପରେ ପରୀକ୍ଷା, କିନ୍ତୁ ଅଭିଭାବକ ପିଲାଙ୍କୁ ନେଇ ଘରକୁ ବାହାରିଛନ୍ତି। ହଷ୍ଟେଲ ୱାର୍ଡେନଙ୍କ କହିବା କଥା, ଛାତ୍ରୀ ଜଣଙ୍କ ପାଠପଢ଼ାରେ ଦୁର୍ବଳ, ମାଟ୍ରିକ ପରୀକ୍ଷା ଚାପରେ ଛାତ୍ରୀ ଜଣକ ଏଭଳି ନିଷ୍ପତ୍ତି ➢ପୃଷ୍ଠା-୬

**ନବୀନଙ୍କୁ ହିସାବ ଦେଲେ ମୋହନ**

## ୨୪ ବର୍ଷର ବିଫଳତା ବନାମ ୮ ମାସର ସଫଳତା

- **୨୪ ମିନିଟ୍‌ରେ ଦୁଇ ବଡ଼ ଯୋଜନା କାର୍ଯ୍ୟକାରୀ**
- **ଜଗନ୍ନାଥ ସଂସ୍କୃତିର ପ୍ରଚାର ପାଇଁ ୫ କୋଟିର କର୍ପସ୍ ଫଣ୍ଡ**
- **ଅପରାଧ ନିୟନ୍ତ୍ରଣ ସହ ସଅଳ ମାଓମୁକ୍ତ ରାଜ୍ୟ**

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ବିଗତ ୨୪ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଅମଳରେ ବିଭିନ୍ନ ବର୍ଗର ଜନସାଧାରଣ ନିରାଶ ହୋଇଥିଲେ। କାରଣ ସରକାରଙ୍କଠାରେ ଆନ୍ତରିକତାର ଅଭାବ ଥିଲା। ବିଶେଷକରି ରାଜ୍ୟ ସରକାର ୪ ଥର କୃଷି କର୍ମଣ ପୁରସ୍କାର ହାସଲ କରିଥିଲେ ହେଁ ରାଜ୍ୟ ତଳଆଡୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେଣୁ ଗତ ୨୪ ବର୍ଷରେ ବିଜେଡି ସରକାର ଯାହା କରିପାରି ନଥିଲା, ମାତ୍ର ୮ ମାସ ମଧ୍ୟରେ ଆମ ସରକାର ତାହା କରି ଦେଖାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟପାଳ ଏକ ପ୍ରେରଣାଦାୟୀ ଅଭିଭାଷଣ ରଖିଛନ୍ତି। ଅଭିଭାଷଣରେ ରାଜ୍ୟପାଳ ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଯୁବ ସମାଜ ନିଯୁକ୍ତି, କୃଷକଙ୍କୁ ସହାୟତା, ମହିଳା ସଶକ୍ତିକରଣ, ଅବହେଳିତଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। ବିରୋଧୀଦଳମାନେ ଗତ ୮ ମାସରେ ଆମେ ବିଶେଷ କିଛି କରିନାହୁଁ। କିନ୍ତୁ ଏହା ପଛରେ କେବଳ ରାଜନୈତିକ ଅଭିସନ୍ଧି ରହିଛି। କାରଣ ୨୪ ବର୍ଷରେ ବିଜେଡି ଯାହା କରିପାରିନଥିଲା, ଆମ ସରକାର ମାତ୍ର ୮ ମାସ ମଧ୍ୟରେ ସଫଳତା ପରେ ର





ସଫଳତା ହାସଲ କରିଚାଲିଛି। ବିଶେଷକରି କୃଷିର ବିକାଶ କଥା କହୁଥିବା ବିଜେଡି କ୍ୱିଣ୍ଟାଲ୍ ପିଛା ୧୦୦ ଟଙ୍କାର ଅତିରିକ୍ତ ସହାୟତା ବି ଦେଇପାରିନାହିଁ। ବରଂ ଆମେ ପ୍ରଥମ କ୍ୟାବିନେଟ୍‌ରେ ଚାଷୀଙ୍କ ପାଇଁ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ଏବଂ ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଛୁ। ବିଜେପି ସରକାର ମାତ୍ର ୨୪ ମିନିଟ୍‌ରେ ଏହି ଦୁଇଟି ବଡ଼ ନିଷ୍ପତ୍ତି ନେଇ ତା'ର ଆନ୍ତରିକତା ସ୍ପଷ୍ଟ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଇଙ୍ଗିତ କରି 'ଛାମୁ ଯାହା ଦେଲେ ହରଷେ ପାଉ ପାଉ ଗଲା ବରଷେ' ବୋଲି କହିଛନ୍ତି।

ଏହି ଅବସରରେ ➢ପୃଷ୍ଠା-୬

### ଚକା ଆଖି ସବୁ ଦେଖୁଛି: ନବୀନ

ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ବିବୃତି ରଖି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ସରକାରଙ୍କ ବିଫଳତା ଲୁଚାଇବାର ଅପପ୍ରୟାସ କରିଛି। ବର୍ତ୍ତମାନର ସରକାର କେବଳ ପୂର୍ବ ସରକାରଙ୍କ ସଫଳତାର ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି। ଡବଲ ଇଞ୍ଜିନ ସରକାର ମୁଖ୍ୟତଃ ଦରଦାମ ବୃଦ୍ଧି, ଆଇନଶୃଙ୍ଖଳା ସ୍ଥିତି ସୁଧାରିବା ଓ ନିଯୁକ୍ତି ଉପରେ ଫୋକସ୍ କରିବାର ଥିଲା। କିନ୍ତୁ ବିଜେପି ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ଅନେକ କିଛି ପ୍ରତିଶ୍ରୁତି ଦେଇଥିଲା। କଟନୀ ଛଟନୀ ହେବନାହିଁ ବୋଲି କହିଥିଲା। କିନ୍ତୁ ପ୍ରତିଶ୍ରୁତି ➢ପୃଷ୍ଠା-୬

## ମୁଖ୍ୟ ସଚିବଙ୍କ ଅନୁମତି ବିନା ଛୁଟି ନେଇପାରିବେନି ଅଫିସର

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ଏଣିକି ଆଇଏଏସ ଅଫିସରମାନେ ଛୁଟିରେ ଯିବା ପୂର୍ବରୁ କିମ୍ବା ମୁଖ୍ୟାଳୟ ଛାଡିବା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅନୁମତି ବାଧ୍ୟତାମୂଳକ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭିନ୍ନ ସମୟରେ ଅଫିସରମାନେ ମୁଖ୍ୟ ସଚିବ ପ୍ରଶାସନିକ ମୁଖ୍ୟ ହୋଇଥିଲେ ବି ତାଙ୍କୁ ଅନୁମତି ନ ନେଇ ଛୁଟିରେ ଚାଲିଯାଉଛନ୍ତି। ଏହାଦ୍ୱାରା ସରକାରୀ କାମ ବାଧାପ୍ରାପ୍ତ ହେଉଛି। ତେଣୁ ଆଇଏଏସ ଅଫିସରମାନେ ଏଣିକି ଯେକୌଣସି ଛୁଟିରେ ଯିବା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅନୁମତି ନେବାକୁ ପଡିବ।

## ବିୟର କେନ୍‌ରେ ମହାତ୍ମାଙ୍କ ଫଟୋ, ତାତିଲେ ଭାରତୀୟ

**ନୂଆଦିଲ୍ଲୀ, ୧୫।୨:** ବିଗତ ଦିନରେ ବିଦେଶରେ ଭାରତୀୟ ଦେବାଦେବୀଙ୍କ ଫଟୋର ଅପବ୍ୟବହାର ନେଇ ବିଭିନ୍ନ ଘଟଣା ଦୃଷ୍ଟିଗୋଚର ହୋଇଥିବା ବେଳେ ଏବେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରାଯାଇଛି। ରୁଷିଆର ଏକ ବିୟର ବ୍ରାଣ୍ଡ ବୋତଲରେ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ସ୍ଥାନିତ କରାଯାଇଥିବାରୁ ଏହା ଭାରତୀୟଙ୍କ ମଧ୍ୟରେ ଆକ୍ରୋଶକୁ ବଢ଼ାଇ ଦେଇଛି। ଏହାର କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଭାରତୀୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ଓଡ଼ିଶାର ସାମାଜିକ ତଥା ରାଜନେତା ସୁପର୍ଣ୍ଣୋ ➢ପୃଷ୍ଠା-୬




## 'ଆମ ବସ୍'ରେ ଲାଗିବ 'ଆଡ଼ଅସ' ସିଷ୍ଟମ



**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ବାରମ୍ବାର ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଆମ ବସ ଦୁର୍ଘଟଣା ଘଟାଉଛି। ସରକାରୀ କଟକଣାକୁ ବି ମାନୁନାହାଁନ୍ତି ଡ୍ରାଇଭର। ଏହାକୁ ଦୃଷ୍ଟିରେ ରଖି ଆମ ବସରେ ଲାଗିବ ଆଡ଼ଅସ ସିଷ୍ଟମ, ଅର୍ଥାତ ଆଗୁଆ ସତର୍କ ପାଇଁ ସାଇରନ ବାଜିବ। ଡ୍ରାଇଭରର ଆଖି ଲାଗିଲେ କି ଅନ୍ୟ କିଛି ତ୍ରୁଟି ହେଲେ ସାଇରନ ବାଜିବ। ଦୁର୍ଘଟଣା କମାଇବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ଏହା ସହ ସବୁ ଆମ ବସରେ କ୍ୟାମେରା ଲାଗିବ। ଦୁର୍ଘଟଣା କମାଇବାକୁ ୪୦ କିଲୋମିଟର ସ୍ପିଡ୍ ପାଇଁ ଗଭର୍ଣ୍ଣର ଲଗାଯାଇଛି। ରାଜଧାନୀ ସହ ୫ ମହାନଗର ନିଗମରେ ଜନସଂଖ୍ୟା ବଢ଼ୁଥିବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ➢ପୃଷ୍ଠା-୬

## ପୁଣି ବଢ଼ିଲା ଇ-କେୱାଇସି ଅବଧି

**୩୧ ମାର୍ଚ୍ଚ ପର୍ଯ୍ୟନ୍ତ ମହଲତ**



**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ରେସନ୍ କାର୍ଡଧାରୀଙ୍କ ପାଇଁ ଇ-କେୱାଇସିକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଥିବା ବେଳେ ଆଜି ଏହାର ଅନ୍ତିମ ତାରିଖ ଥିଲା। କିନ୍ତୁ ଏବେ ଏହି ସମୟକୁ ଆହୁରି ଦେଢ଼ ମାସ ବଢ଼ାଇଦେଇଛନ୍ତି ସରକାର। ଅର୍ଥାତ୍ ଅଦ୍ୟାବଧି ଯେଉଁମାନେ ନିଜର ଇ-କେୱାଇସି କରାଇପାରିନାହାନ୍ତି, ସେମାନେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟ ପାଇବେ ବୋଲି ଆଜି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଆଜି ପର୍ଯ୍ୟନ୍ତ ପ୍ରାୟ ୯୦ ପ୍ରତିଶତ ହିତାଧିକାରୀ ନିଜର ଇ-କେୱାଇସି କରାଇଛନ୍ତି। ଅର୍ଥାତ୍ ଅଦ୍ୟାବଧି ମୋଟ ୨ କୋଟି ୯୯ ଲକ୍ଷ ୮ ହଜାର ୪୫୬ ଜଣ ହିତାଧିକାରୀ ଇ-କେୱାଇସି ପଞ୍ଜିକରଣ କରାଇଛନ୍ତି। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୫ ହଜାର ୨୫୮ ଜଣ ହିତାଧିକାରୀ ମଧ୍ୟ ଏଥିରେ ସାମିଲ୍। କିନ୍ତୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ହିତାଧିକାରୀଙ୍କ ମଧ୍ୟରୁ ପାଖାପାଖି ୧୨ ଲକ୍ଷ ଇ-କେୱାଇସି କରାଇନାହାନ୍ତି। ରାଜ୍ୟରେ ସମୁଦାୟ ୧୧୮୪୦ଟି ପିଡିଏସ୍ କେନ୍ଦ୍ରରେ ଇ-କେୱାଇସି ପଞ୍ଜିକରଣ ଜାରି ରହିଛି। ତେବେ କେତେକ ସ୍ଥାନରେ ନେଟ୍‌ୱାର୍କ ସମସ୍ୟା କାରଣରୁ ଇ-କେୱାଇସି ପଞ୍ଜିକରଣରେ ସମସ୍ୟା ହେଉଚି। ଏହି ସୂଚୀରେ ୩୪୧ଟି ପିଡିଏସ୍ ପଏଣ୍ଟ ରହିଥିବା ବେଳେ ୧୧୧ଟିରେ ନେଟ୍‌ୱାର୍କ ବେଶ୍ ମନ୍ଥର ଏବଂ ୨୩୦ଟିରେ ନେଟ୍‌ୱାର୍କ ଆଦୌ ଆସୁନଥିବା ମନ୍ତ୍ରୀ କହିଛନ୍ତି।

## ଘରୁ ମିଳିଲା ୩ ମୃତଦେହ

**ହତ୍ୟା ନା ଆତ୍ମହତ୍ୟା, ଖୋଳତାଡ଼ କରୁଛି ପୁଲିସ୍**

**ଢେଙ୍କାନାଳ, ୧୫।୨ (ସଂଚାର ବ୍ୟୁରୋ):** ତିନି ଦିନ ତଳେ ପୁଅ ପାଖକୁ ଯାଇଥିଲେ। ଘରେ ପ୍ରାୟତଃ ସବୁ ଠିକ୍‌ଠାକ୍ ଥିଲା। କିନ୍ତୁ ୩ ଦିନ ପରେ ଫେରିଲା ବେଳକୁ ପୁଷ୍ପାଞ୍ଜଳି ଦାସ ଘର ଭିତରେ ସ୍ୱାମୀ, ଝିଅ ଓ ନାତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏପରି ଏକ ଲୋମହର୍ଷଣକାରୀ ଘଟଣା ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ତିନି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଚାଉଳିଆ ଖମାର ଗ୍ରାମର ଶଙ୍କର୍ଷଣ ଦାସ ଜଣେ ରେଳ କର୍ମଚାରୀ ହୋଇଥିବା ବେଳେ ଚାକିରିରୁ ଅବସର ପରେ ଗାଁରେ ରହିଆସୁଥିଲେ। ସାଙ୍ଗରେ ପତ୍ନୀ ପୁଷ୍ପାଞ୍ଜଳି, ବିବାହିତା ଝିଅ ସୁବର୍ଣ୍ଣ ଦାସ (୪୦) ଓ ନାତି ସନ୍ତୋଷ କୁମାର ଦାସ (୧୬) ମଧ୍ୟ ରହୁଥିଲେ। ତେବେ କିଛି ଦିନତଳେ ପୁଷ୍ପାଞ୍ଜଳି ବାହାରେ ଚାକିରି କରୁଥିବା ତାଙ୍କ ପୁଅଙ୍କ ପାଖକୁ ଯାଇଥିଲେ। ସେତେବେଳେ ଘରେ ବାପ, ଝିଅ ଓ ନାତି ରହୁଥିଲେ। କିନ୍ତୁ ଆଜି ଘରକୁ ଫେରିବା ପରେ ପୁଷ୍ପାଞ୍ଜଳି ଘର କବାଟ ବନ୍ଦ ଥିବାରୁ ଖୋଲିବା ସାକଶେ ଡାକ ପକାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ଘର ➢ପୃଷ୍ଠା-୬



### କାନ ଡେରିଥା

ରକ୍ତ ବୁଝୁନାହିଁ ରକ୍ତର ମହତ୍ୱ
ଭାଇକୁ ହାଣୁଛି ଭାଇ
କଳିଯୁଗ ବୋଲି ଏମିତି ଘଟଣା
ସବୁ ସ୍ଥାନେ ଦିଶୁଥାଇ
କିଆଁ ନିଷ୍ଠୁର ହୁଅଇ...
ସେହି ଭାଇ ଯଦି ସଭା ମଧ୍ୟେ ଥାଏ
ଭାଇଟି ସଦା ଜିତଇ ।

■ ଦେବାଶିଷ

# କରିତ୍‌କର୍ମା ମିଲ୍ ମାଲିକଙ୍କ କଳାକାରନାମା

**ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ସାଲସାର ରାଇସ୍ ମିଲରେ ଦୁଇ ଦିନ ଧରି ଜିଲ୍ଲା ଯୋଗାଣ ବିଭାଗ ଚଢ଼ାଉ କରି ଧାନ, ଚାଉଳ ଜବତ କରିଥିବାବେଳେ ଏହି ଏହି ମିଲ୍‌ର କାରନାମା ପଦାକୁ ଆସିବାରେ ଲାଗିଛି। ଏହାର ମାଲିକ ପୂର୍ବରୁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାଠାରେ କରିଥିବା ରାଇସ୍ ମିଲ୍ ଧାନକିଣା ଅନିୟମିତତାରେ ମାତିଥିବା ଯୋଗୁଁ ତାହାକୁ ଧାନକିଣାରୁ ଦୂରେଇ ରଖାଯାଇଥିଲା।

ବାଲିଅନ୍ତାର ପରିବାସୁଦେବପୁରଠାରେ ଥିଲା ସନ୍ଥୁଲିଆ ରାଇସ୍ ମିଲ୍। ଧାନକିଣା ସମୟରେ ଚାଷୀଙ୍କ ଧାନ ନଉଠାଇବା ଓ ବାହାରୁ ଧାନ ଖରିଦ କରିବା ଯୋଗୁଁ ଏକାଧିକ ସମବାୟ ସମିତି ଏହି ମିଲ୍ ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ। ତତ୍କାଳୀନ ଜିଲ୍ଲାପାଳ ସିଧାସଳଖ ଚିଠି ଲେଖି ମିଲ୍ ମାଲିକଙ୍କଠାରୁ କୈଫିୟତ ତଲବ କଲେ। ହେଲେ ମିଲ୍ ମାଲିକ ଜିଲ୍ଲାପାଳଙ୍କ ଚିଠିକୁ ଗୁରୁତ୍ୱ ନ ଦେବାରୁ ଯୋଗାଣ ବିଭାଗ ଚଢ଼ାଉ କରି ଅନିୟମିତତା ଧରିଥିଲା।




- **ଅଭିଯୁକ୍ତ ସଂସ୍ଥାକୁ ଜଗତସିଂହପୁର ନେଲା କିଏ ?**
- **ଉଦ୍‌ଘାଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ**
- **ବଙ୍ଗଳାଦେଶ ଯାଉଛି ଓଡ଼ିଶା ଚାଉଳ**

ଜିଲ୍ଲାପାଳଙ୍କ ତାଗିଦା ଚଢ଼ାଉ ସମୟରେ ସତ ବୋଲି ଜଣାପଡ଼ିଥିଲା। ଫଳରେ ଯୋଗାଣ ବିଭାଗ ପକ୍ଷରୁ ସନ୍ଥୁଲିଆ ରାଇସ୍ ମିଲକୁ ୨୦୨୧-୨୨ଖରିଫ ଧାନ ସଂଗ୍ରହରୁ ଦୂରେଇ ରଖାଗଲା। ପରେ ଏହାର ମାଲିକ ବାଲିକୁଦାରେ ଚାଉଳ କଳ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ଏହି କରିତ୍‌କର୍ମା ଅଣଓଡ଼ିଆ ଚାଉଳକଳ ମାଲିକଙ୍କୁ ଜଗତ୍‌ସିଂହପୁର ନେଲା କିଏ ଓ ସହଜରେ ତାକୁ କିଭଳି ଜମି ଓ ଅନ୍ୟାନ୍ୟ ସୁବିଧା ମିଳିଗଲା। ସରକାରୀ ସୁବିଧା ଯୋଗାଇଦେବା ପୂର୍ବରୁ ଏହାର ପୂର୍ବ ଇତିହାସକୁ କିଭଳି ବାବୁମାନେ ପରଖିଲେ ନାହିଁ।

ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚାଉଳ କଳକୁ ଅଳ୍ପଦିନ ତଳେ କୃଷି ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ବିଧାୟକ ଓ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ମିଲ୍ ଚାଲୁ ହେବା ପରେ ମିଲରଙ୍କ ପୁରୁଣା ରୋଗ ବାହାରିବା ସହିତ ମଣ୍ଡିରୁ ଧାନ ଉଠାଇବା ବଦଳରେ ବାହାରୁ ସଂଗ୍ରହ କରିବାରେ ଲାଗିଲେ। ଟ୍ରାକ୍ଟରରେ ଏତେ ପରିମାଣର ଧାନ ବୁହା ଦେଖି ସନ୍ଦେହ ହେବାରୁ ସନ୍ଥୁଲିଆ ଏବେ ଛୁ' ମାରିଛନ୍ତି। ଚଢ଼ାଉ ଜାରି ରହିଛି। ବିଶ୍ୱସ୍ତ ସୂତ୍ରରୁ ➢ପୃଷ୍ଠା-୬

## ସାଇମାଙ୍ଗଲ୍ୟ ଟ୍ରଷ୍ଟ ପକ୍ଷରୁ ଗ୍ରାମୀଣ ସ୍ୱାସ୍ଥ୍ୟସେବା ଶିବିର



ମହାକାଳପଡ଼ା,୧୫।୨ (ସଂଚାର ବ୍ୟୁରୋ): ସାଇମାଙ୍ଗଲ୍ୟ ଟ୍ରଷ୍ଟ, ପାଟୁଳିପଙ୍କ ଆନୁକୁଲ୍ୟରେ ୨୧ତମ ମାଗଣା ଗ୍ରାମୀଣ ସ୍ୱାସ୍ଥ୍ୟସେବା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଖପାଖ ଅଞ୍ଚଳର ୨୭ଜଣ ରୋଗୀ ପହଞ୍ଚି ଡାକ୍ତର କୁଳମଣି ପ୍ରଧାନଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ। ଗତବର୍ଷ ୨୦୨୪ ସେପ୍ଟେମ୍ବର ମାସଠାରୁ ନିରନ୍ତର ଭାବେ ପ୍ରତି ଶନିବାର ଅପରାହ୍ନରେ ମହାକାଳପଡା ବ୍ଲକ ପାଟୁଳିପଙ୍କ ଠାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଡାକ୍ତର ପିସି ମିଶ୍ର ଓ ଡାକ୍ତର କୁଳମଣି ପ୍ରଧାନ ଯୋଗଦେଇ ମାଗଣା ଚିକିତ୍ସା ସେବା ପ୍ରଦାନ କରୁଛନ୍ତି। ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ବଣ୍ଟନ କରାଯାଇଥାଏ। ପ୍ରତି ଶିବିରରେ ଟ୍ରଷ୍ଟର ସଦସ୍ୟମାନେ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ ଭାବେ ଉପସ୍ଥିତ ରହି ଲୋକମାନଙ୍କୁ ସେବା ଯୋଗାଉଥିବାରୁ ସଭାପତି ସତ୍ୟଜିତ୍ ମହାନ୍ତି ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଦେବାସହ ଅଞ୍ଚଳର ଜନସାଧାରଣ ବହୁମାତ୍ରାରେ ଯୋଗଦେଇ ଏହି ସ୍ୱାସ୍ଥ୍ୟ ସେବାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି।

## ବୈଜୟନ୍ତଙ୍କୁ ପଣ୍ଡାଙ୍କୁ ଅଭିନନ୍ଦନ



ପଟ୍ଟାମୁଣ୍ଡାଇ,୧୫।୨ (ସଂଚାର ବ୍ୟୁରୋ): ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମର୍ଯ୍ୟାଦାଜନକ ଆୟକର ବିଲ ଚୟନ କମିଟି ଅଧକ୍ଷ ଭାବେ ଲୋକସଭା ବାଚସ୍ପତି ଓମ ବିର୍ଲା ମନୋନୀତ କରିଥିବାରୁ ତାଙ୍କୁ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ, ଯୁବନେତା ସୁଶୀଲ ପରିଡା, ଆଡ଼ଭୋକେଟ ପ୍ରମୋଦ ସାହୁ, କାଉନସିଲର ବିଦ୍ୟାଧର ସେଠୀ ଚନ୍ଦନ ପାତ୍ର, ଗିରିଜାଶଙ୍କର ସାମଲ,ପରେଶ ସାହୁ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୫।୨ (ସଂଚାର ବ୍ୟୁରୋ): ରାଜନଗର ଥାନରେ ନୂତନ ଆଇଆଇସି ଭାବରେ ନରେଶ କୁମାର ସାହୁ ଗତକାଲି ଯୋଗ ଦେଇଛନ୍ତି। ପୂର୍ବରୁ ଶ୍ରୀ ସାହୁ ଖଲ୍ଲିକୋଟ ଥାନା ଆଇଆଇସି ଭାବରେ କାମ କରି ନିକଟରେ ସଂସାରଫଳ ଗ୍ରାମାଞ୍ଚଳ ଥାନା ଆଇଆଇସି ଭାବେ ଅଳ୍ପ ଦିନ ହେବ ଯୋଗଦେଇଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ମୟୁରଭଞ୍ଜ ବଦଳି ହେବା ପରେ ତାଙ୍କ ସ୍ଥାନରେ ଆଇଆଇସି ଶ୍ରୀ ସାହୁ ଯୋଗଦେଇଛନ୍ତି। ଆଜି ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆଇଆଇସି ଶ୍ରୀ ସାହୁଙ୍କୁ ଭେଟି ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ରାଜନଗର ବ୍ଲକ ସରପଞ୍ଚ ସଙ୍ଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଚିତ୍ତ ରଂଜନ ପଣ୍ଡା, ଶୈଳେନ୍ଦ୍ର କୁମାର ମିଶ୍ର, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ସୁଶ୍ରୀ ସଂଗୀତ ମିଶ୍ର, ବୀଣାପାଣି ପ୍ରଧାନ, ରାନିମଞ୍ଜରୀ ସେଠୀ, ଶାନ୍ତିଲତା ବିଶ୍ୱାଳ, ରଂଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ସାଗର ରାଉତ ଓ ଅକ୍ଷୟ ସେଠୀ ପ୍ରମୁଖ ଭେଟି ରାଜନଗର ଭଳି ରାଜନୈତିକ ସଚେତନଶୀଳ ଅଞ୍ଚଳରେ ସେ ସମଭାବରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା କରିଛନ୍ତି।

## ହନୁମାନ ମନ୍ଦିରର ଗର୍ଭଗୃହ ଭରଣ ଉତ୍ସବ



ଆଳି,୧୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମନ୍ଦିର ମାଳିନୀ ମାଣିକ ପାଟଣା ପଂଚାୟତର ବ୍ରାହ୍ମଣୀ ନଦୀ କୂଳରେ ନବ ନିର୍ମିତ ଶ୍ରୀ ଶ୍ରୀ ହନୁମାନ ଜୀଉ ମନ୍ଦିରର ଗର୍ଭଗୃହ ଭରଣ ଉତ୍ସବ ଧୁମ ଧାମରେ ପାଳିତ ହୋଇଛି। ଭକ୍ତିମୟ ପରିବେଶରେ କମ୍ପୁଥିଲା ଅଞ୍ଚଳ। ସ୍ଥାନୀୟ ଅଂଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଆଗମନରେ ମନ୍ଦିର ପରିବେଶ ଉତ୍ସାହ ହେବା ବେଳେ ଶଙ୍ଖ, ଘଣ୍ଟ, କୀର୍ତ୍ତନ ସାଙ୍ଗକୁ ହରି ବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ଗର୍ଭ ଗୃହ ଭରଣ ନିମନ୍ତେ ଶ୍ରଦ୍ଧାଳୁମାନେ ଧାନ, ଶସ୍ୟ, ସୁନା, ରୁପା, ପିତଳ ପ୍ରଭୃତି ଧାତୁ ଦ୍ରବ୍ୟ ମୁକ୍ତ ହସ୍ତରେ ଦାନ କରିଥିଲେ। ମା କଣ୍ଟେଶ୍ୱରୀ ଯୁବକ ସଙ୍ଘର ସମସ୍ତ ସଭ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ୨୦୧୧ ଆରମ୍ଭ ହୋଇଥିବା ମନ୍ଦିର ଆଜି ଗର୍ଭଗୃହ ଭରଣାରେ ଶେଷ ହୋଇଛି। ୨୦୨୭ ମସିହାରେ ଏହି ଭବ୍ୟ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରିବାକୁ ଦୃଢ଼ ଆଶା ବାନ୍ଧିଛନ୍ତି ଗ୍ରାମବାସୀ।

# କାମରେ ଲାଗୁନି ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ

**● ପଡ଼ିଆ ପଡ଼ିଛି ହେକ୍ଟର ହେକ୍ଟର ଚାଷ ଜମି ● ଚିନ୍ତାରେ ଚାଷୀ**



ଆଳି,୧୫।୨ (ସଂଚାର ବ୍ୟୁରୋ): ସରକାର ଚାଷୀଙ୍କ ପାଇଁ ଜମିରେ କିପରି ପାଣି ପହଞ୍ଚିବ ଓ ଚାଷୀ ଚାଷ କରି ସ୍ୱାବଲମ୍ବି ହେବ ସେଥିଲାଗି ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ପ୍ରକଳ୍ପ ହେଉଛି ହେଲେ ଚାଷୀର କ୍ଷେତକୁ ଯାଉନି ପାଣି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅଧୀନ ଅରଗଳ ପଞ୍ଚାୟତରେ ୨୦୧୫ ମସିହାରେ ହଜାର ହଜାର ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାର ଆରମ୍ଭ କରିଥିଲେ ୧୮ କୋଟି ବ୍ୟୟରେ ଏକ ବୃହତ୍ ପାର୍ବତୀଗିରି ଉଠା ଜଳ ସେଚନ ପ୍ରକଳ୍ପ। ଯାହା ୪ ବର୍ଷ ବା ୨୦୧୯ ଶେଷ ହୋଇଥିଲା। ଲକ୍ଷ୍ୟ ଥିଲା ଏହି ପଞ୍ଚାୟତ ଓ ଆଖପାଖ ପଞ୍ଚାୟତ ଚାଷଜମିକୁ ଜଳସେଚିତ କରିବାକୁ। ଏହି ପ୍ରକଳ୍ପ କିନ୍ତୁ ବର୍ଷକରେ ଦୁଇ ମାସ ଚାଲି ଥାଏ ତାହାବି ବର୍ଷା ଋତୁରେ। କିନ୍ତୁ ଏହି ଜଳସେଚନ ଉପର ମୁଣ୍ଡକୁ ଜଳ ପହଞ୍ଚି ପାରେ ନାହିଁ ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି।

ଅନ୍ୟପଟେ ପାଣି ପହଞ୍ଚୁ ନଥିବାରୁ ହଜାର ହଜାର ହେକ୍ଟର ଜମି ପଡ଼ିଆ ପଡ଼ି ରହିଥାଏ। ତେବେ ଏଠି ପ୍ରଶ୍ନ ଉଠିଛି କାହା ସ୍ୱାର୍ଥରେ ହୋଇଥିଲା ଏତେ ବଡ଼ ପ୍ରକଳ୍ପ? ନା ଚାଲିଥିଲା ଠିକାଦାର ପୋଷଣ ନୀତି? ଚାଷୀ ଅଭିଯୋଗ କରି କରି ମଧ୍ୟ ଶେଷରେ ଚାଷୀ କୁଳ ଏବେ ହତାଶ ।

ଲୋକଙ୍କ କହିବା ଅନୁଯାୟୀ ଖରସ୍ରୋତା ନଦୀରୁ ପାଣି ଶୁଖି ଯିବାରୁ ପମ୍ପର ପାଖରେ ପାଣି ପଞ୍ଚିପାରୁନାହିଁ। ଯଦି ଚାଷୀଙ୍କ ପାଇଁ ଏ ପ୍ରୋଜେକ୍ଟ ତାହେଲେ କାହିଁକି ଜଳସେଚିତ ହେଉନାହିଁ ଚାଷୀଙ୍କ ଜମି। କାହିଁକି ହେକ୍ଟର ହେକ୍ଟର ଜମି ପଡ଼ିଆ ରହିବ। ଜନସାଧାରଣଙ୍କ ଟିକସ ପାଣିରେ ପଡ଼ିବ କି? ଏ ନେଇ ବିଭାଗିୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଏହା କିପରି କାର୍ଯ୍ୟକ୍ଷମ ହୋଇ ପାରିବ ସରକାର ସେଥି ଲାଗି ବିହିତ ପଦକ୍ଷେପ ନେବାକୁ ଅଞ୍ଚଳରେ ଦାବି ଧରିଛି ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ରାଜନଗର,୧୫।୨ (ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ସହିତ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ରାଜନଗର ଥାନାରେ କେସ ନମ୍ବର ୪୬ରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରୁ ଅଭିଯୁକ୍ତ ପ୍ରମୋଦ ମଲ୍ଲିକଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା ଓ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀ ତାଙ୍କ ନାବାଳକ ଭାଣିଜୀକୁ ବିଷ୍ଣୁପୁର ଗ୍ରାମର ପ୍ରମୋଦ ମଲ୍ଲିକ ଅପହରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ରାଜନଗର ଥାନାରେ ନୂତନ ଆଇଆଇସି ଭାବେ ଗତକାଲି ସନ୍ଧ୍ୟାରେ ଯୋଗ ଦେଇଥିବା ନରେଶ କୁମାର ସାହୁ ଅଭିଯୋଗ ପାଇବା ପରେ ଏହାକୁ ଗୁରୁତ୍ୱର ସହକାରେ ନେଇ ସଙ୍ଗେ ସଙ୍ଗେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

# ଶିବଙ୍କୁ ମିଳିଲା ଆଶ୍ୱସ୍ତି, ସୌମ୍ୟଶ୍ରୀ ମହାକାଳପଡ଼ାର ନୂତନ ବିଡିଓ



ମହାକାଳପଡ଼ା,୧୫।୨ (ସଂଚାର ବ୍ୟୁରୋ): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ମହାକାଳପଡ଼ା ବ୍ଲକକୁ ନୂତନ ବିଡ଼ିଓ ନିଯୁକ୍ତି ମିଳିଛି। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଡ଼ିଓ ଭାବରେ କାର୍ଯ୍ୟ କରିଥିବା ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ମହାକାଳପଡ଼ାର ନୂତନ ବିଡ଼ିଓ ଭାବରେ ଦାୟିତ୍ୱ ମିଳିଛି।

ପୂର୍ବତନ ବିଡ଼ିଓ ସାଗର ନନ୍ଦଙ୍କ ବଦଳି ପରେ ମହାକାଳପଡ଼ା ବିଡ଼ିଓ ଆସନରେ କେହି ସ୍ଥାୟୀ ବିଡ଼ିଓ ନଥିଲେ। ମହାକାଳପଡ଼ା ତହସିଲଦାର ଭାବରେ କାର୍ଯ୍ୟରତ ଶିବ ମଲ୍ଲିକଙ୍କୁ ମହାକାଳପଡ଼ା ବ୍ଲକର ଭାରାପ୍ରାପ୍ତ ବିଡ଼ିଓ ଭାବରେ ପ୍ରଶାସନ ନିୟୋଜିତ କରିଥିଲା। କେବଳ ଶିବଙ୍କୁ ଭାରାପ୍ରାପ୍ତ ବିଡ଼ିଓ ନୁହେଁ ଏଥିସହିତ ପର୍ଯ୍ୟାୟକ୍ରମେ ସବରେଜିଷ୍ଟ୍ରାର ଓ ରାମଚଣ୍ଡୀ ମନ୍ଦିରର ଟ୍ରଷ୍ଟି ଭାବରେ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା। ଜଣେ ଅଧିକାରୀଙ୍କୁ ଚାରି ଗୋଟି ପଦବୀରେ ବସାଇ ଦେଇ ମହାକାଳପଡ଼ା ବିକାଶ ମୂଳକ କାର୍ଯ୍ୟରେ ସାରଥୀ ସଜାଇଥିଲା ପ୍ରଶାସନ। ଏନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ସହିତ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଏହାକୁ ନାପସନ୍ଦ କରିଥିଲେ। ଯଥାଶୀଘ୍ର ମହାକାଳପଡ଼ାକୁ ସ୍ଥାୟୀ ବିଡ଼ିଓ ନିଯୁକ୍ତି ପାଇଁ ଦାବି ହେଉଥିଲା।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ତା ୧୪ ଫେବୃଆରୀରେ ହୋଇଥିବା ଆଦେଶ ନମ୍ବର ପିଆର-ବିଡିଓ-ଇଏସଟିଟି-୦୦୫୨-୨୦୨୪-୪୨୩୪/ ପିଆର ଆଣ୍ଡ ଡିଡବ୍ଲୁ ରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଡ଼ିଓ ଭାବରେ କାର୍ଯ୍ୟ କରିଥିବା ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ମହାକାଳପଡ଼ାର ନୂତନ ବିଡ଼ିଓ ଭାବରେ ଦାୟିତ୍ୱ ମିଳିଛି। ମହାକାଳପଡ଼ା ବିକାଶର ମନ୍ଥର ଡଙ୍ଗାକୁ ପାଣିଗ୍ରାହୀଙ୍କ ନେତୃତ୍ୱ କେତେ ପ୍ରଭାବଶାଳୀ କରାଇବ ତାହା ଦେଖିବାକୁ ବାକି।

### କୋର୍ଟ ନିର୍ଦ୍ଦେଶକୁ ଅବମାନନା

## ଥାନାରେ ଅଟକ ରଖି ମାଡ଼ ମାମଲାରେ ଏସପିଙ୍କୁ ଭେଟିଲେ ପରିବାର ଲୋକେ



କେନ୍ଦ୍ରାପଡ଼ା,୧୫।୨ (ସଂଚାର ବ୍ୟୁରୋ): ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଏସଡିଜେଏମଙ୍କ କୋର୍ଟରୁ ଜାମିନରେ ଆସିଥିବା ଜଣେ ଅଭିଯୁକ୍ତଙ୍କୁ ମହାକାଳପଡା ଥାନାରେ ପୁଣି ଅଟକ ରଖି ମାଡ ମରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକେ ଶନିବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିବା ଜଣାପଡିଛି । ଘଟଣା ମୁତାବକ ମହାକାଳପଡା ଥାନା ଘଣ୍ଟିଆପଲ୍ଲୀ ଗ୍ରାମର ବାଉରୀବନ୍ଧୁ ମଲିକ ଓରଫ ବାଇଆ କେସ ନଂ-୧୫/୨୦୨୫ରେ ଅଭିଯୁକ୍ତ ଥାଇ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ରାପଡା ଏସଡିଜେମଙ୍କ କୋର୍ଟରୁ ଫେବୃଆରୀ ୧୨ ତାରିଖରେ ଜାମିନରେ ଆସିଥିଲେ। ମାତ୍ର ଫେବୃଆରି ୧୩ ତାରିଖରେ ମହାକାଳପଡା ଥାନା ଅଧିକାରୀ ବାଉରୀବନ୍ଧୁଙ୍କୁ ବିଳମ୍ବିତ ରାତିରେ ତାଙ୍କ ଘରୁ ଉଠାଇ ନେଇ ଥାନାରେ ଅଟକ ରଖି ମାଡ ମାରିବା ଓ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଓ ଜାତିଗତ ଆକ୍ଷେପ କରିଥିବା ନେଇ ବାଉରୀବନ୍ଧୁଙ୍କ ପରିବାର ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତେବେ ଜଣେ ବ୍ୟକ୍ତି କୋର୍ଟରୁ ଜାମିନରେ ଆସିଥିଲେ ମଧ୍ୟ ଜାମିନ ନିର୍ଦ୍ଦେଶନାମାକୁ ଥାନା ଗ୍ରହଣ ନକରିବା ଓ ପୁନର୍ବାର ଅଟକ ରଖି ନିର୍ଯ୍ୟାତନା ଦେବା ସ୍ଥାନୀୟ ଅଂଚଳରେ ଅଲୋଡନ ସୃଷ୍ଟି କରିଛି । ଆଇନ ରକ୍ଷାକାରୀ ସଂସ୍ଥା ଯଦି କୋର୍ଟ ନିର୍ଦ୍ଦେଶକୁ ନ ମାନିବ ତେବେ ସାଧାରଣ ଲୋକେ କିଭଳି ନ୍ୟାୟ ପାଇବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଅକାଳରେ ଚାଲିଗଲା ରୋଜଗାରିଆ ପୁଅ

- ବେସାହାରା ହେଲେ ପରିବାର
- ଗାଆଁ ଲୋକଙ୍କ ସହଯୋଗରେ ହେଲା ଶେଷକୃତ୍ୟ
- କେମିତି ଚଳିବ ସଂସାର ଚିନ୍ତାରେ ପରିବାର
- ସମସ୍ତଙ୍କ ସହଯୋଗ ଲୋଡିଲେ



ମହାକାଳପଡ଼ା,୧୫।୨ (ସଂଚାର ବ୍ୟୁରୋ): ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଏବେ ଦୋହଲି ପଡିଛି ଘରର ମେରୁଦଣ୍ଡ। ବେସାହାରା ହୋଇ ପଡିଛନ୍ତି ବିଧବା ମାଆ ଓ ପତ୍ନୀ। ଦୁଇ କୁନି କୁନି ପିଲାମାନଙ୍କୁ ମଣିଷ କରିବା ଓ ପରିବାର ପ୍ରତିପୋଷଣ ଚିନ୍ତା ଏବେ ସେମାନଙ୍କୁ ଚିନ୍ତାରେ ପକାଇଛି। ଶବ ସତ୍କାର ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ବେଳେ ଆଗକୁ ଶୁଦ୍ଧିକ୍ରିୟା କେମିତି ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ପରିବାର। ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳିଅଞ୍ଚ ଗ୍ରାମରେ। ଗ୍ରାମର ନିଳମଣୀ ରାଉତଙ୍କ ପୁଅ ପ୍ରଣବ ରାଉତ(୩୦) ମାଆ ପଦ୍ମାଳୟା ଓ ପତ୍ନୀ ସୋନାଲି ଙ୍କ ସହ ଦୁଇ ସନ୍ତାନଙ୍କ ସହିତ ହସଖୁସିରେ ଚଳୁଥିଲେ। ପ୍ରଣବ ଜଣେ କୁଶଳୀ ରିଜମିସ୍ତ୍ରୀ ଭାବରେ ବାହାରେ ବୁଲି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ହଠାତ୍ ତାଙ୍କ ଉପରକୁ ଦୁଃଖର କଳାବାଦଲ ମାଡ଼ି ଆସିଲା। କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବସ୍ଥାରେ ଗତକାଲି ତାଙ୍କର ଦେହାନ୍ତ ହେଇଯାଇଛି। ପରିବାରର ଏକମାତ୍ର ରୋଜଗାରିଆ ପୁଅ ର ମୃତ୍ୟୁ ଏବେ ପୁରା ପରିବାରକୁ ଅସହାୟ କରି ପକାଇଛି। ଦୁଇ ସନ୍ତାନଙ୍କୁ କେମିତି ମଣିଷ କରିବେ ଓ ପରିବାର ପ୍ରତିପୋଷଣ ଚିନ୍ତା ଏବେ ଶାଶୁ ବୋହୂଙ୍କୁ ଘାରିଛି। ଗ୍ରାମବାସୀଙ୍କ ସହଯୋଗରେ ପଣବଙ୍କ ଶବ ସତ୍କାର କରାଯାଇଛି। ଆଗକୁ ଦଶାହ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ପ୍ରଣବଙ୍କ ମାଆ। ସାମାଜିକ ସଙ୍ଗଠନ, ବିଧାୟକଙ୍କ ସମେତ ସରକାରଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି ପ୍ରଣବଙ୍କ ପତ୍ନୀ ଓ ଗ୍ରାମବାସୀ।

## ଖଳାରେ ଜଳିଗଲା ଚାଷୀଙ୍କ ବର୍ଷକର ଧାନ



ଆଳି,୧୫।୨ (ସଂଚାର ବ୍ୟୁରୋ): ନିଆଁଲାଗି ଖଳାରେ ଜଳିଗଲା ୫୦୦ରୁ ଉର୍ଦ୍ଧ୍ୱ ଧାନବସ୍ତା ଓ ଧାନ ଗଦା। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ପଦନପୁର ବସ୍ତିରେ। ଶନିବାର ଅପରାହ୍ନରେ ଘଟିଛି ଏହି ଭୟାବହ ଅଗ୍ନିକାଣ୍ଡ। ହଠାତ ଧାନ ଖଳାରେ ନିଆଁ ଲାଗିଥିବା ଲୋକେ ଦେଖିବାକୁ ପାଇଥିଲେ। ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ଧାସ ଏତେ ଥିଲା ଯେ ଲିଭାଇବା କଷ୍ଟସାଧ୍ୟ ହୋଇପଡିଥିଲେ। ସଂଗେ ସଂଗେ ଦମକଳ ବାହିନୀକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲା। ଖଳାରେ ୧୧ଜଣ ଚାଷୀ ଧାନ ଅମଳ କରିସାରିବା ପରେ ୫୦୦ରୁ ଉର୍ଦ୍ଧ୍ୱ ଧାନ ବସ୍ତାକୁ ରୁଣ୍ଡ କରିଥିଲେ। ଆଉ ଦୁଇଟି ଧାନଗଦା ମଧ୍ୟ ଅମଳ ହେବାକୁ ଥିଲା। କିନ୍ତୁ ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି।

## ଶ୍ରୀ ବଳଦେବଜୀଉ ମନ୍ଦିରର ଉନ୍ନତିକରଣ ବାବଦରେ ସ୍ପଷ୍ଟୀକରଣ ଚାହିଁଲେ ଗଣେଶ୍ୱର



କେନ୍ଦ୍ରାପଡ଼ା,୧୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ର ଉନ୍ନତିକରଣ ଓ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ବିଗତ ସରକାରଙ୍କ ସମୟରେ ୨୦୧୯-୨୦ ମସିହା ଠାରୁ କାର୍ଯ୍ୟ ଆରମ୍ଭ କରାଯାଇ ଥିଲେ ମଧ୍ୟ ୫ ବର୍ଷ ପରେ ମଧ୍ୟ ତାହା ସଂପୂର୍ଣ୍ଣ ହୋଇପାରି ନାହିଁ । ବିଧାୟକ ଗଣେଶ୍ୱର ବେହେରା ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟ ସଂପର୍କରେ ଓ କାର୍ଯ୍ୟର ବର୍ତ୍ତମାନ ର ସ୍ଥିତି ସଂପର୍କରେ ବିଭାଗୀୟ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଠାରୁ ବିଧାନସଭା ରେ ସ୍ପଷ୍ଟୀକରଣ ଚାହିଁଥିଲେ । ତେବେ ପ୍ରାୟ ସାଢେ ୧୦ କୋଟିଟଙ୍କା ବ୍ୟୟ ଅଟକଳ ରେ ୯ଟି କାମ କରାଯିବାର ଥିବାବେଳେ ସେଥି ମଧ୍ୟରୁ ୩ଟି କାର୍ଯ୍ୟ ଆଦୌ ଆରମ୍ଭ କରାଯାଇ ନାହିଁ । ଅପରପକ୍ଷ ରେ ମନ୍ଦିର ଉତର ରେ ଥିବା ବଗିଚାର ଉନ୍ନତି ୧ କୋଟି ଓ ସେହି ବଗିଚାରେ ହେରିଟେଜ କଟେଜ ନିର୍ମାଣ ପାଇଁ ୧ କୋଟି, ରଥଦାଣ୍ଡ ର ଉନ୍ନତି କାର୍ଯ୍ୟପାଇଁ ୧ କୋଟି, ଆଲୋକୀ କରଣ ପାଇଁ ୧ କୋଟି ୮୦ ଲକ୍ଷ, ମନ୍ଦିର ବେଢା ଆଲୋକୀ କରଣ ପାଇଁ ୫୦ ଲକ୍ଷ, ମନ୍ଦିର ସୁରକ୍ଷା ଡ୍ରେନେଜ୍ ୭୦ ଲକ୍ଷ, ସାନ୍ତସାହି କଲ୍ୟାଣ ମଣ୍ଡପ ପାଇଁ ୨ କୋଟି, ପୁରୁଣା ଚନ୍ଦନ ପୋଖରୀ କାର୍ଯ୍ୟ ପାଇଁ ୨ କୋଟି ୫୦ ଲକ୍ଷ (କାମ କରାଯାଇ ନାହିଁ) । ବିଧାୟକଙ୍କ ପାଣ୍ଠିରୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ୧୫ ଲକ୍ଷ କାମ ସଂପୂର୍ଣ୍ଣ ହୋଇନାହିଁ । ପ୍ରଭୃତି ତଥ୍ୟ ମାନ୍ୟବର ମନ୍ତ୍ରୀ ବିଧାନସଭା ରେ ଉତରରେ କହିଛନ୍ତି । ତେବେ ଏ ସମସ୍ତ ଅର୍ଥ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ-୧ ଦ୍ୱାରା ଖର୍ଚ୍ଚ କରାଯାଉ ଥିବାରୁ ଏହାର କେତେ ଅର୍ଥ ବଳିଛି ବା ଖର୍ଚ୍ଚ ହୋଇଛି, ସେ ତଥ୍ୟ ଉପଲବ୍ଧ ନାହିଁ ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାଶ୍ରମ ରୌପ୍ୟ ଜୟନ୍ତୀ

# ଭଲ ମଣିଷ ହେବା ପାଇଁ ମାତୃଭାଷାକୁ ଭଲ ପାଇବା ଦରକାର



ପଟ୍ଟାମୁଣ୍ଡାଇ,୧୫।୨ (ସଂଚାର ବ୍ୟୁରୋ): ସାମ୍ପ୍ରତିକ ମାତା ପିତାମାନେ ପିଲାମାନଙ୍କୁ ବଡ଼ ମଣିଷ କରିବା ପାଇଁ ସବୁ ଶକ୍ତି ଖଟାଇଛନ୍ତି । ବଡ଼ ମଣିଷ ହେବା ପାଇଁ ଯାଇ ପିଲାମାନେ ଦିଗହରା ହୋଇପଡୁଛନ୍ତି । ଆଜିର କୋମଳ ମତି ଶିଶୁମାନେ ବଡ଼ ମଣିଷ ନୁହେଁ ଭଲ ମଣିଷ ହେବା ପାଇଁ ମା, ମାଟି ଓ ମାତୃଭାଷାକୁ ଭଲ ପାଇବା ଦରକାର ଏବଂ ପିଲାର ଇଚ୍ଛା ଓ ପ୍ରବୃତ୍ତି ଅନୁଯାୟୀ ବୃତ୍ତି ନିର୍ଣ୍ଣୟ କରାଗଲେ ପିଲାମାନେ ସଫଳତା ହାସଲ କରି ପାରିବେ ବୋଲି ପଟ୍ଟାମୁଣ୍ଡାଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାଶ୍ରମର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନଙ୍କ ପୌରହିତ୍ୟରେ ବେଲତଳ ଠାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ କେନ୍ଦ୍ରାପଡ଼ା କଲେଜର ପ୍ରାକ୍ତନ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଚରିତ୍ର ସଂକଟ ଦେଖା ଦେଇଥିବାରୁ ସମାଜ ପଙ୍ଗୁ ହେବାକୁ ବସିଛି। ଉତ୍ତମ ଚରିତ୍ର ଅଭାବ ଯୋଗୁଁ ରାତାରାତି ବଡ଼ ଲୋକ ହେବା ନିଶାରେ ସମସ୍ତେ ଦୁର୍ନୀତିକୁ ଆପଣାଇବାରେ ବ୍ୟସ୍ତ। ଅସଦ ଉପାୟରେ ଅର୍ଥ ରୋଜଗାର ପାଇଁ ରୀତିମତ ପ୍ରତିଯୋଗିତା ଚାଲିଛି । ସାମାଜିକ ପରିବର୍ତ୍ତନ ପାଇଁ ଚରିତ୍ର ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି ବୋଲି ପ୍ରଫେସର ପରିଡା ମତପ୍ରକାଶ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାଶ୍ରମର ସାମଗ୍ରିକ ବିକାଶ ଓ ରାସ୍ତା ନିର୍ମାଣ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ରୌପ୍ୟ ଜୟନ୍ତୀ ଉତ୍ସବର ଅନ୍ୟତମ ଅତିଥି ଶିକ୍ଷାଶ୍ରମର ପ୍ରତିଷ୍ଠାତା ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଶ୍ରୀ ପ୍ରଧାନ ସ୍ୱାଗତଭାଷଣ ଓ ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାଶ୍ରମ ଅଧକ୍ଷ ରମେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଏଇ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

### ଅପରାଧ ନିୟନ୍ତ୍ରଣରେ ପୁଲିସ ଫେଲ୍

## ଥାନା ଘେରାଉ ଚେତାବନୀ ଦେଲା ସିପିଆଇଏମ୍



କେନ୍ଦ୍ରାପଡ଼ା,୧୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ପୁଲିସ ପ୍ରଶାସନର ଚରମ ନିଷ୍କ୍ରିୟତାର ସୁଯୋଗ ନେଇ ଅପରାଧୀମାନେ କେନ୍ଦ୍ରାପଡ଼ାକୁ ପରିଣତ ଚରାଭୂଇଁ କରିଦେଇଛନ୍ତି । ଫଳରେ ସାଧାରଣ ଜନତା ଏବେ ତ୍ରାହି ତ୍ରାହି ଡାକିବା ଆରମ୍ଭକରି ଦେଇଛନ୍ତି ବୋଲି ଅଭିଯୋଗ କରି ଆଜି ସିପିଆଇଏମ୍ କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟିଛନ୍ତି । ଏ ନେଇ ଦଳ ପକ୍ଷରୁ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହିତ ଅପରାଧୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗକୁ ପ୍ରତି ଥାନା ଘେରାଉ କରାଯିବ ବୋଲି ଜିଲ୍ଲା ସଂପାଦକ ଗୟାଧର ଧଳ ଚେତାବନୀ ଦେଇଛନ୍ତି । ଦଳ ପକ୍ଷରୁ କୁହାଯାଇଛି ଯେ କିଛିଦିନ ତଳେ ଗରାପୁର ଅଞ୍ଚଳରେ ଜଣେ ଲୋକଙ୍କୁ ପିଟିପିଟି ମାରି ଦିଆଗଲା। ଇନ୍ଦୁପୁର ଅଞ୍ଚଳରେ ମଧ୍ୟ ଜଣକୁ ହତ୍ୟା କରାଗଲା। ପଟ୍ଟାମୁଣ୍ଡାଇ ବଜାରରେ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଖଣ୍ଡା ଓ ମାରଣାସ୍ତ୍ର ଧରି ଆତଙ୍କ ଖେଳାଇଲେ, ଡେରାବିଶରେ ଜଣେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲା। ବାଲି ମାଫିଆଙ୍କ ପ୍ରାଦୁର୍ଭାବ ସାରା ଜିଲ୍ଲାରେ ବଢ଼ିବାରେ ଲାଗିଛି ଅଥଚ, ପୁଲିସ ସବୁ ଜାଣି ବି ହାତବାନ୍ଧି ଚୁପ୍ ବସିଛି। ମାର୍ଶାଘାଇର ପୋଦନା ଗାଁରେ ଅତ୍ୟାଚାରିତ ଗୋଟିଏ ନିରୀହ ପରିବାରକୁ ଏଯାଏ ନ୍ୟାୟ ମିଳିପାରିଲା ନାହିଁ। ଯେମିତି ଜଣାପଡୁଛି ଜିଲ୍ଲାର ଆଇନର ଶାସନ ନାହିଁ। ଏସ୍‌ପି ଯଦି ଅପରାଧ ନିୟନ୍ତ୍ରଣ ଦିଗରେ କୌଣସି ପଦକ୍ଷେପ ନ ନେବେ, ତେବେ ଆଗାମୀ ଦିନରେ ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସମ୍ପାଦକ ଶ୍ରୀ ଧଳଙ୍କ ସମେତ ଜଗତଜୀବନ ଦାଶ, କାଳୀପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥି, ମାଧବ ଦାସ, ରମେଶ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ମାଙ୍କଡ଼ କାମୁଡାରେ ୪ ଆହତ, ୨ ଗୁରୁତର

ମହାକାଳପଡ଼ା,୧୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଧନିଆପଡା ଗ୍ରାମରେ ମାଙ୍କଡ ଆତଙ୍କ ଦେଖିବାକୁ ମିଳିଛି। ମାଙ୍କଡ କାମୁଡାରେ ୪ ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼ଙ୍କ ଉପଦ୍ରବରେ ଏବେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଦୁଇ ଦିନ ମଧ୍ୟରେ ମାଙ୍କଡ କାମୁଡାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ୨ ଜଣ ଗୁରୁତରଙ୍କୁ କେନ୍ଦ୍ରାପଡା ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କାରାଯାଇଛି। କେଲୁ ଦାସ ନାମକ ଜଣେ ୮୦ ବର୍ଷିୟ ବୃଦ୍ଧଙ୍କର ବାମ ଗୋଡକୁ ମାଙ୍କଡ଼ କାମୁଡିବାରୁ ସୃଷ୍ଟି ହୋଇଛି ଗଭୀର କ୍ଷତ। ବୃଦ୍ଧଙ୍କ ଗୋଡର ଶିର କଟିଯାଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଷ୍ଟିଚ ପଡିଛି। ସେହିପରି ବାସନ୍ତି ବେହେରା ନାମକ ୫୫ ବର୍ଷୀୟ ବୃଦ୍ଧାଙ୍କର ଡାହାଣ ହାତରେ ସୃଷ୍ଟି ହୋଇଛି କ୍ଷତ। ସରିତା ସେଠୀଙ୍କର ଡାହାଣ ଗୋଡରେ ୯ଟି ଷ୍ଟିଚ ପଡିଛି। ମଞ୍ଜୁଲତା ଦାସ ଓ ବାସନ୍ତୀ ବେହେରା ମଧ୍ୟ ମାଙ୍କଡ଼ କାମୁଡାର ଶୀକାର ହୋଇଛନ୍ତି। ତୁରନ୍ତ ବନବିଭାଗ ମାଙ୍କଡଙ୍କୁ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଧାନସଭା ଖବର

### ମୁଖ୍ୟମନ୍ତ୍ରୀଙ୍କୁ ଟ୍ରୋଲ କରନି: ପ୍ରସନ୍ନ

**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଲୋକ। ସେ ସରଳ ଓ ଖୋଲା ହୃଦୟର ବ୍ୟକ୍ତି। ମନକୁ ଯାହା ଆସୁଛି ତାକୁ ଖୋଲାଖୋଲି ଭାବେ କହି ଦେଉଛନ୍ତି। ତେଣୁ ତାଙ୍କ କଥାକୁ ଧରି ଟ୍ରୋଲ ନକରିବାକୁ ପରାମର୍ଶ ଦେଉଛନ୍ତି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ। ଆଜି ଶୂନ୍ୟକାଳରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ଆଲୋଚନାରେ ନିଜ ମତ ରଖୁଥିବାବେଳେ ଶ୍ରୀ ଆଚାର୍ଯ୍ୟ ଏହା କହିଛନ୍ତି। ଆଲୋଚନା କାଳରେ ସେ ରାଜ୍ୟର ଅର୍ଥ ବ୍ୟବସ୍ଥା, ଆଇନଶୃଙ୍ଖଳା, ଧାନକିଣା, ପୂର୍ବତନ ସରକାରଙ୍କ ଯୋଜନା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ମତ ରଖିଥିଲେ। ଆଲୋଚନା ଶେଷରେ ଶ୍ରୀ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରସଙ୍ଗରେ ଏଭଳି ମନ୍ତବ୍ୟ ଦେଉଥିବାବେଳେ ତାଙ୍କୁ ବହୁ ସଦସ୍ୟ ଟେବୁଲ ବାଡ଼େଇ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା।

### ଶ୍ରୀମନ୍ଦିର ପାଇଁ ମାସିକ ୨୧,୯୪୩ କିଲୋ ଓମଫେଡ୍ ଘିଅ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଓମଫେଡ୍ ଘିଅର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଏହି ମନ୍ଦିରରେ ମାସକୁ ହାରାହାରି ୨୧,୯୪୩ କିଲୋଗ୍ରାମ ଓମଫେଡ୍ ଘିଅ ଆବଶ୍ୟକ ହେଉଛି ଓ ଏହି ପରିମାଣର ଘିଅ ମଧ୍ୟ ଯୋଗାଇ ଦିଆଯାଉଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ଓମଫେଡ୍ ଯୋଗାଉଥିବା ଘିଅ କୋଠଭୋଗ ସମେତ ଶ୍ରୀମନ୍ଦିରର ଅନ୍ୟାନ୍ୟ ରୋଷରେ ଭୋଗ ରନ୍ଧନ, ପିଠାପଣା ପ୍ରସ୍ତୁତି ଓ ଦୀପ ପ୍ରଜ୍ୱଳନରେ ବ୍ୟବହାର କରାଯାଉଛି। ଓମଫେଡ୍ ଘିଅକୁ ବାଧ୍ୟତାମୂଳକ କରାଯିବା ପରେ ଅତ୍ୟଧିକ ଦରରେ କେତେକାଂଶରେ ବୃଦ୍ଧି ଘଟିଥିବା ଅଭିଯୋଗ ହୋଇଛି। ତେବେ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ସମ୍ପୃକ୍ତ ସେବକ ନିଯୋଗଙ୍କ ସହିତ ଆଲୋଚନା କରାଯାଉଛି। ରାଜ୍ୟର ଅନ୍ୟ ମନ୍ଦିରମାନଙ୍କରେ ଓମଫେଡ୍ ଘିଅ ବ୍ୟବହାର ସଂକ୍ରାନ୍ତରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

### ୬ ମାସରେ ଅପରିବର୍ତ୍ତିତ ରହିଛି ମିଶନ ଶକ୍ତି ସଦସ୍ୟା ସଂଖ୍ୟା

ଗତ ଛ' ମାସ ମଧ୍ୟରେ ରାଜ୍ୟରେ ମିଶନ ଶକ୍ତି ସଦସ୍ୟାଙ୍କ ସଂଖ୍ୟାରେ କୌଣସି ବୃଦ୍ଧି ବା ହ୍ରାସ ଘଟିନାହିଁ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ମିଶନ ଶକ୍ତି ମହିଳାଙ୍କ ସଂକ୍ରାନ୍ତରେ ଶ୍ରୀ ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମିଶନଶକ୍ତି କାର୍ଯ୍ୟକ୍ରମରେ ଅଦ୍ୟାବଧି ମୋଟ ୬,୦୨,୦୧୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛି ଓ ଏଥିରେ ୭୦,୦୦,୦୧୦ ଜଣ ମହିଳା ନିୟୋଜିତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୧,୨୦୧ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଥିବାବେଳେ ୪,୨୮,୮୫୯ ଜଣ ସଦସ୍ୟା ଅଛନ୍ତି। ସେହିପରି ଝାରସୁଗୁଡ଼ା ଜିଲ୍ଲାରେ ମହିଳା ଗୋଷ୍ଠୀ ଓ ସଦସ୍ୟାଙ୍କ ସଂଖ୍ୟା ଯଥାକ୍ରମେ ୫୩୩୩ ଓ ୮୨,୬୨୫ ରହିଛି। ସବୁଠାରୁ କମ୍ ୫୫୫୮ ଗୋଷ୍ଠୀ ଓ ୫୨,୩୩୨ ଜଣ ମହିଳା ସଦସ୍ୟା ଦେଓ୍ୱଗଡ଼ ଜିଲ୍ଲାରେ ରହିଥିବା ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି 'ଲକ୍ଷପତି ଦିଦି' ଯୋଜନା ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଦ୍ୱାରା ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି ବିଭାଗ କାର୍ଯ୍ୟ କରୁଛି।

### ଆମେରିକାରୁ ଆସୁଛନ୍ତି ଅଧିକ ବିଦେଶୀ ପର୍ଯ୍ୟଟକ

ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ସର୍ବାଧିକ ଆମେରିକାର ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପମୁଖ୍ୟମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ, ବିଦେଶୀ ପର୍ଯ୍ୟଟକମାନେ ସାଧାରଣତଃ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଓ ପଶ୍ଚିମ ୟୁରୋପରୁ ଓଡ଼ିଶାକୁ ଆସିଥାନ୍ତି। ତେବେ ଏମାନଙ୍କ ମଧ୍ୟରେ ଆମେରିକାରୁ ଆସୁଥିବା ପର୍ଯ୍ୟଟକମାନେ ଏକ ନମ୍ବର ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲୀୟ ପର୍ଯ୍ୟଟକ। ଗତ ୨୦୨୩ରେ ଆମେରିକାରୁ ଓଡ଼ିଶାକୁ ୬୪୨୭ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଅଷ୍ଟ୍ରେଲିଆରୁ ଆସିଥିଲେ ୨୧୮୯ ଜଣ ପର୍ଯ୍ୟଟକ। ଅନ୍ୟ ଦେଶ ମଧ୍ୟରେ କାନାଡା, ଆର୍ଜେଣ୍ଟିନା, ବ୍ରାଜିଲ, ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରିଆ, ବେଲଜିୟମ, ଡେନମାର୍କ ଓ ଫିନ୍‌ଲାଣ୍ଡ ଭଳି ଦେଶରୁ ବି ପର୍ଯ୍ୟଟକମାନେ ଓଡ଼ିଶା ଆସୁଛନ୍ତି। ଫ୍ରାନ୍ସ, ଜର୍ମାନୀ, ସୁଇଜରଲାଣ୍ଡ, ଚେକୋସ୍ଲୋଭାକିଆ, ବାହାରିନ୍, ଇସ୍ରାଏଲ ଓ ତୁର୍କୀ ପର୍ଯ୍ୟଟକ ବି ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ବୁଲିବାକୁ ଆସୁଛନ୍ତି। ଏହି ପର୍ଯ୍ୟଟକମାନେ ମୁଖ୍ୟତଃ ପୁରୀ, କୋଣାର୍କ, ଭୁବନେଶ୍ୱର, ଧଉଳି, ଖୋର୍ଦ୍ଧା, ବ୍ରହ୍ମପୁର, ଗୋପାଳପୁର, କେନ୍ଦ୍ରାପଡା, ଖିଚିଂ, ଚାନ୍ଦିପୁର, ଘଟଗାଁ, ସମ୍ବଲପୁର ଆଦି ସ୍ଥାନରେ ଥିବା ପର୍ଯ୍ୟଟନସ୍ଥଳୀ ପରିଭ୍ରମଣରେ ଯାଇଛନ୍ତି। କିନ୍ତୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ପୁରୀ, କୋଣାର୍କ, ଧଉଳି ଓ ଭୁବନେଶ୍ୱରକୁ ଆସୁଥିବା ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ମିଶନ ଶକ୍ତି ସ୍କୁଟର ଯୋଜନାରେ ୪୦ ହଜାର ମହିଳାଙ୍କୁ ସହାୟତା

ମିଶନ ଶକ୍ତି ସ୍କୁଟର ଯୋଜନା ମାଧ୍ୟମରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୪୦,୪୬୫ ଜଣ ମହିଳାଙ୍କୁ ସ୍କୁଟର କିଣିବା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଛନ୍ତି। ଏହି ମହିଳାମାନେ ମହିଳା ମହାସଂଘର ମୁଖ୍ୟ ଓ ଗୋଷ୍ଠୀ ସହାୟତା କର୍ମଚାରୀ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ମିଶନ ଶକ୍ତି ମହିଳାଙ୍କୁ ସ୍କୁଟର ଖରିଦ ସହାୟତା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାରେ ସ୍କୁଟର ବାବଦ ବ୍ୟାଙ୍କ୍ ଋଣ ଉପରେ ସମସ୍ତ ସୁଧ ରାଜ୍ୟ ସରକାର ବହନ କରୁଛନ୍ତି। ଏ ବାବଦରେ ରାଜ୍ୟ ସରକାର ୧୪ଟି ବ୍ୟାଙ୍କ୍‌କୁ ମୋଟ ୫୫ କୋଟି ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଛି। ମିଶନ ଶକ୍ତି ସ୍କୁଟର ଯୋଜନା ମାଧ୍ୟମରେ କିଣିଥିବା ସ୍କୁଟରକୁ ମହିଳାମାନେ ଦୈନନ୍ଦିନ କାର୍ଯ୍ୟ ଯଥା ଜୀବନଜୀବିକା ବାବଦୀୟ ଯାତାୟାତ ଇତ୍ୟାଦିରେ ଲଗାଉଛନ୍ତି। ବ୍ୟାଙ୍କ୍ ମାଧ୍ୟମରେ ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ ଏହି ଯୋଜନାରେ କୌଣସି ମହିଳା ଋଣ ପରିଶୋଧରେ କୌଣସି ଖିଲାପ କରିନାହାନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଅଙ୍ଗନବାଡି କେନ୍ଦ୍ର ପାଇଁ ମାସକୁ ୫ କୋଟିରୁ ଅଧିକ ଅଣ୍ଡା

ରାଜ୍ୟର ଅଙ୍ଗନବାଡ଼ିଗୁଡ଼ିକରେ ମାସକୁ ୫ କୋଟିରୁ ଅଧିକ ଅଣ୍ଡା ଦିଆଯାଉଛି। ଅଣ୍ଡାର ଦରବୃଦ୍ଧି ହେଲେ ଜିଲ୍ଲାସ୍ତରୀୟ କମିଟି ଗୋଟିଏ ଅଣ୍ଡା ବଦଳରେ ସମାନ କ୍ୟାଲେରୀଯୁକ୍ତ ଅନ୍ୟ ଖାଦ୍ୟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ତେବେ ଅଣ୍ଡା ବାବଦ ଦର ବୃଦ୍ଧି ପାଇଁ ଏକ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ଅଙ୍ଗନବାଡି ପିଲାଙ୍କୁ ଅଣ୍ଡା ଯୋଗାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଙ୍ଗନବାଡି କେନ୍ଦ୍ରରେ ୩ରୁ ୬ ବର୍ଷ ବୟସର ବିଭିନ୍ନ କିସମର ମୋଟ୍ ୩୨,୩୮,୪୩୧ ଜଣ ଶିଶୁ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କୁ ମାସକୁ ୧୨ରୁ ଆରମ୍ଭ କରି ୩୦ଟି ପର୍ଯ୍ୟନ୍ତ ଅଣ୍ଡା ଯୋଗାଇ ଦିଆଯାଉଛି। ଏଥିପାଇଁ ପ୍ରତି ମାସରେ ୫,୬୪,୫୮,୯୫୩ଟି ଅଣ୍ଡା ଦରକାର ହେଉଛି। ପରିପୂରକ ପୁଷ୍ଟି ଯୋଜନା ଅଧୀନରେ ସାଧାରଣ ଶିଶୁଙ୍କ ପାଇଁ ଦୈନିକ ୮ ଟଙ୍କା ଓ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ପାଇଁ ଦୈନିକ ୧୨ ଟଙ୍କା ହିସାବରେ ବର୍ଷକୁ ୩୦୦ ଦିନ ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ୬ ମାସରୁ ୩ ବର୍ଷର ଶିଶୁଙ୍କୁ ଛତୁଆ, ଅଣ୍ଡା, ଶୁଖିଲା ରାସନ ଯୋଗାଇ ଦିଆଯାଉଛି ଓ ୩ ବର୍ଷରୁ ୬ ବର୍ଷର ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳ ଜଳଖିଆ ସହ ଗରମ ରନ୍ଧାଖାଦ୍ୟରେ ଅଣ୍ଡା ଦିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ମାର୍ଗଦର୍ଶିକା ଜାରି

# ୨୪ ଘଣ୍ଟାରେ ଜଳାଭାବ ଅଭିଯୋଗର ସମାଧାନ



**ଭୁବନେଶ୍ୱର,୧୫।୨ (ସଂଚାର ବ୍ୟୁରୋ):** ଅସାଧାରଣ ବର୍ଷା ଓ ଅନିୟମିତ ଜଳବାୟୁ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏହାବ୍ୟତୀତ ବଡ଼ ବଡ଼ କୋଠା ପୃଷ୍ଠ, ଅଧିକ ରାସ୍ତା ପୃଷ୍ଠ ଓ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତ୍ତିଭୂମି ଯୋଗୁଁ ସହରାଞ୍ଚଳରେ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ମାର୍ଗଦର୍ଶିକା (ଏସ୍‌ଓପି) ଜାରି କରିବା ସହ ଏହାକୁ କଡାକଡ଼ି ପାଳନ କରିବା ଓ ସମସ୍ତ ପୌରାଞ୍ଚଳ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ସକାଶେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ସକାଶେ ପାଇପଲାଇନଗୁଡ଼ିକୁ ସଠିକ୍ ଅବସ୍ଥାରେ ରଖାଯିବା ସହ କୌଣସି ପ୍ରକାର ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବା, ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଅଭାବୀ ପକେଟରେ ପାଣି ଟ୍ୟାଙ୍କର ନିୟୋଜିତ କରାଯିବା ଉଚିତ। ଆବଶ୍ୟକ ହେଲେ ଅତିରିକ୍ତ ସଂଖ୍ୟକ ଟ୍ୟାଙ୍କର ନିଯୁକ୍ତି ଭିତ୍ତିରେ ବ୍ୟବସ୍ଥା କରାଯିବ। ସମସ୍ତ ନଳକୂପ/ହ୍ୟାଣ୍ଡ୍‌ପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ପଡିବ। ହ୍ୟାଣ୍ଡ୍‌ପମ୍ପ/ନଳକୂପଗୁଡ଼ିକର ମରାମତି ପାଇଁ ଯନ୍ତ୍ରାଦି ପ୍ରସ୍ତୁତ ରଖିବାକୁ ପଡ଼ିବ। ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ସହ ଜଳ ଅଭାବ ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନେବାକୁ ଉକ୍ତ ମାର୍ଗଦର୍ଶିକାରେ କୁହାଯାଇଛି।

ଏଥିରେ ଆହୁରି ଦର୍ଶାଯାଇଛି ଯେ ମ୍ୟୁନିସିପାଲିଟି କଠିନ ଅଳିଆ, ବଗିଚା/ଗଛର ଅବଶିଷ୍ଟାଂଶ ପୋଡ଼ିବା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବାର ସମ୍ମୁଖରେ ଗୋଟିଏ ପାତ୍ର ପାଣି ରଖିବା ପାଇଁ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରାଯିବ। ଉଡୁଥିବା ଧୂଳିକୁ ଯାଞ୍ଚ ଓ ବନ୍ଦ କରିବା ପାଇଁ ନିର୍ମାଣ ସଂସ୍ଥା ଓ ବିଭିନ୍ନ ପରିବାରକୁ ନିର୍ମାଣ କ୍ଷେତ୍ରକୁ ଘୋଡ଼ାଇ ରଖିବା ଦିଗରେ ସତର୍କ କରାଯିବ। ଏଥିସହ ଖୋଲା ଅଂଶରେ ପାଣି ସିଞ୍ଚନ ନେଇ ସତର୍କତା ସୃଷ୍ଟି କରାଯିବ। ବାଲି, ଇଟା, ସିମେଣ୍ଟ ଓ ଅଳିଆ ପରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ତାରପୋଲିନ୍ ସିଟ୍ ଦ୍ୱାରା ଆଚ୍ଛାଦିତ କରାଯିବା ସହ ସେଗୁଡ଼ିକର ଗତିକୁ ସୀମିତ ରଖାଯିବା ଉଚିତ। ରାସ୍ତା ପାଖରେ ଥିବା ମାଟି ସ୍ତରକୁ ଧାତୁ ସ୍ତର ଅପେକ୍ଷା ନିମ୍ନ ସ୍ତରରେ ରଖାଯିବା ଉଚିତ। ଏହାଦ୍ୱାରା ରାସ୍ତାରେ ଜମିଥିବା ବର୍ଷାଜଳ ପୁଣି ରାସ୍ତାରେ ଆସିପାରିବ। ସହରାଞ୍ଚଳରେ ସହରାଞ୍ଚଳରେ କୋଇଲା କିମ୍ବା କୋଇଲା ବ୍ରିକେଟ ବ୍ୟବହାର ନିଷେଧ ହେବ ବୋଲି ଉକ୍ତ ମାର୍ଗଦର୍ଶିକାରେ ଦର୍ଶାଯାଇଛି।

### କେବଳ ଅସମର୍ଥ ମାତାପିତାଙ୍କୁ ଭରଣପୋଷଣ ମିଳିବ: ହାଇକୋର୍ଟ

**କଟକ,୧୫।୨(ସଂଚାର ବ୍ୟୁରୋ):** ବାପାଙ୍କୁ ଭରଣପୋଷଣ ଦେବା ପାଇଁ ପୁଅକୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହ ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ଅନୁସାରେ କେବଳ ଜଣେ ବରିଷ୍ଠ ନାଗରିକ ହୋଇଗଲେ ସନ୍ତାନ ବା ସମ୍ପର୍କୀୟଙ୍କ ନିକଟରୁ ଭରଣପୋଷଣ ପାଇବା ପାଇଁ ହକଦାର ହେବେନାହିଁ, ବରଂ ଉକ୍ତ ବରିଷ୍ଠ ନାଗରିକ ଯଦି ରୋଜଗାର କରିବାକୁ ଅସମର୍ଥ ଥିବେ ଅଥବା ତାଙ୍କ ପାଖରେ ଆୟର କୌଣସି ପନ୍ଥା ନଥିବ, ସେ କ୍ଷେତ୍ରରେ ସେ ଭରଣପୋଷଣ ପାଇବା ପାଇଁ ହକଦାର ହେବେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ନିଜ ପାଳନପୋଷଣରେ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଯଦି ତାଙ୍କ ସନ୍ତାନ ବା ସମ୍ପର୍କୀୟ ଉପେକ୍ଷା କରୁଥିବେ, ତା'ହେଲେ ଏଭଳି କ୍ଷେତ୍ରରେ ଭରଣପୋଷଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।

# ବିଜେଡି ଉପରେ ବର୍ଷିଲେ ପ୍ରଫୁଲ୍ଲ



**ଘରବାହୁଡ଼ା ସଙ୍କେତ ଦେଲେ**

**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ଗତ ୨୦୨୧ରେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ୍ ହୋଇଥିବା ପୁରୁଖା ନେତା ଡାକ୍ତର ପ୍ରଫୁଲ୍ଲ ମାଝୀ ଆଜି ଏହି ଦଳ ଉପରେ ବର୍ଷିଛନ୍ତି। ଏପରିକି ବିଜେଡି ଧ୍ୱଂସ ପାଇଯିବ ବୋଲି ମଧ୍ୟ କହିବାକୁ ପଛାଇନାହାନ୍ତି ଏହି ନେତା। ଏଥିସହ ଖୁବ୍‌ଶୀଘ୍ର ତାଙ୍କର ଘରବାହୁଡ଼ା ହେବା ନେଇ ମଧ୍ୟ ସେ ସଙ୍କେତ ଦେଇଛନ୍ତି।

ଡାକ୍ତର ମାଝୀ କହିଛନ୍ତି ଯେ ଅନେକ ପ୍ରତିଶ୍ରୁତି ଦେଇ ବିଜେଡି ତାଙ୍କୁ ଦଳରେ ସାମିଲ୍ କରିଥିଲେ ହେଁ ଅଦ୍ୟାବଧି ଏହି ଦଳ ଗୋଟିଏ ବି କୌଣସି ପ୍ରତିଶ୍ରୁତି ପୂରଣ କରିପାରିନାହିଁ। ଲୋକଙ୍କ କାମ କରିବା ସକାଶେ କଂଗ୍ରେସ ଛାଡ଼ି ବିଜେଡିକୁ ଯାଇଥିଲେ ମଧ୍ୟ ତାଙ୍କର ଏହି ଆଶା ପୂରଣ ହୋଇପାରିନାହିଁ। ତେଣୁ ବିଜେଡିରେ କାହିଁକି ରହିବି ବୋଲି ଡା. ମାଝୀ କ୍ଷୋଭର ସହକାରେ କହିଛନ୍ତି। ସେହିପରି ଡା. ମାଝୀ କହିଛନ୍ତି ଯେ ବିଜେଡିକୁ ପୋଖତ ନେତା ଚଳାଇବାର ଆବଶ୍ୟକତା ରହିଛି। ଯଦି ନେତାଙ୍କ ସ୍ଥାନରେ ଏହାର ପରିଚାଳନା ଦାୟିତ୍ୱ ଅନ୍ୟ କେହି ତୁଲାନ୍ତି, ତା'ହେଲେ ଏହି ଆଞ୍ଚଳିକ ଦଳ ଧ୍ୱଂସ ହେବା ନିଶ୍ଚିତ। ବିଜେଡିରେ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଦଳର କିଛି ବି ଭବିଷ୍ୟତ କିଛି ନାହିଁ। ଏପରିକି ମୁଖ୍ୟାଳୟକୁ ଫୋନ୍ କଲେ କେହି ଉଠାନ୍ତି ନାହିଁ ବୋଲି ଡାକ୍ତର ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ କଂଗ୍ରେସ ଆମକୁ ପରିଚୟ ଦେଇଛି, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ତିନି ତିନି ଥରର ବିଧାୟକଙ୍କୁ ଦଳରେ ଯେଉଁ ସମ୍ମାନ ମିଳିବା କଥା, ତାହା ମିଳିଲା ନାହିଁ। ସେଥିପାଇଁ ଦଳ ଛାଡ଼ିବାକୁ ବାଧ୍ୟ ହେଲୁ। ଆଉ ଲୋକଙ୍କ ପାଇଁ କାମ କରିବା ସକାଶେ ବିଜେଡିରେ ସାମିଲ୍ ହୋଇଥିଲୁ। ଏବେ କିନ୍ତୁ ବିଜେଡିରେ ଆଉ ରହିବାର ପ୍ରଶ୍ନ ଉଠୁନାହିଁ। ଏହାଛଡ଼ା ବିଜେପି ଦେଇଥିବା ପ୍ରତିଶ୍ରୁତି ରଖିନାହିଁ। ତେଣୁ ଏପରି ସ୍ଥିତିରେ ବିକଳ୍ପ ଭାବେ କଂଗ୍ରେସ ରହିଛି ବୋଲି ଡା. ମାଝୀ କହିଛନ୍ତି। ସେହିପରି କଂଗ୍ରେସର ନୂଆ ସଭାପତି ଭକ୍ତ ଚରଣ ଦାସଙ୍କୁ ସେ ଜଣେ ଭଲ ସଙ୍ଗଠକ ବୋଲି କହିବା ସହ କଂଗ୍ରେସକୁ ସଙ୍ଗଠିତ କରିବା ପାଇଁ ଚାହିଁଲେ ଓ ଦଳ ଛାଡ଼ିଥିବା ନେତାଙ୍କୁ ଡାକିଲେ, ତାଙ୍କ ପ୍ରସ୍ତାବର ବିଚାର କରିବେ ବୋଲି ଡା. ମାଝୀ କହିଛନ୍ତି।

### ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ୍ ଅଧ୍ୟକ୍ଷ



**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟ ଅର୍ଥନୀତି ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶ୍ରୀ ସିଂହଦେଓ ନିଜର ପୂର୍ବ ଓ ବର୍ତ୍ତମାନର ଅଭିଜ୍ଞତାକୁ ଆଧାର କରି ତୃଣମୂଳ ସ୍ତରରୁ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ବହୁ ଉପାଦେୟ ପରାମର୍ଶ ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀ ପଣ୍ଡାଙ୍କ ସମେତ କମିଶନ୍‌ର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ, ଡ. ବିଭୁ ପ୍ରସାଦ ନାୟକ ଓ ଅର୍ଥ ବିଭାଗ ଯୁଗ୍ମ ଶାସନ ସଚିବ ତାରାକାନ୍ତ ଭକ୍ତ ଉପସ୍ଥିତ ଥିଲେ।

### ମା' ଗାଳି ଅସହ୍ୟ, ଜୀବନ ହାରିଲେ ନାବାଳକ

**ରେଢାଖୋଲ,୧୫।୨(ସଂଚାର ବ୍ୟୁରୋ):** ମା' ଗାଳିଦେବାରୁ ଜୀବନ ହାରିଲେ ନାବାଳକ। ଗଛରେ ରଶି ଲଗେଇ ଜୀବନ ହାରିଲେ ଷଷ୍ଠ ଶ୍ରେଣୀରେ ପଢୁଥିବା ୧୩ ବର୍ଷୀୟ ନାବାଳକ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରେଢାଖୋଲ ସହରର ଆମ୍ବେଦକର ନଗରରେ। କୌଣସି କାରଣରୁ ନାବାଳକଙ୍କୁ ତାଙ୍କ ମା' ଗାଳି କରିଥିଲେ। ତେବେ ନାବାଳକ ଜଣଙ୍କ ଉକ୍ତ ଗାଳି ସହିନପାରି ଘର ପାଖରେ ଥିବା ଏକ ଗଛରେ ରଶି ଲଗାଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପରିବାର ଲୋକଙ୍କ ପକ୍ଷରୁ ରେଢାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### 'ସିନ୍ଧୁଜା'ର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ମାସିକ ପତ୍ରିକା 'ସିନ୍ଧୁଜା'ର ତ୍ରୟୋଦଶ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏଥିରେ 'ସମକାଳୀନ ସାମାଜିକ-ଅର୍ଥନୈତିକ ପ୍ରେକ୍ଷାପଟରେ ମହିଳାଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଅକ୍ଷୟ ସ୍ୱାଇଁଙ୍କ ପୁସ୍ତକ 'ସୁମିତ୍ରା ଯାହା ଜାଣେ ନାହିଁ' (ଲଘୁ ଗଳ୍ପ ସଂକଳନ) ଓ ଅନୁବାଦ ପୁସ୍ତକ 'କଥା ଭାରତୀ' ଲୋକାର୍ପିତ ହୋଇଛି। ଏହାଛଡ଼ା ଡ. ମାଧବ ବେହୁରାଙ୍କ ସମ୍ପାଦିତ ଗଳ୍ପ ପୁସ୍ତକ 'ଗଳ୍ପ ସିନ୍ଧୁଜା' ଉନ୍ମୋଚିତ ହୋଇଛି। ବରିଷ୍ଠ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ସିନ୍ଧୁଜା'ର ବାର୍ଷିକ ଉତ୍ସବରେ ଅତିଥିମାନେ ମହିଳାଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ସମାଜସେବୀ ଅନୁରାଧା ମହାନ୍ତି, ମନୋରଞ୍ଜନ ମିଶ୍ର ଓ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। 'ସିନ୍ଧୁଜା'ର ସମ୍ପାଦିକା ଶର୍ମିଳା ସାହୁ ବିବରଣୀ ପାଠ କରିଥିବା ବେଳେ ଡ. ବେହୁରା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ରଶ୍ମିତା ବେହେରା କରିଥିବା ବେଳେ ମୁରଲୀଧର ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦେବେନ୍ଦ୍ର କୁମାର ବେହେରାଙ୍କୁ ସିନ୍ଧୁଜା ସେବା ସମ୍ମାନ, ଡ. ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ସିନ୍ଧୁଜା କର୍ପୋରେଟ ସମ୍ମାନ, ରୁମଝୁମ ନାୟକଙ୍କୁ ସିନ୍ଧୁଜା ଗଳ୍ପ ସମ୍ମାନ, ଦେବପ୍ରିୟ ପ୍ରିୟଦର୍ଶୀଙ୍କୁ ସିନ୍ଧୁଜା କବିତା ସମ୍ମାନ ଓ ଡ. ଶୁଭଦର୍ଶିନୀ ପରିଡ଼ାଙ୍କୁ ସିନ୍ଧୁଜା ପ୍ରବନ୍ଧ ସମ୍ମାନରେ ସମ୍ମାନିତ କରାଯାଇଛି।

# ସତ୍ୟର ବାର୍ତ୍ତାବହ ହେଉ ଗଣମାଧ୍ୟମ: ନବୀନ

**ସାଧାରଣ ଲୋକଙ୍କ ସ୍ୱର ପାଲଟିଛି ସକାଳ, ନନ୍ଦିଘୋଷ ଟିଭି**



**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** କିଛି କ୍ଷଣ ଲାଗି ସତ୍ୟ ଉପରେ ମିଥ୍ୟା ରାଜ୍ କରିପାରେ। ମାତ୍ର ସଦାବେଳ ଲାଗି ଏହା ସମ୍ଭବ ହୋଇ ନଥାଏ। ତେଣୁ ଗଣମାଧ୍ୟମ ସର୍ବଦା ସତ୍ୟର ବାର୍ତ୍ତାବହ ସାଜୁ ଏବଂ ସାଧାରଣ ଜନତାର ସ୍ୱର ହେବାକୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନନ୍ଦିଘୋଷ ଟିଭି ଓ ଦୈନିକ ଖବରକାଗଜ ସକାଳ ପକ୍ଷରୁ ଆୟୋଜିତ ପଞ୍ଚମ ଜାତି ନନ୍ଦିଘୋଷ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ କହିଛନ୍ତି ଗଣତନ୍ତ୍ରରେ ଜନତା ହିଁ ଶ୍ରେଷ୍ଠ ଏବଂ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଏକ ଶକ୍ତିଶାଳୀ ମାଧ୍ୟମ। ଗଣତନ୍ତ୍ର, ଗଣମାଧ୍ୟମ ଓ ଜନତା ପରସ୍ପରର ପରିପୂରକ। ଜନତା ଓ ସମାଜର ବିକାଶ ପାଇଁ ଗଣମାଧ୍ୟମ ନିଜର ଗୁରୁ ଦାୟିତ୍ୱ ବହନକରୁ ବୋଲି ସେ କହିଛନ୍ତି। ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ସୋସିଆଲ ମିଡିଆର ପ୍ରସାର ବ୍ୟାପକ ହେଉଛି। ମିଛ ଓ ଭୁଲ୍ ଖବର ଲୋକଙ୍କ ନିକଟରେ ପହଞ୍ଚାଇବା ଠାରୁ ଗଣମାଧ୍ୟମ ଦୂରରେ ରହୁ। ନନ୍ଦିଘୋଷ ଶବ୍ଦ ସହ ଓଡିଆ ଜାତିର ସମ୍ପର୍କ ଭାବାତ୍ମକ ବୋଲି କହିଥିଲେ ନବୀନ।

ଏହି ଅବସରରେ ଦୈନିକ ସକାଳ ଓ ନନ୍ଦିଘୋଷ ଟିଭିର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ କହିଥିଲେ ଯେ, ବିକାଶର ଶେଷଧାଡିରେ ଥିବା ଲୋକଟିର ସ୍ୱର ସାଜିଛି ନନ୍ଦିଘୋଷ ଟିଭି ଓ ଦୈନିକ ସକାଳ । ଏହାସହ ସରକାର ଓ ପ୍ରଶାସନରେ ଥିବା ତ୍ରୁଟି ବିଚ୍ୟୁତିର ସକାରାତ୍ମକ ସମାଧାନ ପାଇଁ ଅଭିଯାନ ଜାରି ରଖିଛି। ପ୍ରତିଟି ଲୋକର କଥା ବିନା ସେନସରରେ ନିରୁତା ଭାବେ ପ୍ରସାର ଓ ପ୍ରକାଶ କରୁଛି। ଘାତ ପ୍ରତିଘାତ ସତ୍ତ୍ୱେ ଏହି ଦୁଇ ଗଣମାଧ୍ୟମ ଓଡ଼ିଶାର ସ୍ୱର ଭାବେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଜାତି ନନ୍ଦିଘୋଷ କନକ୍ଲେଭ୍-୨୦୨୫ରେ ସ୍ୱାଗତ ଭାଷଣ ରଖିଥିଲେ ନନ୍ଦିଘୋଷ ଟିଭି ସିଓଓ ଜବର ସିଂ ପନୱର। ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଥିଲେ ରାଜ୍ୟସଭା ସାଂସଦ ମହୁଆ ମାଜି। ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସକାଳ ଖବରକାଗଜର ସିଓଓ ସୁବ୍ରତ ଦାସ ଓ ପ୍ରକାଶକ ଅମିତ ମଲ୍ଲିକଙ୍କ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି, ସାଂସଦ, ପୂର୍ବତନ ସାଂସଦ, ରାଜନେତା, ଅଭିନେତା, ଶିଳ୍ପୀ, କବି, ଲେଖକ ପ୍ରମୁଖ ଯୋଗଦେଇଥିଲେ।

● ଓଡ଼ିଆପ୍ରେନ୍ୟୁର: ଏ ସ୍ମାର୍ଟ ଓଡ଼ିଶା ହାକାଥାନ୍ ୩.୦ ପାଇଁ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସହ ଜ୍ଞାନ ପରିସୀମା ବଢ଼ିବ



**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** 'ଓଡ଼ିଆପ୍ରେନ୍ୟୁର: ଏ ସ୍ମାର୍ଟ ଓଡ଼ିଶା ହାକାଥାନ୍ ୩.୦' ନିମନ୍ତେ ଆଜି ଏକ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ କୃଷି ଭବନର ଅଡିଟୋରିୟମଠାରେ ଆୟୋଜିତ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ୟୁନିସେଫ୍ ଓଡ଼ିଶାର ପରୀକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଓ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆପ୍ରେନ୍ୟୁର ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏଥିସହ କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରତିନିଧି, ଶିକ୍ଷା ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ଓୟୁଏଟି, ଓୟୁଟିଆର୍, ନାଇଭର୍ ଆଦି ଅନୁଷ୍ଠାନରୁ ବିଶେଷଜ୍ଞ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରୁ ୫ ଜଣ ଲେଖାଏଁ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

ଶ୍ରୀମତୀ ନନ୍ଦ ହାକାଥନ୍‌ର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନର ମାଧ୍ୟମ ହେଉଛି ଓଡ଼ିଆପ୍ରେନ୍ୟୁର ହାକାଥନ୍। ଜାତୀୟ ଶିକ୍ଷା ନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତାକୁ ପ୍ରୋତ୍ସାହନ ଦିଆଯାଇଛି। ଓଡ଼ିଆପ୍ରେନ୍ୟୁରର ଆୟୋଜନ ଛାତ୍ରଛାତ୍ରୀମାନଙ୍କ ଦକ୍ଷତାର ବିକାଶ ଓ ଜ୍ଞାନର ପରିସୀମାକୁ ବ୍ୟାପକ କରିପାରିବ। ସେହିପରି ଶ୍ରୀ ଆୟର୍ ସ୍ୱାଗତ ଅଭିଭାଷଣ ଦେଇ ହାକାଥନ୍ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ୍ ଆଲୋଚନା କରି କହିଛନ୍ତି ଯେ ହାକାଥନ୍ କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ ଆରମ୍ଭ କରିବାରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟ ରାଜ୍ୟ। ଗତ ୨୦୨୨ରେ ଆରମ୍ଭ ହୋଇଥିବା ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକଳ୍ପଭିତ୍ତିକ ସୃଜନଶୀଳତାକୁ ପ୍ରକାଶ କରିବାର ଅଭିନବ ପ୍ରୟାସ। ହାକାଥନ୍ ବିଜ୍ଞାନ ମେଳା ନୁହେଁ। ଏହି ହାକାଥନ୍‌ରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ ବୋଲି ଶ୍ରୀ ଆୟାର୍ କହିଛନ୍ତି। ଏଥିସହ ଜିଲ୍ଲା ଓ ବ୍ଲକ ସ୍ତରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରାଇବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରର ଶିକ୍ଷାଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟତମ ଅତିଥି ଶ୍ରୀମତୀ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ସହଭାଗୀତା ବିଷୟରେ ଉଲ୍ଲେଖନୀୟ ମାର୍ଗ ଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ଭାଗନେବାକୁ ପ୍ରୋତ୍ସାହିତ କରିବା ସହ ଶିକ୍ଷା ସହ ସାମାଜିକ ବିକାଶକୁ ଯୋଡ଼ିବା ପାଇଁ ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାର ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଉକ୍ତ ହାକାଥନ୍‌ରେ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଡାଏରୀ, ଗ୍ରାମ୍ୟ ବିକାଶ, ପ୍ରାଣିସମ୍ପଦ, ମତ୍ସ୍ୟପାଳନ, ସ୍ୱାସ୍ଥ୍ୟ, ଅକ୍ଷୟ ଶକ୍ତି, ଇ-କମର୍ସ, ସାଇବର୍ ସମସ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ମାର୍ଟ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଆଦି ଉପରେ ଛାତ୍ରଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରିବେ। ପ୍ରଥମେ ବିଦ୍ୟାଳୟ ସ୍ତରରେ ଓ ପରେ ଜିଲ୍ଲା ସ୍ତରରେ ପ୍ରକଳ୍ପ ଚୟନ ହେବ। ଏହାପରେ ରାଜ୍ୟସ୍ତରୀୟ ହାକାଥନ୍‌ର ଆୟୋଜନ କରାଯିବ। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ଧନ୍ୟବାଦ ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ମଞ୍ଚ ପରିଚାଳନା କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ବନ୍ଧନ-ସଂସାରୀ ମଣିଷ କାମନାର ବନ୍ଧନରେ ବାନ୍ଧି ହୋଇଯାଏ। କିନ୍ତୁ ଈଶ୍ୱର ଅନୁଗାମୀ ବ୍ୟକ୍ତି କାମନାର ବନ୍ଧନ କାଟି ଈଶ୍ୱରଙ୍କ ଶ୍ରୀପଦରେ ଛନ୍ଦି ହୋଇଯାଏ।

SANCHAR
ସଂଚାର



# ଅଭ୍ୟାସଗତ ଅଭିଯୋଗକାରୀ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଏକାଧିକବାର ଜାଲିଆତି ଅଭିଯୋଗ ଆଗତ କରିଛନ୍ତି। ତାଙ୍କର ଏଭଳି ଅଭିଯୋଗରେ କିଛି ନୂତନତ୍ୱ ନାହିଁ। ଅତୀତରେ ଯେବେ ବି ଯେଉଁଠି କଂଗ୍ରେସ ନିର୍ବାଚନରେ ପରାଜିତ ହୋଇଛି, ସେତେବେଳେ ରାହୁଲ ଇଭିଏମ ଗଡ଼ବଡ଼ ଅଭିଯୋଗ ଆଣିଛନ୍ତି। ଏହାକୁ ଅନ୍ୟ ବିରୋଧୀ ଦଳମାନେ ସମର୍ଥନ କରୁନଥିବାରୁ ରାହୁଲ ଏବେ ଏଥିରୁ ନିବୃତ୍ତ ରହି ଭିନ୍ନ ଅଭିଯୋଗ ଆଣିଛନ୍ତି। ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ବଡ଼ ଧରଣର ଗଡ଼ବଡ଼ କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ଲୋକସଭା ନିର୍ବାଚନ ପରେ ମାତ୍ର ୩ ମାସ ଭିତରେ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଅସ୍ୱାଭାବିକ ଭାବେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ସନ୍ଦେହଜନକ। ଏବେ ସେ ଆଉ ଏକ ହାସ୍ୟାସ୍ପଦ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ମହାରାଷ୍ଟ୍ରର ମୋଟ ଜନସଂଖ୍ୟାଠାରୁ ଭୋଟରଙ୍କ ସଂଖ୍ୟା ଅଧିକ। ରାହୁଲ ହେଉଛନ୍ତି ଦେଶର ବିରୋଧୀ ଦଳର ନେତା। ତାଙ୍କ କଥାକୁ ଗୁରୁତ୍ୱହୀନ କରାଯିବା ଅନୁଚିତ। ତାଙ୍କ ଅଭିଯୋଗର ତଦନ୍ତ କରାଯିବା ଉଚିତ। ଯଦି ତାଙ୍କ ଅଭିଯୋଗ ଭୁଲ ପ୍ରମାଣିତ ହେବ, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସତ କଥା ହେଲା ହରିୟାନା ପରେ ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟରେ ପରାଜୟକୁ କଂଗ୍ରେସ ସହଜରେ ହଜମ କରିପାରୁନାହିଁ। ଏଥିପାଇଁ କଂଗ୍ରେସ ଇଭିଏମକୁ ଦାୟୀ କରି ନିଜ ଲଜ୍ଜା ନିବାରଣ ନିମନ୍ତେ ଉଦ୍ୟମ କରୁଛି। ବିଜେପି ନିକଟରୁ ପରାଜୟକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ତାମିଲନାଡ଼ୁ ଏବଂ କେରଳରେ ବିଜେପିର ସ୍ଥିତି ଦୁର୍ବଳ ଏବଂ ଏହା ରେସରେ ନାହିଁ। ତେଣୁ ସେଠାରେ ଯିଏ ଜିତିଲେ କି ହାରିଲେ କେହି ଇଭିଏମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉ ନାହାଁନ୍ତି। ଏବେ ଇଭିଏମ ଗଡ଼ବଡ଼ ପରିବର୍ତ୍ତେ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟର ତାଲିକାରେ ତ୍ରୁଟି ଅଭିଯୋଗ ଅଣାଯାଇଛି। ଏହାକୁ କହନ୍ତି ଓଷଦ ବିକଳରେ ତାଟିଆ କାମୁଡ଼ିବା। ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନରେ ବିଜେପି ବା ଏନଡିଏର ପ୍ରଦର୍ଶନ ଖରାପ ହୋଇଥିଲା। ସେତେବେଳେ ଇଭିଏମ ଠିକ ଥିଲା। ଏବେ ବିଧାନସଭା ନିର୍ବାଚନରେ ଇଭିଏମ ଖଳନାୟକ ଭୂମିକା ନେଲା। ଭାରତରେ ଅନେକ ବର୍ଷ ହେବ ବାଲଟ ପେପର ପରିବର୍ତ୍ତେ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ) ବ୍ୟବହାର ହୋଇଆସୁଛି। ଏହା ଦ୍ୱାରା ମତଦାନ ତ୍ୱରିତ ହୋଇପାରୁଛି, କାହାର ଭୋଟ ଖଣ୍ଡେ ନାକଚ ହେଉନି, ଗଣତି ପ୍ରକ୍ରିୟା ମଧ ଶୀଘ୍ର ଶେଷ ହେଉଛି। ଅତୀତରେ ଅନେକ ଥର ଏଭଳି ଦେଖାଯାଇଛି ଯେ, ଜୟ-ପରାଜୟର ବ୍ୟବଧାନଠାରୁ ନାକଚ ଭୋଟ ସଂଖ୍ୟା ଅଧିକ ରହୁଛି। ଏସବୁ ଭୋଟ ନାକଚ ନହୋଇଥିଲେ ହୁଏତ ପରିଣାମ ଭିନ୍ନ ହୋଇଥାଆନ୍ତା। ଇଭିଏମ ବ୍ୟବହାର ଯୋଗୁ ଗଣତିରେ କିଛି ଭୁଲ ଭଟକା ରହୁନି। ପୂର୍ବରୁ କାଗଜ ଖଣ୍ଡ ଖଣ୍ଡ କରି ଏକାଠି କରି ବିଡ଼ା ବନ୍ଧା ଯାଉଥିଲା ଏବଂ ଏହାକୁ ଗଣତି କରାଯାଉଥିଲା। ଏବେ ମେସିନ ସୁଇଚ ଟିପିଲେ କାହାକୁ କେତେ ଭୋଟ ମିଳିଛି ତାହା ମୁହୂର୍ତ୍ତକ ମଧରେ ସ୍ପଷ୍ଟ ହୋଇଯାଉଛି। ପୂର୍ବରୁ ଭୋଟ ଗଣତି ପାଇଁ ଦୁଇଦିନ ଲାଗିଯାଉଥିଲା। ଏବେ ଭୋଟ ଗଣତି ଦିନ ସବୁ ଆସନର ଫଳାଫଳ ପ୍ରକାଶ ପାଇଯାଉଛି। ଇଭିଏମ ବ୍ୟବହାରକୁ ମୂଳରୁ ସମସ୍ତେ ସ୍ୱାଗତ କରୁଥିଲେ। କିନ୍ତୁ ୨୦୧୪ରେ ଯେବେଠାରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଜେପି କ୍ଷମତାସୀନ ହୋଇଛି, ସେବେଠାରୁ ଇଭିଏମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା କଳନାୟକ ସାଜିଛି। ଯେତେବେଳେ ଯେଉଁ ଦଳ ନିର୍ବାଚନରେ ପରାଜିତ ହେଉଛି, ସେତେବେଳେ ସେହି ଦଳ ପରାଜ୍ର ନିମନ୍ତେ ଇଭିଏମକୁ ଦାୟୀ କରୁଛି। ଯେଉଁ ଦଳ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛନ୍ତି, ସେହି ଦଳ ଯେତେବେଳେ ନିର୍ବାଚନରେ ଜିତୁଛି ସେତେବେଳେ ଇଭିଏମ ଉପରେ ପ୍ରଶ୍ନବାଚୀ ଉଠାଉନି। ଉଦାହରଣ ସ୍ୱରୂପ ଆମ ଆଦମୀ ପାର୍ଟୀ ସବୁ ବେଳେ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛି। କିନ୍ତୁ ଏହି ଦଳ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟ ହାସଲ କରି କ୍ଷମତା ଦଖଲ କରିଛି। ପଞ୍ଜାବରେ ମଧ ଏହା କ୍ଷମତାସୀନ ରହିଛି। କଂଗ୍ରେସ ହରିୟାନାରେ ଇଭିଏମ ଟାମ୍ପରିଂ ଅଭିଯୋଗ ଆଣିଛି। କିନ୍ତୁ ଏହି ଦଳ ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶରେ ବିଜୟ ହାସଲ କରି କ୍ଷମତାସୀନ ରହିଛି। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାଯୁତିର ବିପୁଳ ବିଜୟ ପରେ କଂଗ୍ରେସ ଓ ଶିବସେନା(ଉଦ୍ଧବ)ର କିଛି ନେତା ନିର୍ବାଚନ ଫଳାଫଳ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଇଭିଏମ ଟାମ୍ପରିଂ ଏବଂ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ସୁପ୍ରିମକୋର୍ଟରେ ଅନେକ ଥର ପିଟିସନ ଦାଖଲ ହୋଇଛି। ଏହାକୁ ସୁପ୍ରିମକୋର୍ଟ ନିୟମିତ ଖାରଜ କରି ଚାଲିଛନ୍ତି। ଇଭିଏମ ଟାମ୍ପରିଂ ଅସମ୍ଭବ ବୋଲି ଭାରତର ନିର୍ବାଚନ କମିଶନର ବାରମ୍ବାର କହିଛନ୍ତି। ଇଭିଏମ ଟାମ୍ପରିଂ ଅଭିଯୋଗକୁ ପ୍ରମାଣିତ କରି ଦେଖାଇବା ନିମନ୍ତେ ନିର୍ବାଚନ କମିଶନ ଆହ୍ୱାନ କରିଛନ୍ତି। କିନ୍ତୁ ଏହା ବିଫଳ ହୋଇଛି। ତଥାପି କିଛି ଲୋକଙ୍କ ମନରେ ଇଭିଏମକୁ ନେଇ ସନ୍ଦେହ ଦୂର ହୋଇନି। ଇଭିଏମ ଟାମ୍ପରିଂ ସନ୍ଦେହକୁ ଦୂର କରିବା ନିମନ୍ତେ ଏବେ ଭିଭିପାଟ ବ୍ୟବସ୍ଥା ହୋଇଛି। ଜଣେ ଭୋଟର ଯାହାକୁ ଭୋଟ ଦେଲେ ତାଙ୍କ ଭୋଟ ସେହିଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ ଯାଉଛି ବୋଲି ଭିଭିପାଟରୁ ପ୍ରମାଣିତ ହେଉଛି। ଭୋଟ ଗଣତି ବେଳେ କିଛି ବୁଥର ଇଭିଏମ ଏବଂ ଭିଭିପାଟରୁ ମିଳିଥିବା ଭୋଟକୁ ମିଳାଯାଉଛି। ତଥାପି ସନ୍ଦେହ ଦୂର ହେଉନି। ଆବଶ୍ୟକ ପଡ଼ିଲେ ଇଭିଏମ ପ୍ରକ୍ରିୟାରେ ଆହୁରି ଅନେକ ସଂସ୍କାର ଅଣାଯାଇପାରିବ ଏବଂ ଏହାକୁ ଶତ ପ୍ରତିଶତ ସନ୍ଦେହମୁକ୍ତ କରାଯାଇପାରିବ। କିଛି ଅଭିଯୋଗକାରୀ ଦର୍ଶାଉଛନ୍ତି ଯେ, ଇଭିଏମରେ ଟାମ୍ପରିଂ ଆଶଙ୍କାକୁ ଦୃଷ୍ଟିରେ ରଖି କେତେକ ଦେଶରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା କାର୍ଯ୍ୟକାରୀ ହେଲାଣି। କିନ୍ତୁ ଭାରତ ଏବଂ ବିଶ୍ୱର ଅନ୍ୟ ଦେଶ ମଧରେ ଅନେକ ତଫାତ ରହିଛି। ଭାରତର ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ଲକ୍ଷ ଲକ୍ଷ ବୁଥରେ ବାଲଟ ପେପର ବ୍ୟବହାର ଏବଂ ଏହାର ଗଣତି ଅତି କଷ୍ଟସାଧ୍ୟ। ବାଲଟ ପେପର ବ୍ୟବହାର ଦ୍ୱାରା ଜାଲିଆତିର ଅଧିକ ଆଶଙ୍କା ରହିଥାଏ। ଏଥିରେ ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି, ଅଧିକ ସମୟ ସାପେକ୍ଷ। ତେଣୁ ବାଲଟ ପେପରରେ ଭୋଟ ଗ୍ରହଣ ଯୁକ୍ତି ଏବେ ଗ୍ରହଣୀୟ ମନେ ହେଉନି। ଦିଲ୍ଲୀ, କୋଲକାତା, ମୁମ୍ବାଇ ଭଳି ମହାନଗରୀର ଜନସଂଖ୍ୟା ଯାହା ୟୁରୋପର ଅଧିକାଂଶ ଦେଶର ଜନସଂଖ୍ୟା ତାହାଠାରୁ କମ। ତେଣୁ ସେଠାରେ କ'ଣ ହେଉଛି ତାହା ଭାରତ ପାଇଁ ଗ୍ରହଣୀୟ ନହୋଇପାରେ। ଇଭିଏମ ପରିବର୍ତ୍ତେ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ଏକ ପିଟିସନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି କହିଛନ୍ତି ଯେ, ଯେତେବେଳେ ନିର୍ବାଚନରେ ଜିତୁଛ, ସେତେବେଳେ ଇଭିଏମ ଟାମ୍ପରିଂ ହେଉନି, ଯେତେବେଳେ ପରାଜିତ ହେଉଛ, ସେତେବେଳେ ଇଭିଏମ ଉପରେ ସବୁ ଦୋଷ ଲଦି ଦିଆଯାଉଛି। ଏହା ଗ୍ରହଣୀୟ ନୁହେଁ। ଅତୀତରେ ଓଡ଼ିଶାରେ ବିଜେପି ମଧ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଥିଲା। ଏବେ ସେହି ଦଳ ପୁଣି କିପରି ନିର୍ବାଚନରେ ବିଜୟୀ ହୋଇ କ୍ଷମତା ଦଖଲ କରିଛି? ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ରମାଗତ ଭାବେ ନିର୍ବାଚନରେ ବିଜୟ ହାସଲ କରୁଛି। ସେଠାରେ କେନ୍ଦ୍ର ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରୁ ନାହାଁନ୍ତି। ଏକଦା ୟୁପିରେ ଅଖିଳେଶ ଯାଦଦବ କ୍ଷମତାସୀନ ଥିଲେ। ସେତେବେଳେ ନିର୍ବାଚନରେ ବିଜେପି ବିଜୟୀ ହେଲା। ସେତେବେଳେ ଅଖିଳେଶ ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରିଲେ ନାହିଁ। କାରଣ ରାଜ୍ୟ ପ୍ରଶାସନ ସବୁ ବେଳେ ରାଜ୍ୟରେ କ୍ଷମତାସୀନ ଦଳ ହାତରେ ରହିଥାଏ। ଅତୀତରେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡ଼ୁଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଇଥିଲେ। ଏବେ ସେହି ଦଳ ରାଜ୍ୟରେ ନିର୍ବାଚନ ଜିତି କ୍ଷମତାସୀନ ହୋଇଛି। ଦକ୍ଷିଣ ଭାରତର କେବଳ ଆନ୍ଧ୍ରକୁ ବାଦ ଦେଲେ ବାକି ସବୁ ରାଜ୍ୟରେ ଅଣ ଏନଡିଏ ମେଣ୍ଟ କ୍ଷମତାସୀନ ରହିଛି। ଦକ୍ଷିଣ ଭାରତରେ କାହିଁକି ଇଭିଏମ ଟାମ୍ପରିଂ ହୋଇପାରୁନି? ଏବେ ଏହି ପ୍ରସଙ୍ଗରେ ବିତର୍କର ଅନ୍ତ ହେବା ଉଚିତ। ଭୋଟର ତାଲିକାରେ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ଏହାକୁ ସାର୍ବଜନୀନ କରାଯିବା ଉଚିତ।

# ନାମକୁ ମାତ୍ର ଧନ୍ୟବାଦ ଅର୍ପଣ



କିଶୋର ଚନ୍ଦ୍ର ବେହେରା

ଆମେ କେବଳ କୃତଜ୍ଞ ଅନୁଭବ କରିବା ଯଥେଷ୍ଟ ନୁହେଁ, ବରଂ ତାହା ମଧ ସମସ୍ତଙ୍କୁ ଜଣାଇବା ଉଚିତ। ସମାଜ ସେବା ସହିତ କଳା, ବିଜ୍ଞାନ, କାରିଗରୀ, କ୍ରୀଡ଼ା ଓ ବାଣିଜ୍ୟ ବ୍ୟବସାୟ ଆଦି ବିବିଧ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମାଜ କୃତଜ୍ଞତା ପ୍ରଦାନ କରିଥାଏ। ଏହା ସାଧାରଣତଃ କେତେକ ସରକାରୀ ସ୍ତରରେ ଆୟୋଜନ କରାଯାଉଥିଲା ବେଳେ ଅନ୍ୟ କେତକ ବେସରକାରୀ ଅନୁଷ୍ଠାନ ବା ସଂସ୍ଥା ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନୀତ କରାଯାଇଥାଏ। ଅନେକ ଗୁଡ଼ିଏ ସ୍ୱାଗତ କିମ୍ବା ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରି ବ୍ୟକ୍ତି ବିଶେଷଙ୍କୁ କିମ୍ବା ସାମୁହିକ ବା ଦଳଗତ ଭାବେ ସମ୍ବର୍ଦ୍ଧିତ କରାଯାଇଥାଏ। ବାସ୍ତବରେ ଏହି ପରମ୍ପରାକୁ ବିଭିନ୍ନ ସଂଗଠନ ସମୃଦ୍ଧ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବର ଏକ ମାଧମ। ଏଭଳି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଛି ପୂଜ୍ୟପୂଜାର ବ୍ୟବସ୍ଥା। ଯେଉଁ ଆୟୋଜକ କମିଟି ଯେତିକି ତତ୍ପରତା ଦେଖାଇବ ସେହି ଉତ୍ସବ ଶୃଙ୍ଖଳିତ ଏବଂ ମାର୍ଜିତ ହୋଇପାରିବ। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଣାଯାଇଥାଏ, କମିଟିର ପରାମର୍ଶ କ୍ରମେ କାହାକୁ ଅତିଥି ରୂପେ ଚୟନ କରାଯିବ ସେ ସଂପର୍କରେ ଆଲୋଚନା ପରେ ଅତିଥିଙ୍କ ସହିତ ଯୋଗାଯୋଗ କରାଯାଇଥାଏ। ଅପୂର୍ବ କଳା, ସଂସ୍କୃତି ଓ ସୌନ୍ଦର୍ଯ୍ୟର ଗନ୍ତାଘର ଆମ ଓଡ଼ିଶା। ଏହି ଧରିତ୍ରୀର ପରମ୍ପରା ହେଉଛି ଅତିଥି ଦେବ ଭବଃ। ଅତିଥି ଆମ ପାଇଁ ଦେବତାଙ୍କ ସମାନ। ଭଗବାନ ବୁଦ୍ଧଙ୍କ ବିଚାର ଓ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତିତ୍ୱ ଆମ ସହିତ ଥିବା ସମୟରେ ଲାଗେ ସାକ୍ଷାତ ବୁଦ୍ଧ ଭଗବାନ ଆମ ସହିତ ଅଛନ୍ତି କାରଣ ବୁଦ୍ଧ ବ୍ୟକ୍ତିରୁ ଆଗକୁ ବଢ଼ିବାରେ ସହଜ ହୋଇଥାଏ। ସାମୁହିକ ଚେତନା ଚିରନ୍ତନ ଓ ନିରନ୍ତର ଏହା ଅବିସ୍ମରଣୀୟ ଏହି ଚିନ୍ତାଧାରା ଶାଶ୍ୱତ। ସମଗ୍ର ମାନବତାକୁ ଗୋଟିଏ ସୁତ୍ରରେ ବାନ୍ଧି ରଖିଥାଏ ଚେତନା। କୌଣସି କାର୍ଯ୍ୟ କର, ତାହାକୁ ନିଖୁଣ ଭାବରେ ମନ ଯୋଗ ପୂର୍ବକ କର। ଉପର ଠାଉରିଆ ଭାବରେ କରନାହିଁ। ଏପରି ମନପ୍ରାଣ ଦେଇ କର, ଯେପରି କାର୍ଯ୍ୟ ପୂର୍ଣ୍ଣତାରେ ତୁମକୁ ପୂର୍ଣ୍ଣାନନ୍ଦ ମିଳିବ। କୌଣସି କାର୍ଯ୍ୟକୁ ଛୋଟ ମନେ କରନାହିଁ। ଆଗ୍ରହର ସହିତ ନିଷ୍ଠାର ସହିତ କର। ଛୋଟ କାର୍ଯ୍ୟଟି ମଧ ସୁନ୍ଦର, ସରସ ଓ ଆକର୍ଷଣୀୟ ହୋଇ ପାରିବ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କର ସାରଥୀ ହେବା ଭଳି ଛୋଟ କାର୍ଯ୍ୟଟିକୁ ଅତି ନିଖୁଣ ଓ ସୁଚାରୁରୂପେ ସମ୍ପାଦନ କରିଥିଲେ।

ନିର୍ଦ୍ଧାରିତ ତାରିଖ ଓ ସମୟ ଧାର୍ଯ୍ୟ କରାଯାଇଥିବା ଦିନ ଆରମ୍ଭ ହୁଏ ମୁଖ୍ୟ ସମ୍ବର୍ଦ୍ଧନା ଉତ୍ସବ କିମ୍ବା ସର୍ବସାଧାରଣ ବୈଠକ। ସୁନ୍ଦର ତୋରଣରେ ସୁସଜ୍ଜିତ ମଣ୍ଡପର ମଞ୍ଚ ଅପେକ୍ଷା କରିଥାଏ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି, ମୁଖ୍ୟ ବକ୍ତା, ସଭା କାର୍ଯ୍ୟ ପରିଚାଳନାର ସଭାପତି ଓ ଅନୁଷ୍ଠାନର ମୁଖ୍ୟ। ଉଦଘୋଷକ ବାରମ୍ବାର ଘୋଷଣା କରି ଚାଲିଥାନ୍ତି ମଞ୍ଚାଶିନ ଅତିଥିଙ୍କ ନାମ ଓ ପଦବୀ ସଂପର୍କରେ। ଅନେକ ସ୍ଥାନରେ ସଭାକାର୍ଯ୍ୟ ସଠିକ୍ ସମୟରେ ଆରମ୍ଭ ହୋଇଥିଲା ବେଳେ ଅନେକ



ସ୍ଥାନରେ ଅତିଥିମାନଙ୍କ ବିଳମ୍ବ ଯୋଗୁଁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିବାକୁ ପଡ଼ିଥାଏ। ବୈଠକର କାର୍ଯ୍ୟସୂଚୀ ନିର୍ଦ୍ଧାରଣ ଅନୁଯାୟୀ ମଞ୍ଚ ପରିଚାଳନା କରୁଥିବା ସଂଯୋଜକଙ୍କର ଗୁରୁଦାୟିତ୍ୱ ଆରମ୍ଭ ହୋଇଯାଏ ନିଜ ଶୁଦ୍ଧ ଶବ୍ଦରେ ମଞ୍ଚାଶିନ ଅତିଥିଙ୍କୁ ଆକୃଷ୍ଟ କରିବା ସହ ସାମ୍ନାରେ ବସିଥିବା ସାଧାରଣ ଜନତା କିମ୍ବା ଶ୍ରୋତା ଦର୍ଶକଙ୍କ ହୃଦୟ ଜିଣିବା ପାଇଁ ଚେଷ୍ଟା ଜାରି ରଖିଥାନ୍ତି। କାର୍ଯ୍ୟସୂଚୀ ନିର୍ଦ୍ଧାରଣ ଅନୁଯାୟୀ ନିମନ୍ତ୍ରିତ ଅତିଥି ମାନଙ୍କ ଆସନ ଅଳଙ୍କୃତ, ଶୁଭ ପ୍ରଦୀପ ପ୍ରଜ୍ୱଳନ, ମଞ୍ଚାଶିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ, ଛାତ୍ରଛାତ୍ରୀ କିମ୍ବା କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ, ଅନୁଷ୍ଠାନ ମୁଖ୍ୟଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନା, ସମ୍ମାନୀତ ଅତିଥିମାନଙ୍କ ଅଭିଭାଷଣ, ମୁଖ୍ୟ ବକ୍ତାଙ୍କ ଅଭିଭାଷଣ, ସଭାପତିଙ୍କ ଅଭିଭାଷଣ ଓ ଶେଷର ଉତ୍ସବ ବିଶେଷ ଆକର୍ଷଣ ମୁଖ୍ୟ ଅତିଥିଙ୍କ ଅଭିଭାଷଣ ପ୍ରଦାନ ପରେ ମଞ୍ଚାଶିନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ ସହିତ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ ଓ କୃତି ପ୍ରତିଯୋଗିମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥାଏ।

ସଭାକାର୍ଯ୍ୟର ଶେଷ ପର୍ଯ୍ୟାୟର କାର୍ଯ୍ୟକ୍ରମ ହେଉଛି "ଧନ୍ୟବାଦ ଅର୍ପଣର ପର୍ବ"। ଏଠି ସମ୍ୟକ ବ୍ୟତିକ୍ରମ ଦେଖାଯାଏ ଧନ୍ୟବାଦ ଅର୍ପଣ ପୂର୍ବରୁ ଯଦି ମଧାହ୍ନ ଭୋଜନ କିମ୍ବା ଖାଦ୍ୟପେୟର ବ୍ୟବସ୍ଥା ହୋଇଥାଏ ତେବେ ମଞ୍ଚ ପରିଚାଳନା କରୁଥିବା ସଂଯୋଜକଙ୍କ ଘୋଷଣା କରିଦିଅନ୍ତି ସମସ୍ତଙ୍କ ନିମନ୍ତେ ଭୋଜନର ବ୍ୟବସ୍ଥା କରାଯାଇଛି ତେବେ ଦର୍ଶକମାନଙ୍କ ପରିସରରୁ ବାହାରିବା ଆରମ୍ଭ ହୋଇଯାଏ ଓ ଲମ୍ବା ଧାଡ଼ି ଲାଗିଯାଏ ଖାଇବା ସ୍ଥାନ ପର୍ଯ୍ୟନ୍ତ। ମଞ୍ଚାଶିନ ଅତିଥିମାନେ ନିଜ ଆସନରୁ ଉଠି ପୁରସ୍କାର ପ୍ରଦାନ କରିସାରିଲା ପରେ ଅନେକ ସ୍ଥାନରେ ଦେଖିବାକୁ ମିଳେ ନିଜନିଜ ସ୍ଥାନରେ ବସନ୍ତି ନାହିଁ ଓ ଅନେକ ଅତିଥି ବ୍ୟସ୍ତତାର ବାହାନା ଦେଖାଇ ମଞ୍ଚ ଛାଡିଦିଅନ୍ତି କାରଣ ମଞ୍ଚ ତଳେ ଅପେକ୍ଷା କରିଥାଆନ୍ତି ଗଣମାଧମ ପ୍ରତିନିଧିମାନେ। ମୁଖ୍ୟ ଅତିଥିଙ୍କ କାର୍ଯ୍ୟକ୍ରମ ସଂପର୍କରେ ସଫଳତା ଓ ବିଫଳତାର ମତାମତ ସଂଗ୍ରହ କରିବା ଉଦ୍ଦେଶ୍ୟରେ। ଯେ ପର୍ଯ୍ୟନ୍ତ ଗଣମାଧମ ପ୍ରତିନିଧିମାନଙ୍କ ସହ ଆଲୋଚନା ଜାରି ରହିଥାଏ ଧନ୍ୟବାଦ ଅର୍ପଣ ଅଭିଭାଷଣ ଆରମ୍ଭ ହୋଇନଥାଏ କାର ଡ଼ାକବାଜି ଯନ୍ତ୍ରର ଶବ୍ଦରେ ଅତିଥିଙ୍କ ଆଲୋଚନାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଯେତେବେଳେ ଧନ୍ୟବାଦ ପର୍ବ ଆରମ୍ଭ ହୁଏ ନାଁ ମଞ୍ଚରେ ଥାଆନ୍ତି ଅତିଥି, ଯଦିଓ ଥାଆନ୍ତି ସେମାନେ ନିଜ ସଂରକ୍ଷିତ ସ୍ଥାନରେ ନବସି ଠିଆ ହୋଇଥାନ୍ତି ଏବଂ ମଞ୍ଚ ସାମ୍ନାରେ ଦେଖିବାକୁ ମିଳିଥାଏ ଜନ ଶୁନ୍ୟ କେବଳ ଦେଖିବାକୁ ମିଳେ ରଙ୍ଗବେରଙ୍ଗ ଚୈକିମାନ। ଉପସ୍ଥିତ ରହିଥାନ୍ତି ମଞ୍ଚ ଫିଟାଇବାର କିଛି ଲୋକ ଓ ଡ଼ାକବାଜି ଯନ୍ତ୍ରର ପରିଚାଳକ। ଧନ୍ୟବାଦ ଅର୍ପଣ କରୁଥିବା ବ୍ୟକ୍ତିଟିକୁ ଧନ୍ୟବାଦ ଦେବା ପାଇଁ କେହି ନଥାନ୍ତି।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

# ସମୃଦ୍ଧ ଓଡ଼ିଶାର ଶକ୍ତ ଅଂଶୀଦାର



ବାଦଲ ଭୂୟାଁ




ଓଡ଼ିଶା ହେଉଛି ବିକାଶ ଓ ଉତ୍କର୍ଷର ଅଭୂତପୂର୍ବ ମଡ଼େଲ। ଏ ମାଟିରେ ପ୍ରଚୁର ଖଣିଜ ସମ୍ପଦ ଅଛି। ଜଙ୍ଗଲ ପାହାଡ଼ ଓ ସମୁଦ୍ର ସହ ଦକ୍ଷ ମାନବ ସମ୍ବଳ ମଧ ରହିଛି। ଦ୍ରୁତ ବିକାଶ ରାସ୍ତାରେ ଏ ରାଜ୍ୟ ଆଗକୁ ସମୃଦ୍ଧ ହେବ ଓ ସଶକ୍ତ ହେବ। ବିକଶିତ ଭାରତ ଗଠନରେ ଓଡ଼ିଶା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇବ। ନିକଟରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା ମେକ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ର ଉଦଘାଟନ କରି ଏମିତି ଭବିଷ୍ୟବାଣୀ କରିଛନ୍ତି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପରିକି ଶିଳ୍ପପତି ମାନଙ୍କୁ ଗ୍ୟାରେଣ୍ଟି ଦେଇଛନ୍ତି ଓଡ଼ିଶାରେ ନିବେଶ କର ନିଶ୍ଚେ ସଫଳତା ପାଇବ। କେନ୍ଦ୍ର ଓ ରାଜ୍ୟ ସରକାର ସବୁ ସହଯୋଗ କରିବେ। ରାଜ୍ୟ ଉତ୍କର୍ଷ ଛୁଇଁବା ସହ ଦେଶ ବିକାଶର ଇଞ୍ଜିନ ସାଜିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ଦୂରଦୃଷ୍ଟି ଅନୁସାରେ ୨୦୩୬ ସୁଦ୍ଧା ଓଡ଼ିଶା ସମୃଦ୍ଧ ହୋଇ ଏକ ବିକଶିତ ଓଡ଼ିଶା ଭାବେ ଆଗକୁ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିବ। ଜାତୀୟ ଓ ଆନ୍ତର୍ଜାତିକ ପୁଞ୍ଜିପତି ମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଥିଲେ ଯେ ଆମ ସରକାର ରାଜ୍ୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଭବିଷ୍ୟତକୁ ଆଖିରେ ରଖି ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ବିକଶିତ ହେଉଛି। ଶିଳ୍ପ ପାର୍କରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ, ଆଲୁମିନିୟମ ଓ ଏସଏମଇ ପାର୍କ ତିରିଶଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଯାଉଛି। ସେ ଏହା ମଧ ମତବ୍ୟକ୍ତ କରିଥିଲେ ଯେ ଓଡ଼ିଶା କେବଳ ସମ୍ଭାବନା ମାଟି ନୁହେଁ ଦେଶର ବିକାଶ ଇଞ୍ଜିନ। ପ୍ରଧାନମନ୍ତ୍ରୀ ପୂର୍ବୋଦୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଶିଳ୍ପାୟନ ପାଇଁ ସବୁଠୁ ଅଧିକ ସମ୍ଭାବନା ଓ ସୁଯୋଗ ଓଡ଼ିଶାରେ ହିଁ ରହିଛି।

ମୋହନ ସରକାରଙ୍କ ପ୍ରଥମ ନିବେଶ ସମ୍ମିଳନୀର ପ୍ରଥମ ଦିନରେ ନିବେଶର ସୁଅ ଛୁଟିଛି। ପାଖାପାଖି ଚାରି ଲକ୍ଷ କୋଟି ଟଙ୍କା ନିବେଶ ପ୍ରତିଶ୍ରୁତି ମିଳିଛି। ଆଦାନୀ କମ୍ପାନୀ ସବୁଠାରୁ ବଡ଼ ଏମଓୟୁ ସ୍ୱାକ୍ଷର କରି କମ୍ପାନୀ ଆଗାମୀ ପାଞ୍ଚ ବର୍ଷରେ ଓଡ଼ିଶାରେ ୨.୨୮ ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। କମ୍ପାନୀ, ଶକ୍ତି, ସିମେଣ୍ଟ, ଶିଳ୍ପ ପାର୍କ, ଆଲୁମିନିୟମ ଆଦି କ୍ଷେତ୍ରରେ ଏହି ପୁଞ୍ଜି ଖଟାଇବ। ସେହିପରି କେନ୍ଦୁଝରରେ ପୋସ୍କୋ ସହ ମିଳିତ ସହଭାଗିତାରେ ଇସ୍ପାତ କାରଖାନା ସ୍ଥାପନ କରିବା ନେଇ ଏବେ ଅଗ୍ରସର ହେଉଛି ଜେଏସଡବ୍ଲ୍ୟୁ। ଏହି ୟୁନିଟରେ ୩୦ରୁ ୪୦ ହଜାର କୋଟି ଟଙ୍କାର ନିବେଶ ରହିବ ଏବଂ ପାରାଦ୍ୱୀପରେ ୧୨ ନିୟୁତ ଟନ ଇସ୍ପାତ ୟୁନିଟ କାର୍ଯ୍ୟ ତ୍ୱରାନ୍ୱିତ କରିଛି। ସେହିପରି ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା ରଖିଛି। ରାଜ୍ୟର ପେଟ୍ରୋକେମିକାଲ କ୍ଷେତ୍ର ଭାବେ ପାରାଦ୍ୱୀପ ଓ ଭଦ୍ରକରେ ଏହାର ୟୁନିଟ ଗଢ଼ିବ। ଗୋପାଳପୁରରେ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ୟୁନିଟ କରିବାକୁ ଲକ୍ଷ୍ୟ ରଖିଛି ଅଭାଡ଼ା ଗ୍ରୁପ। ସୌର, ପବନ ଓ ଜଳ ଶକ୍ତିକୁ ନେଇ ୨୪ ଘଣ୍ଟିଆ ଗ୍ରୀନ ପାୱାର ସୃଷ୍ଟି ଲକ୍ଷ୍ୟ ରଖିଛି। ଗୋପାଳପୁର ଓ ପାରାଦ୍ୱୀପରେ ୨୦ ହଜାର କୋଟି ଟଙ୍କାର ନିବେଶ ହେବ। ସେହିପରି ଆଲୁମିନିୟମ କ୍ଷେତ୍ରରେ ୧ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା ରଖିଛି ବେଦାନ୍ତ ଗ୍ରୁପ। ଏହି ୟୁନିଟ ଦ୍ୱାରା ୧.୫ଲକ୍ଷ ଲୋକଙ୍କ ଲାଗି ନିଯୁକ୍ତି ସୃଷ୍ଟି ହେବ। ସେହିପରି ଫାଲକନ ଗ୍ରୁପ ଟିଟାନିୟମ ଡାଇଅକ୍ସାଇଡ଼ ଉତ୍ପାଦନକୁ ପୁର୍ନବିକାଶ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ୧୫ଶହ କୋଟି ଟଙ୍କା ନିବେଶ କରିବ।

ବିର୍ଲା ଗ୍ରୁପ ସହ କପର ଫୁଏଲ ପ୍ଲାଣ୍ଟ ପାଇଁ ଏମଓୟୁ ହୋଇଛି। ଆଲୁମିନିୟମ କ୍ଷେତ୍ରରେ ରାଜ୍ୟରେ ଦୃଢ଼ ଉପସ୍ଥିତି ଥିବା ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କାର ନିବେଶ ରଖିବ। ପାୱାର ଇଲେକ୍ଟ୍ରୋନିକ୍ସ ପାଇଁ ସେମିକଣ୍ଡକ୍ଟର ନିର୍ମାଣ କରୁଥିବା କମ୍ପାନୀ ସିକ୍ସସେମ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରରେ ଏକ କମ୍ପାଉଣ୍ଡ ଏକ ସେମିକଣ୍ଡକ୍ଟର ଫାସିଲିଟି ସ୍ଥାପନ କରିବାକୁ ଯାଉଛି। ଏଥିପାଇଁ ୨୫ ଶହ କୋଟି ଟଙ୍କା ନିବେଶ ହେବ। ଓଡ଼ିଶାରେ ଶିଳ୍ପଭିତ୍ତି ଭୂମିକୁ ସୁଦୃଢ଼ କରିବାକୁ ରେଳ ଓ ରାଜପଥ ନେଟୱାର୍କରେ ହଜାରେ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି। ଶିଳ୍ପ ଗୁଡ଼ିକର ଲଜେଷ୍ଟିକ ଖର୍ଚ୍ଚ ହ୍ରାସ କରିବାକୁ ସରକାର ବନ୍ଦର ଗୁଡ଼ିକୁ ଶିଳ୍ପ କ୍ଲଷ୍ଟର ସହ ସଂଯୋଗ କରୁଛନ୍ତି। ନୀଳ ଅର୍ଥନୀତିରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟର ପରିଣତ ହେବାକୁ ଯାଉଛି। ଦେଶର ବିକାଶ ସହ ଓଡ଼ିଶାର ପ୍ରଭୂତ ଓ ଦ୍ରୁତ ବିକାଶ ପାଇଁ ନୂଆ ଆଭିମୁଖ୍ୟ ନେଇ ମୋହନ ସରକାର ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ କରୁଛନ୍ତି। ସୌର, ପବନ, ଜଳବିଦ୍ୟୁତ ଓ ସବୁଜ ହାଇଡ୍ରୋଜେନ ସମେତ ସବୁଜ ପ୍ରଯୁକ୍ତି ବିଦ୍ୟା ଓ ସବୁଜ ଭବିଷ୍ୟତ ଉପରେ ଭାରତ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶାରେ ଅନେକ କମ୍ପାନୀ ଏହି ପ୍ରକଳ୍ପ ଉପରେ ଫୋକସ କରୁଛନ୍ତି। ଏମଏସଏମଇ ଓ ଯୁବ ଷ୍ଟାର୍ଟଅପ୍ ମାନଙ୍କୁ ସହଯୋଗ କରିବାକୁ ବିଭିନ୍ନ କମ୍ପାନୀ ଓଡ଼ିଶାରେ ୟୁନିଟ ଖୋଲୁଛନ୍ତି। ସରକାର ଇଣ୍ଟର୍ନସିପ୍ ଓ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ଓ ପ୍ୟାକେଜର ବିକାଶ ସରକାର କରୁଛନ୍ତି। ଓଡ଼ିଶା ମଧ ଏକ ଆଧୁନିକ ଅନୁକୂଳ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟରେ ସମୃଦ୍ଧି, ଶକ୍ତି ଓ ପ୍ରଗତି ହୋଇପାରିବ। ଓଡ଼ିଶାର ଏହି ବିକାଶ ଦ୍ୱାରା ସ୍ୱାବଲମ୍ବୀମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବା ସହ ଯୁବ ବର୍ଗମାନେ ଅନେକ ଷ୍ଟାର୍ଟଅପ୍ ଗଠନ କରିପାରିବେ। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ନେଇ ଓଡ଼ିଶା ସରକାରଙ୍କୁ ସମସ୍ତ ସହଯୋଗ କେନ୍ଦ୍ର ପ୍ରଦାନ କରୁଛି। କେମିକାଲ, ପେଟ୍ରୋକେମିକାଲ୍ସ, ଗ୍ରୀନ ହାଇଡ୍ରୋଜେନ, ଆଇଟି ସର୍ଭିସ, ସେମିକଣ୍ଡକ୍ଟର, ବୟନ ଶିଳ୍ପରେ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଥିବାରୁ ଶିଳ୍ପପତି ମାନଙ୍କର ସବୁଠୁ ପସନ୍ଦ ଓ ଭରଷା ଓଡ଼ିଶା ଉପରେ ହିଁ ରହିଛି। ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଶିଳ୍ପର ନିବେଶକମାନେ ସାମିଲ ହୋଇ ଉତ୍କର୍ଷ ଓଡ଼ିଶାକୁ ନେଇ ଓଡ଼ିଆ ପିଲାଙ୍କ ଭିତରେ ଉତ୍ସାହ ବଢ଼ାଇଛନ୍ତି। ଆଗକୁ ନୂଆ ଷ୍ଟାର୍ଟଅପ୍ ପରିସଂସ୍ଥାନ ଓ ନୂଆ ପୁଞ୍ଜିନିବେଶକାରୀ ମାନଙ୍କ ନିର୍ଭରଯୋଗ୍ୟ ସ୍ଥାନ ପାଲଟିବ ଓଡ଼ିଶା। ଯୁବ ଉଦ୍ୟମୀଙ୍କ ଆକାଂକ୍ଷା ପୂରଣ ହେବା ସହ ବଜାର, ନବ ସୃଜନ ଓ ଆନୁସଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ସରକାର ଜୋରଦାର ପ୍ରୋତ୍ସାହନ ଦେଉଛନ୍ତି। ଓଡ଼ିଶା ଦ୍ରୁତ ବିକାଶର ସମ୍ଭାବନାର କ୍ଷେତ୍ର ପାଲଟୁଛି ଆଗକୁ ଅନେକ ସମ୍ଭାବନାର ଓ ପ୍ରଗତିର କେନ୍ଦ୍ରବିନ୍ଦୁ ହେବ ଓଡ଼ିଶା।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼
ପୁରୁଣା ସୋନାରୀ, ଜାମସେଦପୁର
ମୋବାଇଲ୍: ୯୨୦୪୬୫୨୦୬୫

# ମାଓବାଦୀଙ୍କ ଦୁର୍ଗପତନ



ସୌଭାଗ୍ୟ ରଂଜନ ମହାନ୍ତି

ମାଓବାଦୀଙ୍କ ଦୁର୍ଗ ଭାବେ ପରିଚିତ ଛତିଶଗଡ଼ର ଘଂଚ ବନାନୀ ବେଷ୍ଟିତ ବିଜାପୁର ଜିଲ୍ଲାର ଇନ୍ଦ୍ରାବତୀ ନ୍ୟାଶନାଲ ପାର୍କରେ ତଲାସୀ ଅଭିଯାନ ସମୟରେ ସୁରକ୍ଷାକର୍ମୀଙ୍କ ସହ ସଂଘର୍ଷରେ ୩୧ଜଣ ନକ୍ସଲ ନିହତ ହେବା ନିଶ୍ଚିତ ଭାବେ ରାଜ୍ୟ ପୋଲିସ ପାଇଁ ଏକ ବଡ ଧରଣର ସଫଳତା ବୋଲି କୁହାଯାଇପାରିବ। ଦୁଃଖଦ ଘଟଣା ହେଉଛି ମାଓବାଦୀ ଗୁଳିରେ ଦୁଇ ଜଣ ଯବାନ ସହୀଦ ହୋଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୨୩ ଡିସେମ୍ବରରେ ଛତିଶଗଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାରଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ ମାଓବାଦୀଙ୍କ ବିରୁଦ୍ଧରେ ଧରପଗଡ ଅଭିଯାନକୁ ଯୋରଦାର କରିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟ ସୁରକ୍ଷା କର୍ମୀଙ୍କ ଗୁଳିରେ ୨୮୦ରୁ ଅଧିକ ମାଓବାଦୀଙ୍କ ନିହତ ହୋଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱକୁ ଗିରଫ କରାଯାଇଛି। ସେହିପରି ଏହି ଅବଧି ମଧରେ ୯୨୫ଜଣ ଆତ୍ମ ସମର୍ପଣ କରିଛନ୍ତି। କେବଳ ଏତିକି ନୁହେଁ, ଚଳିତବର୍ଷ ଦେଢ଼ମାସ ବ୍ୟବଧାନରେ ଛତିଶଗଡରେ ଚାରିଟି ବଡ ଧରଣର ସେନା ଅପରେସନ ମାଓବାଦୀଙ୍କ ଦୁର୍ଗ ଛାରଖାର କରିଦେଇଛି। ଗତ ଦେଢ ଦଶନ୍ଧୀ ତଳେ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ରୁ ୨୦ହଜାର ଥିବାବେଳେ ୨୦୨୫ ବେଳକୁ ଏହି ସଂଖ୍ୟା ୧୦୦୦ତଳକୁ ଖସି ଆସିଥିବା କୁହାଯାଇଛି। ସେହିପରି ଗତ ୨୪ ବର୍ଷ ମଧରେ ୪୬୧୧ ମାଓବାଦୀ ନିହତ ହୋଇଥିବା ବେଳେ ୧୬,୩୯୪ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ସଂଘର୍ଷରେ ମଧ ଏହି ଅବଧି ମଧରେ ୨୬୯୨ ଜଣ ସୁରକ୍ଷା କର୍ମୀ ସହୀଦ ହୋଇଛନ୍ତି। ମାଓବାଦୀ ବସ୍ତର ଅଂଚଳରେ ଏତେ ହିଂସାମୁଖୀ ହୋଇଥିଲେ ଯେ, କିଛି ବର୍ଷ ତଳେ ଆଇଇଡି ବିସ୍ଫୋରଣ ସେନା ଗାଡି ଉଡିଯିବା ସହ ୭୫ଜଣ ଯବାନ ସହୀଦ ହୋଇଥିଲେ। ଆହୁରି ମଧ ମାଓବାଦୀଙ୍କ ନୃଶଂସ ଆକ୍ରମଣରେ କଂଗ୍ରେସର ୨୫ଜଣ ତୁଙ୍ଗ ନେତା ନିହତ ହୋଇଥିଲେ। ଯେଉଁମାନଙ୍କ ମଧରେ ପୂର୍ବତନ ମୁଖମନ୍ତ୍ରୀ ବି.ସି. ଶୁକ୍ଳାଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ବହୁ କର୍ମକର୍ତ୍ତା



ଥିଲେ। ଏବେ ଯେଉଁ ମାଓବାଦୀଙ୍କ ବିରୋଧରେ ଅଭିଯାନ ଚାଲିଛି, ସେଥିରେ ରାଜ୍ୟପୋଲିସ, ଡିଭିଏଫ, ସୀମା ସୁରକ୍ଷା ବାହିନୀ (ବିଏସଏଫ), କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆରପିଏଫ୍), ଭାରତ ତୀବତୀୟ ସୀମାନ୍ତ ସୁରକ୍ଷା ବାହିନୀ (ଆରଟିବିପି) ସାମିଲ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧରେ ବୃହତ ସମନ୍ୱୟରେ ଛତିଶଗଡରେ ମାଓ ବିରୋଧି ଅଭିଯାନକୁ ଯୋରଦାର କରାଯାଇଛି। ଏହା ସତ୍ୟ ଯେ, ଗତ ପାଂଚ ଦଶନ୍ଧି ଧରି ନକ୍ସଲଙ୍କ କାର୍ଯ୍ୟକଳାପ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ବଡ ବିପଦ ଭାବେ ଉଭା ହୋଇଛି। କିନ୍ତୁ ଗତ ୧୫ବର୍ଷ ମଧରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ମାଓ ଦୁର୍ଗ ଏକ ପ୍ରକାର ଭୁଶୁଡ଼ି ପଡିଛି। ଉଲ୍ଲେଖ କରାଯାଇପାରେ ଯେ, ଦେଶର ପ୍ରାୟ ୧୫ଟି ରାଜ୍ୟ ମାଓ ଅଧ୍ୟୁଷିତ ଅଂଚଳ ଭାବେ ପରିଚିତ ଥିଲା। ଛତିଶଗଡ ବ୍ୟତୀତ ଓଡିଶା, ଆନ୍ଧ୍ର, ତେଲେଙ୍ଗାନା, ବିହାର, ଝାଡଖଣ୍ଡ, ମଧପ୍ରଦେଶ ଓ ମହାରାଷ୍ଟ୍ରରେ ମାଓବାଦୀ ଏବେ ବି ସକ୍ରୀୟ ଅଛନ୍ତି। ତେବେ ଛତିଶଗଡ, ମହରାଷ୍ଟ୍ର ବ୍ୟତୀତ ଅନ୍ୟ ପ୍ରଦେଶର କେତେକ ଅଂଚଳରେ ସେମାନଙ୍କ ସ୍ଥିତି ଅତି ନଗଣ୍ୟ ଥିବା କୁହାଯାଏ। ଓଡିଶାର ଛତିଶଗଡ ସୀମାନ୍ତ ସଂଲଗ୍ନ ମାଲକାନାଗିରି, ତେଲେଙ୍ଗାନା ଓ ଆନ୍ଧ୍ରର ଘଂଚ ପାହାଡିଆ ଅଂଚଳରେ ମାଓବାଦୀ ନିଜର ଉପସ୍ଥିତି ସମୟେ ସମୟେ ଜାହିର କରି ଆସୁଛନ୍ତି। ଏହା ନିସନ୍ଦେହ ଯେ, ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି। ଅବଶ୍ୟ ଓଡିଶା ସରକାରଙ୍କ ଥଇଥାନ ଅଭିଯାନରେ ବହୁ ମାଓବାଦୀ ସଂଗଠନ ଛାଡି ସାମାଜିକ ମହାସ୍ରୋତରେ ସାମିଲ ହୋଇଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ମିଳିତ ଅଭିଯାନରେ ନକସ ଦୁର୍ଗ ଏକ ପ୍ରକାଶ ନିଶ୍ଚିହ୍ନ ହୋଇଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୦ ମସିହା ପୂର୍ବରୁ ଦେଶରେ ୨୨୦ରୁ ଅଧିକ ଜିଲ୍ଲା ମାଓ ଅଧ୍ୟୁଷିତ ଅଂଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଜିଲ୍ଲା ସଂଖ୍ୟା ୪୦କୁ ଖସି ଆସିଛି। କିନ୍ତୁ ୨୦ଟି ଜିଲ୍ଲାରେ ମାଓ ହିଂସା ଲାଗି ରହିଛି। ଏହା ସତ୍ୟ ଯେ, ଦୁର୍ଗମ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ରାସ୍ତାଘାଟର ବିକାଶ ଯୋଗୁଁ ସାଧାରଣ ଲୋକ ମାଓବାଦୀଙ୍କ ସଂଗଠନ ସହ ସମ୍ପର୍କ ଛିନ୍ନ କରିବା ସଂଗଠନକୁ ଦୁର୍ବଳ କରିଦେଇଛି।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ: ୭୯୭୮୬୬୬୪୦୩

# ରୁଷ ସହ ସସର୍ତ୍ତ ଆଲୋଚନା ପାଇଁ ଜେଲେନ୍‌ସ୍କି ରାଜି



ମ୍ୟୁନିଚ୍, ୧୫।୨: ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନିକଟରେ ମୁଣ୍ଡ ନୁଆଁଇବା ଆରମ୍ଭ କରିଛନ୍ତି। ଯୁଦ୍ଧ ସମାପ୍ତ କରିବା ପାଇଁ ଜେଲେନସ୍କି ଏବେ ରୁଷିଆ ସହିତ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ତଥାପି, ସେ ଆମେରିକା ସମ୍ମୁଖରେ ଏକ ଦାବି ମଧ୍ୟ ରଖିଛନ୍ତି। ସେ ପୁଟିନଙ୍କ ସହିତ ଟ୍ରମ୍ପଙ୍କ ସିଧାସଳଖ କଥାବାର୍ତ୍ତା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜେଲେନସ୍କି କହିଛନ୍ତି ଯେ, ସେ ରୁଷିଆ ସହିତ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ସେ ସର୍ତ୍ତ ରଖିଛନ୍ତି। ସେ କହିଛନ୍ତି ଏହା ସେତେବେଳେ ଘଟିବ ଯେତେବେଳେ ଆମେରିକା ଏବଂ ୟୁରୋପୀୟ ସହଯୋଗୀମାନଙ୍କ ମିଳିତ ପ୍ରୟାସରେ ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଏକ ସାଧାରଣ ଯୋଜନା ପ୍ରସ୍ତୁତ ହେବ। ଆମେ ଆମେରିକା ଏବଂ ଆମର ସହଯୋଗୀଙ୍କ ସହ ଯେକୌଣସି ଆଲୋଚନା ପାଇଁ ପ୍ରସ୍ତୁତ। ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଜେଲେନସ୍କି ଏହା କହିଛନ୍ତି। ଯଦି ସେମାନେ ଆମର ନିର୍ଦ୍ଦିଷ୍ଟ ଅନୁରୋଧଗୁଡ଼ିକର ଉପଯୁକ୍ତ ଉତ୍ତର ପ୍ରଦାନ କରନ୍ତି ଏବଂ ବିପଜ୍ଜନକ ଭ୍ଲାଡିମିର ପୁଟିନଙ୍କ ସହିତ ଏକ ସହମତିରେ ପହଞ୍ଚିପାରନ୍ତି। ତା'ପରେ ଆମେ ରୁଷିଆମାନଙ୍କ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ ରହିବୁ। ପୂର୍ବରୁ,ଜେଲେନସ୍କିଙ୍କ ପରାମର୍ଶଦାତା ଦିମିତ୍ରୋ ଲିଟଭିନ୍ କହିଥିଲେ ଯେ, ରୁଷିଆନଙ୍କ ସହ ଆଲୋଚନା ପାଇଁ ସହଯୋଗୀଙ୍କ ସହିତ ଏକ ସାଧାରଣ ସ୍ଥିତି ରହିବା ଆବଶ୍ୟକ। ସେ କହିଥିଲେ, ବର୍ତ୍ତମାନ ଏହା ଉପରେ କୌଣସି ଆଲୋଚନା ନାହିଁ। ରୁଷିଆ ସହିତ ଆଲୋଚନା ପାଇଁ କୌଣସି ଯୋଜନା ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିଥିଲେ, ସେ ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ପୁଟିନଙ୍କ ସହ କଥା ହୋଇଛନ୍ତି। ଏହା ପରେ, ଗୁରୁବାର ଟ୍ରମ୍ପ ପ୍ରଶାସନର ଶୀର୍ଷ ଅଧିକାରୀମାନେ ୟୁରୋପରେ ଅନେକ ବୈଠକ କରିଥିଲେ। ଯୁଦ୍ଧ ସମାପ୍ତ କରିବା ପାଇଁ ପୁଟିନଙ୍କ ଦାବି ଉପରେ ବିଶ୍ୱାସ ନ କରିବାକୁ ଜେଲେନସ୍କି ବିଶ୍ୱ ନେତାମାନଙ୍କୁ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ, ମୁଁ ଚାହେଁ କୌଣସି ଆଲୋଚନା ଆରମ୍ଭ ହେବା ପୂର୍ବରୁ ପୁଟିନଙ୍କୁ ରୋକିବା କରିବା ପାଇଁ ଆମେରିକା ଏକ ଯୋଜନାରେ ସହମତ ହେଉ।ୟୁକ୍ରେନର ୟୁରୋପୀୟ ସମର୍ଥକମାନେ ଭୟ କରୁଛନ୍ତି ଯେ, ଟ୍ରମ୍ପ ୟୁକ୍ରେନକୁ ଏକ ଅସନ୍ତୋଷଜନକ ଶାନ୍ତି ଚୁକ୍ତି ପାଇଁ ବାଧ କରିପାରନ୍ତି, ଯାହା ଫଳରେ ତାଙ୍କୁ ପୁଟିନଙ୍କ ସାମ୍ନା କରିବାକୁ ପଡ଼ିପାରେ। ଟ୍ରମ୍ପ ପ୍ରଶାସନ ସୂଚିତ କରିଛି ଯେ, ୟୁକ୍ରେନକୁ ରୁଷିଆକୁ ନିଜର ଅଞ୍ଚଳ ଛାଡିବାକୁ ପଡ଼ିପାରେ। ଏହା ସହିତ, ୱାଶିଂଟନ୍ କିଭ୍ ପାଇଁ ନାଟୋ ସଦସ୍ୟତାକୁ ଅବାସ୍ତବ ବୋଲି କହିଛି।

## ଭାରତକୁ ଏଫ-୩୫ ବିକ୍ରି ନେଇ ଟେନସନ୍‌ରେ ପାକିସ୍ତାନ

ଇସ୍ଲାମାବାଦ, ୧୫।୨: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଏଫ-୩୫ ଷ୍ଟିଲଥ୍ ଲଢୁଆ ବିମାନ ଯୋଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏହାକୁ ନେଇ ପାକିସ୍ତାନର ଟେନସନ ବଢ଼ିଯାଇଛି। ଆମେରିକାର ଏହି ପଦକ୍ଷେପକୁ ଦକ୍ଷିଣ ଏସିଆରେ ଶାନ୍ତି ପ୍ରତି ବିପଦ ବୋଲି ପାକିସ୍ତାନ କହିଛି। ଏଭଳି ପଦକ୍ଷେପ ଆଞ୍ଚଳିକ ସାମରିକ ସନ୍ତୁଳନକୁ ବ୍ୟାହତ କରିବା ସହ ରଣନୈତିକ ସ୍ଥିରତାକୁ ଦୁର୍ବଳ କରିପାରେ ବୋଲି ପାକିସ୍ତାନ କହିଛି। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଭାରତରେ ଅତ୍ୟାଧୁନିକ ସାମରିକ ଜ୍ଞାନକୌଶଳ ଯୋଗାଣ ପାଇଁ ଯୋଜନାବଦ୍ଧ ଆଗମନ ଆମର ଚିନ୍ତାକୁ ବଢ଼ାଇଦେଇଛି। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ଆମେ ଆମର ଅନ୍ତର୍ଜାତୀୟ ସହଯୋଗୀମାନଙ୍କୁ ଦକ୍ଷିଣ ଏସିଆରେ ଶାନ୍ତି ଏବଂ ନିରାପତ୍ତା ପ୍ରସଙ୍ଗରେ ଏକ ବ୍ୟାପକ ଏବଂ ଉଦ୍ଦେଶ୍ୟମୂଳକ ଆଭିମୁଖ୍ୟ ଗ୍ରହଣ କରିବାକୁ ଅନୁରୋଧ କରୁଛୁ। ସେ କହିଛନ୍ତି ଯେ ଆମର ସମସ୍ତ ସହଯୋଗୀମାନେ ଏକତରଫା ସମର୍ଥନ କରିବାରୁ ଦୂରେଇ ରହିବା ଉଚିତ୍। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୈଠକ ପରେ ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷର ପ୍ରତିରକ୍ଷା ଭାଗିଦାରୀ ଏବଂ ପ୍ରମୁଖ ଅସ୍ତ୍ରଶସ୍ତ୍ର ସହ-ଉତ୍ପାଦନ ଜାରି ରଖିବା କୁ ଘୋଷଣା କରିଥିଲେ। ଏହା ସହିତ ଡୋନାଲ୍ଡ ଟ୍ରମ୍ପ ଭାରତକୁ ସାମରିକ ସାମଗ୍ରୀ ବିକ୍ରି ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ, ଯେଉଁଥିରେ ଏଫ-୩୫ ଷ୍ଟିଲଥ୍ ଲଢୁଆ ବିମାନର ସମ୍ଭାବ୍ୟ ଯୋଗାଣ ମଧ୍ୟ ସାମିଲ ଥିଲା।

## ମହାରାଷ୍ଟ୍ର ସାଇବର ବିଭାଗରେ ହାଜର ହେଲେ ଅଭିନେତା ରଘୁରାମ

ମୁମ୍ବାଇ, ୧୫।୨: ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ଆୟୋଜିତ ଏକ ୟୁଟ୍ୟୁବ୍ ସୋ'ର ପୋଡ୍‌କାଷ୍ଟରେ ରଣବୀର ଆଲ୍ଲାବାଦିଆଙ୍କ ବିବାଦୀୟ ମନ୍ତବ୍ୟର ତଦନ୍ତ ମଧ୍ୟରେ ଅଭିନେତା ରଘୁ ରାମ ମହାରାଷ୍ଟ୍ର ସାଇବର ବିଭାଗରେ ହାଜର ହୋଇଛନ୍ତି। ଅନଲାଇନ୍ ନାମ ବିୟର୍‌ବିସେପ୍ସ ନାମରେ ଜଣାଶୁଣା ରଣବୀର ଆଲ୍ଲାବାଦିଆ ପିତାମାତାଙ୍କ ଯୌନ ସଂପର୍କ ବିଷୟରେ ତାଙ୍କର ମନ୍ତବ୍ୟ ଦେଇ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲେ। ଯାହାପରେ ତାଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ। ଏହି ସମୟରେ ସେ ଜଣେ ପ୍ରତିଯୋଗୀଙ୍କୁ ପ୍ରଶ୍ନ କରିଥିଲେ, "ତୁମେ କ'ଣ ତୁମ ବାପାମାଙ୍କୁ ଜୀବନସାରା ପ୍ରତିଦିନ ଶାରୀରିକ ସମ୍ପର୍କ ରଖୁଥିବାର ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ସାମିଲ ହୋଇ ସବୁଦିନ ପାଇଁ ବନ୍ଦ କରିଦେବ?" ତାଙ୍କର ଏହି ପ୍ରଶ୍ନ କାହାକୁ ପସନ୍ଦ ଆସିନଥିଲା। ରଣବୀର ଆଲ୍ଲାହାବାଦିଆ ଭାରତର ଲୋକପ୍ରିୟ ୟୁଟ୍ୟୁବର୍‌ସମାନଙ୍କ ମଧ୍ୟରୁ ଜଣେ। ନିଜ ପଡକାଷ୍ଟ ପାଇଁ ସେ ସବୁବେଳେ ଚର୍ଚ୍ଚାରେ ଥାନ୍ତି। ବଡ଼ ବଡ଼ ବ୍ୟକ୍ତିତ୍ୱଙ୍କୁ ପଡକାଷ୍ଟକୁ ଡାକି ନିଜ ପ୍ରଶଂସକଙ୍କୁ ବିଭିନ୍ନ କ୍ଷେତ୍ର ବିଷୟରେ ଅବଗତ କରାଉଥିବା ରଣବୀର ଏବେ ବିବାଦରେ। ୟୁଟ୍ୟୁବରେ ପ୍ରସାରିତ କମେଡି ସୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'କୁ ଯାଇ ସେ ପଚାରିଥିବା ପ୍ରଶ୍ନ ପାଇଁ ଏବେ ତାଙ୍କୁ ଟ୍ରୋଲ କରାଯାଉଛି। ତାଙ୍କ ବିରୋଧରେ ଅଭିଯୋଗ କରିବାକୁ ଧମକ ଦିଆଯିବା ସହ ତାଙ୍କୁ ବଏକଟ ପାଇଁ ଦାବି କରାଯାଉଥିବା ଦେଖି କ୍ଷମା ମାଗିଛନ୍ତି ରଣବୀର।

## ଭାଉଜଙ୍କ ଷଡ଼ଯନ୍ତ୍ରରେ ନଣନ୍ଦକୁ କାମୁଡ଼ିଲା କୁକୁର

ଗ୍ୱାଲିୟର, ୧୫।୨: ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ଭାଉଜ ଏମିତି ଯୋଜନା ରଚିଥିଲେ ଯେ ତାଙ୍କ ନଣନ୍ଦକୁ କୁକୁର କାମୁଡ଼ି ଦେଇଥିଲା। ଏହି ଘଟଣା ପରେ, ନଣନ୍ଦ ଜଣକ ତାଙ୍କ ଭାଉଜଙ୍କ ବିରୋଧରେ ପୁଲିସରେ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ମଧ୍ୟପ୍ରଦେଶର ଗ୍ୱାଲିୟର ଜନକଗଞ୍ଜ ପୋଲିସ ଷ୍ଟେସନରେ ଏକ ଅଭିଯୋଗ ଆସିଛି ଯେ ଜଣେ ନଣନ୍ଦ ଆଡକୁ ନିଜ ପୋଷା କୁକୁର ଛାଡିଦେଇଥିଲେ ଭାଉଜ। ଆଉ କୁକୁରଟି ନଣନ୍ଦଙ୍କୁ କାମୁଡ଼ିଦେଇଥିଲା। ଘରେ ପାଣି ଢାଳିବା ବିରୋଧରେ ଅଭିଯୋଗ କରିବା ଏବଂ ପ୍ରତିବାଦ କରିବାରୁ ଭାଉଜ ଜଣକ ତାଙ୍କ ନଣନ୍ଦଙ୍କ ଆଡକୁ ପୋଷା କୁକୁର ଛାଡିଦେଇଥିଲେ। ଆଉ କୁକୁର ତାଙ୍କୁ କାମୁଡ଼ି ଦେଇଥିଲା। ଜିୱାଜିଗଞ୍ଜର ରତନ କଲୋନୀରେ ରହୁଥିବା ବବିତା ଅଭିଯୋଗ କରିଛନ୍ତି ଯେ ସେ ତାଙ୍କ ଭଉଣୀ କମଲେଶ ଚାୱଲାଙ୍କ ସହିତ ରୁହନ୍ତି। ଗତକାଲି ଯେତେବେଳେ ସେ ତାଙ୍କ ଭଉଣୀ ସହିତ ଆସୁଥିଲେ। ତାଙ୍କ ଭାଉଜ ନେହା ଚାୱଲା ଜାଣିଶୁଣି ପାଣି ଢାଳି ଦେଇଥିଲେ। ଯେତେବେଳେ ନଣନ୍ଦ ଏହାର ପ୍ରତିବାଦ କଲେ, ଭାଉଜ ନେହା ତାଙ୍କ ପୋଷା କୁକୁରକୁ ଇଙ୍ଗିତ କରି ଉଭୟ ଭଉଣୀଙ୍କୁ ଆଡକୁ କୁକୁର ଛାଡିଦେଇଥିଲେ। ବବିତା କହିଥିଲେ ଯେ ଯେତେବେଳେ ଭାଉଜ ଜୋରଜବରଦସ୍ତ ଏବଂ ଜାଣିଶୁଣି ପାଣି ଢାଳି ଦେଇଥିଲେ, ଆମେ ତାଙ୍କୁ ବିରୋଧ କରିଥିଲୁ। ଯେତେବେଳେ ଦୁହିଁଙ୍କ ମଧ୍ୟରେ ବିବାଦ ବଢ଼ିବାକୁ ଲାଗିଲା, ଭାଉଜ ତାଙ୍କ କୁକୁରର ଚେନ ଖୋଲି ଦେଲେ ଏବଂ ଏକ ଇଙ୍ଗିତ କରି କୁକୁରକୁ ଆମ ପାଖକୁ ଛାଡିଦେଇଥିଲେ। ସଙ୍କେତ ପାଇବା ପରେ, କୁକୁରଟି ମଧ୍ୟ ଆମ ଉପରେ ଆକ୍ରମଣ କଲା। ଏହି ସମୟରେ କୁକୁରଟି ବବିତାଙ୍କ ଜଙ୍ଘରେ ଏବଂ ତାଙ୍କ ଭଉଣୀ କମଲେଶଙ୍କ ଗାଲକୁ କାମୁଡ଼ି ଦେଇଥିଲା। ଯେତେବେଳେ ଏହି ମାମଲା ପୋଲିସ ଷ୍ଟେସନରେ ପହଞ୍ଚିଲା, ପୁଲିସ ଅଭିଯୋଗ କ୍ରମେ ଭାଉଜଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଉ ୩ ଜଣ ଇସ୍ରାଏଲି ବନ୍ଧକଙ୍କୁ ମୁକ୍ତ କଲା ହମାସ

ନୂଆଦିଲ୍ଲୀ, ୧୫।୨: ଶନିବାର ହମାସ ଆଉ ତିନିଜଣ ଇସ୍ରାଏଲି ବନ୍ଧକଙ୍କୁ ମୁକ୍ତ କରିଛି। ମୁକ୍ତ ହୋଇଥିବା ବନ୍ଧକମାନଙ୍କ ମଧ୍ୟରେ ଜଣେ ଆମେରିକୀୟ ମଧ୍ୟ ରହିଛନ୍ତି। ଯିଏ ଦୀର୍ଘ ୪୯୮ ଦିନ ଧରି ଗାଜାରେ ବନ୍ଦୀ ଜୀବନ କାଟୁଥିଲେ ବୋଲି ସୂଚନା ରହିଛି। ତେବେ ଉଭୟ ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅତ୍ୟନ୍ତ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଇସ୍ରାଏଲ ବାରମ୍ବାର ହମାସକୁ ନାଲିଆଖି ଦେଖାଉଥିବା ବେଳେ ଏହି ଅସ୍ତ୍ରବିରତି ପାଇଁ ମଧ୍ୟସ୍ତତା କରୁଥିବା ଇଜିପ୍ଟ ଓ କତାର ଦେଶ ଏହାକୁ ନେଇ ଯଥେଷ୍ଟ ସାବଧାନତା ଅବଲମ୍ବନ କରୁଛନ୍ତି। ହାମସ ପକ୍ଷରୁ ମୁକ୍ତ ହୋଇଥିବା ତିନିଜଣ ବନ୍ଧକ ହେଉଛନ୍ତି ୪୬ ବର୍ଷିୟ ଲାୟର ହର୍ଣ୍ଣ, ୩୬ ବର୍ଷିୟ ସଗୁଇ ଡେକେଲ ଚେନ ଓ ୨୯ ବର୍ଷିୟ ଶାଶା ଟ୍ରୋଉଫାନୋଭ। ବନ୍ଧକ ମାନଙ୍କୁ ପ୍ରଥମେ ଗାଜାରେ ଥିବା ଏକ ଷ୍ଟେଜକୁ ନେଇ ସେଠାରେ ସର୍ବ ସମ୍ମୁଖରେ ସେମାନଙ୍କ ମୁଖାଖୋଲି ହମାସର ଶସ୍ତ୍ରଧାରୀ ଲୋକମାନେ ସେମାନଙ୍କୁ ରେଡ କ୍ରସ ମାଧ୍ୟମରେ ଇସ୍ରାଏଲକୁ ପଠାଇ ଦେଇଥଲେ। ସୂଚନା ମୁତାବକ, ଇସ୍ରାଏଲରେ ବନ୍ଦୀ ଥିବା ୩୬୯ ପାଲେସ୍ତିନି ନାଗରିକମାନଙ୍କ ବଦଳରେ ଗାଜାରୁ ବନ୍ଧକମାନଙ୍କୁ ଫେରାଇ ଅଣାଯାଉଛି। ତେବେ ଏହାକୁ ନେଇ ଉଭୟ ପକ୍ଷ ବହୁ ବିଳମ୍ବରେ ନିଷ୍ପତ୍ତି ଗ୍ରହଣ କରୁଛନ୍ତି। କିନ୍ତୁ ଏହା ଏକ ୪୨ ଦିନିଆ ଅସ୍ତ୍ରବିରତି ଚୁକ୍ତି ହୋଇଥିବାରୁ କେଉଁ ସମୟରେ ବି ଉଭୟ ଦେଶ ମଧ୍ୟରେ ପୁଣି ଯୁଦ୍ଧ ଆରମ୍ଭ ହୋଇଯାଇପାରେ। ବିଗତ ମାସରେ ହମାସ ମୋଟ ୩୩ ଜଣ ଇସ୍ରାଏଲି ବନ୍ଧକ ମାନଙ୍କୁ ମୁକ୍ତ କରିବ ବୋଲି ଘୋଷଣା କରିଥିଲା। ଏହା ପ୍ରତିବଦଳରେ ଇସ୍ରାଏଲରେ ବନ୍ଦି ଥିବା ମୋଟ ୧୦୦ ଜଣ ପିଲିସ୍ତିନି ବନ୍ଦିଙ୍କୁ ମୁକ୍ତ କରିବା ସହ ଯୁଦ୍ଧ ମଧ୍ୟରେ ଗାଜାରେ ଥିବା ଇସ୍ରାଏଲ ଅଧିକୃତ ଅଞ୍ଚଳକୁ ମୁକ୍ତ କରିବାକୁ ଦାବି କରିଥିଲା।

## ଆମେରିକାରୁ ଆଉ ୧୧୯ ଜଣ ଭାରତୀୟଙ୍କୁ ଧରି ଆଜି ଅମୃତସରରେ ପହଞ୍ଚିବ ଅନ୍ୟ ଏକ ବିମାନ

ନୂଆଦିଲ୍ଲୀ, ୧୫।୨: ଆମେରିକାରୁ ନିର୍ବାସିତ ଭାରତୀୟଙ୍କୁ ନେଇ ଆଉ ଏକ ବିମାନ ଆଜି ଭାରତରେ ପହଞ୍ଚିବାକୁ ଯାଉଛି। ବିମାନଟି ରାତି ପ୍ରାୟ ୧୦ଟାରେ ଅମୃତସରରେ ଅବତରଣ କରିବ। ଏହି ବିମାନରେ ୧୧୯ ଜଣ ଭାରତୀୟ ଥିବା



ଜଣା ପଡିଛି। ସୂଚନା ଅନୁସାରେ ୧୬ ଫେବ୍ରୁଆରିରେ ମଧ ଆଉ ଏକ ବିମାନ ଆସି ପହଞ୍ଚିବ। ଏହା ପୂର୍ବରୁ ଆମେରିକାରୁ ଅବୈଧ ପ୍ରବାସୀଙ୍କୁ ନେଇ ଆସିଥିବା ପ୍ରଥମ ବିମାନଟି ଫେବ୍ରୁଆରି ୫ ରେ ଅମୃତସରରେ ଅବତରଣ କରିଥିଲା। ସେଥିରେ ୧୦୪ ଜଣ ଭାରତୀୟ ଥିଲେ। ଆମେରିକାରୁ ନିର୍ବାସିତ ଭାରତୀୟମାନଙ୍କୁ ନେଇ ଆସୁଥିବା ଦ୍ୱିତୀୟ ବିମାନ ଅମୃତସରେ ଅବତରଣକୁ ନେଇ ରାଜନୀତି ଜୋର ଧରିଛି। ଏହା ଉପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ସେ କେନ୍ଦ୍ର ସରକାରଙ୍କ ଉପରେ ପଞ୍ଜାବକୁ ବଦନାମ କରୁଥିବା ଆରୋପ ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ମାନ ମୋଦୀଙ୍କୁ ଆକ୍ଷେପ କରି କହିଛନ୍ତି "ଆମେରିକାରୁ ନିର୍ବାସିତ ହେଉଥିବା ଭାରତୀୟମାନଙ୍କୁ କେବଳ ଅମୃତସରରେ କାହିଁକି ଅବତରଣ କରାଯାଉଛି? ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପରେ ଏହା କ'ଣ ଟ୍ରମ୍ପଙ୍କ ଉପହାର ? ଏହା ଛଡା ଆଜି ଆମେରିକାରୁ ଆସୁଥିବା ଭାରତୀୟମାନଙ୍କୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଅମୃତସର ବିମାନବନ୍ଦରକୁ ଯାଇପାରନ୍ତି ବୋଲି ସେ କହିଛନ୍ତି। ଦୁଇ ଦେଶ ମିଳିତ ଭାବେ ଆମେରିକାରେ ଥିବା ପ୍ରାୟ ୧୮,୦୦୦ ବେଆଇନ ଭାବେ ପ୍ରବେଶ କରିଥିବା ଭାରତୀୟଙ୍କୁ ଦେଶାନ୍ତର କରିବା ପାଇଁ ଚିହ୍ନଟ କରିଥିଲେ। ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ। ଅନ୍ୟାନ୍ୟ ଦେଶ ଭଳି ଭାରତ ମଧ ଟ୍ରମ୍ପ ପ୍ରଶାସନକୁ ଖୁସି କରିବା ଏବଂ ଏହାର ବାଣିଜ୍ୟ ବିପଦର ପ୍ରଭାବକୁ ଏଡ଼ାଇବା ପାଇଁ ପରଦା ପଛରେ କାମ କରୁଛି। ବେଆଇନ ପ୍ରବାସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଟ୍ରମ୍ପଙ୍କ ପାଇଁ ଏକ ପ୍ରମୁଖ ପ୍ରଚାର ପ୍ରତିଶ୍ରୁତି ହୋଇଛି।

## ବସ୍-ବୋଲେରୋ ଧକ୍କା, ୧୦ ମହାକୁମ୍ଭ ଶ୍ରଦ୍ଧାଳୁ ମୃତ

ପ୍ରୟାଗରାଜ, ୧୫।୨: ମିର୍ଜାପୁର-ପ୍ରୟାଗରାଜ ରାଜପଥରେ ଏକ ବସ୍ ସହିତ ବୋଲେରୋ ଧକ୍କା ହୋଇ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଅତି କମ୍‌ରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ କହିଛି ଯେ ମିର୍ଜାପୁର-ପ୍ରୟାଗରାଜ ରାଜପଥରେ ଏକ ବସ୍ ସହିତ ବୋଲେରୋ କାର ଧକ୍କା ହେବା ଫଳରେ ଛତିଶଗଡ଼ରୁ ଆସିଥିବା ସମସ୍ତ ଭକ୍ତଙ୍କ ମଧ୍ୟରୁ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟରାତ୍ରିରେ ଘଟିଥିବା ଏହି ଦୁର୍ଘଟଣାରେ ୧୯ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

କାରରେ ଯାତ୍ରା କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ଭକ୍ତମାନେ ଛତିଶଗଡ଼ର କୋରବାର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ପାଇଁ କୁମ୍ଭକୁ ଯାଉଥିଲେ। ଦୁର୍ଘଟଣା ସମୟରେ ବସ୍‌ରେ ମଧ୍ୟପ୍ରଦେଶର ରାଜଗଡ଼ର ତୀର୍ଥଯାତ୍ରୀ ମଧ ଥିଲେ। ତେବେ ଦୁର୍ଘଟଣା ପରେ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ



ପାଇଁ ସ୍ୱରୂପ ରାଣୀ ମେଡିକାଲ ହସ୍ପିଟାଲକୁ ନିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ପ୍ରୟାଗରାଜ ଅତିରିକ୍ତ ଏସପି ବିବେକ ଚନ୍ଦ୍ର ଯାଦବ କହିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରୟାଗରାଜରେ ଘଟିଥିବା ସଡ଼କ ଦୁର୍ଘଟଣାକୁ ନେଇ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି।

## କେଜ୍ରିୱାଲଙ୍କୁ ଧକ୍କା: ୩ ଆପ୍ ପାର୍ଷଦ ବିଜେପିରେ ଯୋଗଦେଲେ

ନୂଆଦିଲ୍ଲୀ, ୧୫।୨: ଦିଲ୍ଲୀରେ ନିର୍ବାଚନ ହାରିବା ପରେ ଆମ୍ ଆଦମୀ ପାର୍ଟିକୁ ଆଉ ଏକ ବଡ଼ ଝଟକା ଲାଗିଛି। ଶନିବାର ଦଳର ୩ ଜଣ ପାର୍ଷଦ ବିଜେପିରେ ଯୋଗ ଦେଇଛନ୍ତି। ଏହା ଫଳରେ ଆଗାମୀ ମେୟର ନିର୍ବାଚନରେ ବିଜେପି ପାଇଁ ସ୍ଥିତି ସୁବିଧାଜନକ ହେବ। ଆପ୍ ଛାଡୁଥିବା ପାର୍ଷଦଙ୍କ ନାମ ଅନୀତା ବସୋୟା, ନିଖିଲ ଚାପରିଆ ଏବଂ ଧର୍ମବୀର। ଅନିତା ହେଉଛନ୍ତି ଆଣ୍ଡ୍ରୁଜ୍ ଗଞ୍ଜର ପାର୍ଷଦ, ନିଖିଲ ବଦରପୁରର ଏବଂ ଧର୍ମବୀର ଆରକେ ପୁରମର ପାର୍ଷଦ। ବିଜେପି ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ ଏହି ପାର୍ଷଦମାନଙ୍କୁ ଦଳରେ ସ୍ୱାଗତ କରିଥିଲେ। ଦିଲ୍ଲୀରେ ଆପର ପରାଜୟର ଏହା କିଛି ମାତ୍ରାରେ ପାର୍ଶ୍ୱ ପ୍ରତିକ୍ରିୟା ବୋଲି କୁହାଯାଉଛି। ଆପ୍ ଛାଡୁଥିବା ପାର୍ଷଦଙ୍କ ନାମ ଅନୀତା ବସୋୟା, ନିଖିଲ ଚାପରିଆ ଏବଂ ଧର୍ମବୀର। ଅନିତା ହେଉଛନ୍ତି ଆଣ୍ଡ୍ରୁଜ୍ ଗଞ୍ଜର ପାର୍ଷଦ, ନିଖିଲ ବଦରପୁରର ଏବଂ ଧର୍ମବୀର ଆରକେ ପୁରମର ପାର୍ଷଦ। ଏଭଳି ସ୍ଥିତିରେ ଦିଲ୍ଲୀରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଗଠନ ନିଶ୍ଚିତ ହୋଇଯାଇଛି। ଦିଲ୍ଲୀ ବିଧାନସଭା ପରେ ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନରେ କ୍ଷମତା ପରିବର୍ତ୍ତନ ମଧ ନିଶ୍ଚିତ ବୋଲି ବିବେଚନା କରାଯାଉଛି। ମାର୍ଚ୍ଚ ଶେଷରେ ହେବାକୁ ଥିବା ମେୟର ନିର୍ବାଚନରେ ବିଜେପିକୁ ମେୟର ମିଳିବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ଆମ୍ ଆଦମୀ ପାର୍ଟିର ଏକ ଡଜନ କାଉନସିଲର ବିଜେପିରେ ଯୋଗ ଦେଇଛନ୍ତି। ବିଧାନସଭା ପରେ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନରେ ମଧ ବିଜେପିର ସରକାର ହୋଇପାରେ।

## କୁମ୍ଭ ମେଳାର ଭକ୍ତସଂଖ୍ୟା ନେଇ ତେଜିଲା ରାଜନୀତି

ନୂଆଦିଲ୍ଲୀ, ୧୫।୨: ମହାକୁମ୍ଭମେଳାର ୩୪ତମ ଦିନରେ ମଧ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଛି। ପ୍ରୟାଗରାଜ ମହାକୁମ୍ଭରେ ଭକ୍ତଙ୍କ ସଂଖ୍ୟା ୫୧ କୋଟି ଅତିକ୍ରମ କରିଛି, ଆଜି ଶନିବାର (୧୫ ଫେବୃଆରୀ) ଅପରାହ୍ନ ସୁଦ୍ଧା ଏହା ୫୧ କୋଟି ଭକ୍ତଙ୍କ ସଂଖ୍ୟା ଅତିକ୍ରମ କରିସାରିଛି। ଏହି ସମୟରେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମହାକୁମ୍ଭରେ ଭକ୍ତଙ୍କ ସଂଖ୍ୟାକୁ ନେଇ ଯୋଗୀ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି।



ଏସପି ମୁଖ୍ୟ ଅଖିଳେଶ ଯାଦବ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, "ଆମେ ବିଶ୍ୱାସ କରୁଛୁ ଯେ ପ୍ରାୟ ୬୦ କୋଟି ଲୋକ ମହାକୁମ୍ଭରେ ସ୍ନାନ କରିଛନ୍ତି। ସରକାର କମ ସଂଖ୍ୟା ଦେଖାଉଛନ୍ତି କାରଣ ଆସନ୍ତାକାଲି ଯେତେବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ କିମ୍ବା ବିଶ୍ୱବିଦ୍ୟାଳୟ ଏହି ମେଳାର ପ୍ରଶାସନ ଏବଂ ପରିଚାଳନା ଅଧ୍ୟୟନ କରିବେ, ସେମାନେ ଜାଣିବେ ଯେ ଆସିଥିବା ଲୋକଙ୍କ ସଂଖ୍ୟା ଅନୁସାରେ ଉପଯୁକ୍ତ ପ୍ରଶାସନ ଏବଂ ପରିଚାଳନା କରାଯାଇ ନଥିଲା। ଯାହା ବିଜେପି ସରକାରଙ୍କ ବିଫଳତା। ତେଣୁ ମେଳା ବିଫଳ ହେବା ପରେ, ସେମାନେ ଜାଣିଶୁଣି କମ୍ ସଂଖ୍ୟା ଦେଖାଉଛନ୍ତି। ସେମାନେ ମଞ୍ଚରୁ ମେଳା ବିଷୟରେ କିଛି କହିପାରନ୍ତି, କିନ୍ତୁ ସେମାନଙ୍କ ହୃଦୟରେ ସେମାନେ ଏହା ମଧ ଜାଣନ୍ତି ଯେ ମେଳାର ବିଫଳତା ପଛରେ ସେମାନଙ୍କର ନିଜର ତ୍ରୁଟି ଥିଲା, ଯାହା ଯୋଗୁଁ ଦେଶ ଏବଂ ବିଶ୍ୱରେ ଉତ୍ତରପ୍ରଦେଶର ଛବିକୁ ବହୁତ ଆଘାତ ଲାଗିଛି।" ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆହୁରି ଲେଖିଛନ୍ତି- "ମେଳାର ଖରାପ ବ୍ୟବସ୍ଥା ଏବଂ କୋଡ଼ିଏ କିଲୋମିଟର ଚାଲିବାକୁ ବାଧ ହେବା ଯୋଗୁଁ ଲକ୍ଷ ଲକ୍ଷ ବୃଦ୍ଧ ଏଠାକୁ ଆସିପାରିଲେ ନାହିଁ। ଦରବୃଦ୍ଧି ଯୋଗୁଁ ଗରିବ ଲୋକମାନେ ଏଠାକୁ ପହଞ୍ଚି ପାରିଲେ ନାହିଁ ଏବଂ ପ୍ରୟାଗରାଜର ଲକ୍ଷ ଲକ୍ଷ ସ୍ଥାନୀୟ ବାସିନ୍ଦା ମଧ ଟ୍ରାଫିକ ଜାମ୍ ଏବଂ ଅତିଥିମାନଙ୍କ ଯୋଗୁଁ ସ୍ନାନ କରିପାରିଲେ ନାହିଁ। ତେଣୁ, ଆମର ଦାବି ହେଉଛି ଯେ ମେଳାରେ ବ୍ୟବସ୍ଥାକୁ ଆଉ କିଛି ଦିନ ପାଇଁ ବୃଦ୍ଧି କରାଯାଉ ଯାହା ଦ୍ୱାରା ସ୍ନାନରୁ ବଞ୍ଚିତ ବୃଦ୍ଧ, ଗରିବ କିମ୍ବା ପ୍ରୟାଗରାଜ ବାସିନ୍ଦାମାନେ ପୁଣ୍ୟ ଅର୍ଜନ କରିବାର ସୁଯୋଗ ପାଇପାରିବେ।"

## ରାଜସ୍ଥାନ କୋଟାରେ ଗ୍ୟାସ୍ ଲିକ୍

କୋଟା, ୧୫।୨: ରାଜସ୍ଥାନ କୋଟାର ଚମ୍ବଲରେ ଥିବା ଫର୍ଟିଲାଇଜର୍ସ କେମିକାଲ ଲିମିଟେଡରେ ଗ୍ୟାସ୍ ଲିକ୍। ଏହି ଗ୍ୟାସ ଲିକର ଶିକାର ହୋଇଛନ୍ତି ସ୍କୁଲ ପିଲା। ୧୩ ଜଣ ସ୍କୁଲ ପିଲା ଅଚେତ ହୋଇପଡିଥିଲେ। ଏମାନଙ୍କୁ ହସପିଟାଲରେ ଆଡମିଟ୍ କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

ଖବର ମୁତାବକ, କୋଟା-ବାରାଂ ହାଇୱେର ଗଢେପାନରେ ସିଏଫସିଏଲ କେମିକାଲ ଫ୍ୟାକ୍ଟ୍ରି ରହିଛି। ଏହି ଫ୍ୟାକ୍ଟ୍ରିରେ ଦ୍ୱିପ୍ରହରରେ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା।

### ୧୩ ସ୍କୁଲ ଛାତ୍ର ଅଚେତ, ହସ୍ପିଟାଲରେ ଭର୍ତ୍ତି

ଗ୍ୟାସ୍ ଲିକ୍ ହେବା ପରେ ନିକଟରେ ଥିବା ଏକ ସ୍କୁଲର ପିଲାମାନେ ଅଚେତ ହୋଇପଡିଥିଲେ। ୧୩ ଜଣ ସ୍କୁଲ ପିଲା ଅଚେତ୍ ହୋଇପଡିଥିଲେ। ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ତେବେ କେମିତି ଗ୍ୟାସ ଲିକ୍ ହେଲା, ତାହା ଏଯାଏଁ ଜଣାପଡିନାହିଁ। ଘଟଣା ସ୍ଥଳରେ ଅଧିକାରୀ ପହଞ୍ଚି ଯାଞ୍ଚ କରୁଛନ୍ତି। କାରଣ ଜଣାପଡିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଗ୍ୟାସ ଲିକ୍ ଖବର ଶୁଣିବା ପରେ ଅନେକ ମାତ୍ରାରେ ଲୋକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଲୋକମାନେ କମ୍ପାନୀ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ଘଟଣା ବିଷୟରେ ଜାଣିବା ପରେ ଗ୍ରାମୀଣ ଏସପି ଏବଂ ଜିଲ୍ଲାପାଳ ସ୍କୁଲରେ ପହଞ୍ଚିଥିଲେ। ସଂପୂର୍ଣ୍ଣ ମାମଲାର ଯାଞ୍ଚ କରାଯାଉଛି ବୋଲି କହିଛନ୍ତି।

## ଭାରତ ବିଶ୍ୱର ସୌର ମହାଶକ୍ତି: ଜାତିସଂଘ ଜଳବାୟୁ ମୁଖ୍ୟ

ନୂଆଦିଲ୍ଲୀ, ୧୫।୨: ମିଳିତ ଜାତିସଂଘର ଜଳବାୟୁ ମୁଖ୍ୟ ସାଇମନ ଷ୍ଟିଲ ଭାରତକୁ 'ସୌର ମହାଶକ୍ତି' ବୋଲି କହିଛନ୍ତି। ସମଗ୍ର ଅର୍ଥନୀତିକୁ ବ୍ୟାପକ କରୁଥିବା ଏକ ଉଚ୍ଚାକାଂକ୍ଷୀ ଜଳବାୟୁ ଯୋଜନା ବିକଶିତ କରିବାକୁ ସେ ଭାରତକୁ ଅନୁରୋଧ କରିଥିଲେ । ବିଶ୍ୱ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉନ୍ନତିର ଫାଇଦା ଉଠାଇଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି । ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭାରତ ଆସିଥିବା ଷ୍ଟିଲ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ଭାରତର ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ କିଛି ସରକାର କେବଳ କଥାବାର୍ତ୍ତା କରୁଥିବା ବେଳେ ଭାରତ କାମ କରେ । ୧୦୦ ଗିଗାୱାଟରୁ ଅଧିକ ସୌର ଶକ୍ତି ସ୍ଥାପନ କରିଥିବା ୪ଟି ଦେଶ ମଧ୍ୟରୁ ଭାରତ ଏକ ସୌର ମହାଶକ୍ତି। ୨୦୧୮ ସୁଦ୍ଧା ଦେଶର ବିଭିନ୍ନ ଗାଁରେ ବିଜୁଳି ପହଞ୍ଚାଇବା ସହ ଶକ୍ତି ଉପଲବ୍ଧତା ବୃଦ୍ଧି ପାଇବାରେ ଲାଗିଛି।" ଷ୍ଟିଲ କହିଛନ୍ତି ଯେ ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ନେବାର ସମୟ ଆସିଛି ଯାହା ଭାରତର ୧.୪ ବିଲିୟନ ଲୋକ ଏବଂ ଅର୍ଥନୀତିକୁ ଆହୁରି ଅଧିକ ଫାଇଦା ଦେବ। ଭାରତ ଏ ଦିଗରେ ଦୃଢ଼ ଗତିରେ ଆଗକୁ ବଢ଼ୁଛି, କିନ୍ତୁ ବିଶ୍ୱ ସ୍ୱଚ୍ଛ ଶକ୍ତି ବୃଦ୍ଧିକୁ ଆହୁରି ଦୃଢ଼ତାର ସହ ଗ୍ରହଣ କଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବୃଦ୍ଧି ପାଇବ। ଷ୍ଟିଲ କହିଛନ୍ତି ଯେ ଭାରତ ପାଖରେ ଏକ ସୁଯୋଗ ଅଛି ଯାହା କେବଳ ଅଳ୍ପ କିଛି ଦେଶ ପାଖରେ ଅଛି । ଶହ ଶହ ଗିଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ନିୟୋଜିତ କରିବା।

## ବାଂଲାଦେଶର ନୂଆ ଯୋଜନା

# ମସ୍କଙ୍କ ମାଧ୍ୟମରେ ଆମେରିକା ସହ ବ୍ୟବସାୟ ବୃଦ୍ଧି ଲକ୍ଷ୍ୟ

ଢାକା, ୧୫।୨: ଏଲନ ମସ୍କଙ୍କ ମାଧ୍ୟମରେ ବାଂଲାଦେଶ ଏକ ନୂତନ ପଦକ୍ଷେପ ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହିତ ବ୍ୟବସାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଷ୍ଟାରଲିଙ୍କ୍‌କୁ ବାଂଲାଦେଶ ଆସିବାକୁ ନିମନ୍ତ୍ରଣ କରାଯାଇଛି। ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଏକ୍ସରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏଲନ ମସ୍କଙ୍କ ସହ ତାଙ୍କର ଏକ ବହୁତ ଭଲ ସାକ୍ଷାତ ହୋଇଥିଲା। ଆମେ ଏକାଠି କାମ କରିବାକୁ ରାଜି ହୋଇଥିଲୁ। ୟୁନୁସ୍ କହିଛନ୍ତି, ସେ ମସ୍କଙ୍କ ସହିତ ମିଶି ଖୁବ୍ ଶୀଘ୍ର ବାଂଲାଦେଶରେ ଷ୍ଟାରଲିଙ୍କ୍ ଆରମ୍ଭ କରିବାକୁ ଆଶା କରୁଛନ୍ତି। ପୂର୍ବରୁ, ମସ୍କ୍ ଗୁରୁବାର ମହମ୍ମଦ ୟୁନୁସ୍‌ଙ୍କ ସହ କଥା ହୋଇଥିଲେ। ଶେଖ ହସିନାଙ୍କ ସରକାରର କ୍ଷମତାଚ୍ୟୁତ ପରଠାରୁ ୟୁନୁସ୍ ବାଂଲାଦେଶର ନେତୃତ୍ୱ ନେଉଛନ୍ତି। ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଂଲାଦେଶ ସମ୍ପର୍କରେ ନିଷ୍ପତ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଛାଡି ଦେଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାମ୍ବାଦିକ ସମ୍ମିଳନୀ ସମୟରେ, ଯେତେବେଳେ ଜଣେ ସାମ୍ବାଦିକ ପ୍ରଶ୍ନ କରିଥିଲେ ଯେ, ବାଂଲାଦେଶ ବିଷୟରେ ଆପଣ କ'ଣ କହିବାକୁ ଚାହାନ୍ତି? କାରଣ ଆମେ ଦେଖିଛୁ ଏବଂ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ, ବାଇଡେନ ପ୍ରଶାସନ ସମୟରେ ସେଠାରେ ଆମେରିକା



କିପରି କାମ କରୁଥିଲା। ସେତେବେଳେ ମହମ୍ମଦ ୟୁନୁସ୍ ଜୁନିଅର ସୋରୋସଙ୍କୁ ଭେଟିଥିଲେ। ସାମ୍ବାଦିକ ଜଣକ ପଚାରିଲେ ଯେ, ଏହି ସମଗ୍ର ପରିପ୍ରେକ୍ଷୀରେ ଆପଣ କ'ଣ କହିବାକୁ ଚାହାନ୍ତି? ଏହାର ଜବାବରେ ଟ୍ରମ୍ପ କହିଥିଲେ ଯେ, ଦେଖନ୍ତୁ, ଆମର ଡିପ୍ ଷ୍ଟେଟ୍‌ର କୌଣସି ଭୂମିକା ନାହିଁ। ଏହା ଏପରି ଏକ ପ୍ରସଙ୍ଗ ଯାହା ଉପରେ ପ୍ରଧାନମନ୍ତ୍ରୀ ମୋଦୀ ବହୁତ ଦିନ ଧରି କାମ କରୁଛନ୍ତି ଏବଂ ବହୁ ବର୍ଷ ଧରି ଏହା ଉପରେ କାମ କରୁଛନ୍ତି। ମୁଁ ଏହା ବିଷୟରେ ପଢ଼ୁଛି। ମୁଁ ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହାତରେ ବାଂଲାଦେଶକୁ ଛାଡି ଦେଉଛି।

ଶେଖ ହସିନାଙ୍କ ସରକାର ୫ ଅଗଷ୍ଟ ୨୦୨୪ରେ ବାଂଲାଦେଶ ଛାଡିବା ପରଠାରୁ ମହମ୍ମଦ ୟୁନୁସ୍ ବାଂଲାଦେଶରେ କ୍ଷମତାରେ ଅଛନ୍ତି। ସମ୍ପ୍ରତି ଆମେରିକା ବାଂଲାଦେଶର ୟୁନୁସ୍ ସରକାରଙ୍କୁ ଏକ ବଡ଼ ଝଟକା ଦେଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଂଲାଦେଶକୁ ଆମେରିକାର ସହାୟତା ବନ୍ଦ କରିଦେଇଥିଲେ। ୟୁନୁସ୍‌ଙ୍କୁ ଜୋ ବାଇଡେନ ଏବଂ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନିକଟତର ବୋଲି ବିବେଚନା କରାଯାଏ।

ଶେଖ୍ ହସିନା ବାଂଲାଦେଶରୁ ପଳାଇବା ପରେ ଏବଂ ୟୁନୁସ୍ ସରକାର ଆସିବା ପରେ, ହିନ୍ଦୁମାନଙ୍କୁ ନିରନ୍ତର ଟାର୍ଗେଟ କରାଯାଉଛି। ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଜାରି ରହିଛି। ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟଙ୍କ ବିରୁଦ୍ଧରେ ବଡ଼ ଧରଣର ଲୁଟପାଟ ଏବଂ ଭଙ୍ଗାରୁଜା କରାଯାଉଛି। ହିନ୍ଦୁମାନଙ୍କ ପ୍ରତିଷ୍ଠାନ ଏବଂ ଘରଗୁଡ଼ିକୁ ଟାର୍ଗେଟ କରାଯାଉଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ଭାରତ ନିରନ୍ତର ଆପତ୍ତି ପ୍ରକାଶ କରିଆସୁଛି।

### ପ୍ରୋ ଲିଗ ମହିଳା ହକି ଆରମ୍ଭ

## ଇଂଲଣ୍ଡକୁ ହରାଇଲା ଭାରତ



**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ଆଜିଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ପ୍ରୋ ଲିଗ୍ ମହିଳା ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଆୟୋଜକ ଭାରତ ବିଜୟରୁ ତା'ର ଅଭିଯାନ ଆରମ୍ଭ କରିଛି। ଦଳ ୩-୨ରେ ଇଂଲଣ୍ଡକୁ ହରାଇଛି। ଭାରତ ଦିନର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିଥିବା ବେଳେ ଏଥିରେ ପ୍ରଥମରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିଲା। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରର ଷଷ୍ଠ ମିନିଟରେ ଭାରତ ପେନାଲଟି କର୍ଣ୍ଣର ପାଇବା ପରେ ଏହାକୁ ଗୋଲ୍‌ରେ ପରିଣତ କରି ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଗୋଟିଏ ଗୋଲ ଦେଇ ସ୍ଥିତି ବରାବର କରିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଉଭୟ ଦଳ ସମାନ ସ୍ଥିତିରେ ଥିବାବେଳେ ତୃତୀୟ କ୍ୱାର୍ଟର୍‌ରେ କୌଣସି ଗୋଲ୍ ହୋଇନଥିଲା। କିନ୍ତୁ ଅନ୍ତିମ କ୍ୱାର୍ଟରଟି ନିର୍ଣ୍ଣାୟକ ହୋଇଥିଲା। ଏଥିରେ ଭାରତ ୨ଟି ଗୋଲ୍ ଦେଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ମାତ୍ର ଗୋଟିଏ ଗୋଲ୍ ଦେଇଥିଲା। ଶେଷରେ ଭାରତ ୩-୨ରେ ବିଜୟୀ ହୋଇଛି। ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିବା ବେଳେ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମ୍ୟାଚ୍‌ରେ ଅତିଥି ଭାବେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

### ମହିଳା ପ୍ରିମିୟର୍ ଲିଗ୍

## ଦିଲ୍ଲୀ କ୍ୟାପିଟାଲ୍ସର ସଂଘର୍ଷପୂର୍ଣ୍ଣ ବିଜୟ



**ଭଦୋଦରା,୧୫।୨:** ଚଳିତ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଆଜି ଖେଳାଯାଇଥିବା ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ୧୯.୧ ଓଭର୍‌ରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ନାତାଲି-ସ୍କିଭର୍ ୫୯ ବଲ୍‌ରେ ୧୩ଟି ଚୌକା ସହ ୮୦ ରନ୍ କରି ଅପରାଜିତ ଥିଲେ। ଏହାଛଡ଼ା ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ୨୨ଟି ବଲ୍ ଖେଳି ୪ଟି ଚୌକା ଓ ୩ଟି ଛକା ସହ ୪୨ ରନ୍‌ର ଯୋଗଦାନ ଦେଇଥିଲେ। ଉଭୟଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୭୩ ରନ୍‌ର ଭାଗୀଦାରୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ଆନ୍ନାବେଲ୍ ସଦରଲାଣ୍ଡ ୩ଟି, ଶିଖା ପାଣ୍ଡେ ୨ଟି ଏବଂ ଆଲାଇସ୍ କ୍ୟାପ୍‌ସୀ ଓ ମିନୁ ମାନି ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦିଲ୍ଲୀ ପକ୍ଷରୁ ଓପନର ଶେଫାଳୀ ବର୍ମା ମାତ୍ର ୧୭ ବଲ୍‌ରେ ୭ଟି ଚୌକା ଓ ୨ଟି ଛକା ସହ ୪୩ ରନ୍ କରିଥିଲେ। ଏହାଛଡ଼ା ନିକି ପ୍ରସାଦ ୪ଟି ଚୌକା ସହ ୩୫ ରନ୍ କରି ଦଳକୁ ବିଜୟ ନିକଟତର କରାଇଥିଲେ। ଆହୁରି ସାରାହ ବ୍ରାଇସ୍ ମାତ୍ର ୧୦ଟ ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ସହ ୨୧ ରନ୍ କରିବା ସହ ନିକିଙ୍କ ସହ ଷଷ୍ଠ ୱିକେଟ୍‌ରେ ୩୧ ରନ୍ ଯୋଡ଼ିଥିଲେ, ଯାହା ଦଳର ବିଜୟ ପାଇଁ ନିର୍ଣ୍ଣାୟକ ହୋଇଥିଲା। ଦଳ ଅନ୍ତିମ ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିବା ଫଳରେ ମୁମ୍ବାଇକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ମୁମ୍ବାଇ ପକ୍ଷରୁ ହେଲି ମାଥ୍ୟୁସ୍ ଓ ଆମେଲିଆ କେର୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ନିକିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



## ୨୨ରୁ ମାଷ୍ଟର୍ସ ଲିଗ୍ କ୍ରିକେଟ

**ମୁମ୍ବାଇ, ୧୫।୨:** ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ। ତାଙ୍କ ସହ ଶ୍ରୀଲଙ୍କାର ପୂର୍ବତନ ୱିକେଟ୍‌ରକ୍ଷକ କୁମାର ସାଙ୍ଗାକାରା ମଧ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିବେ। ଉଭୟ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଯଥାକ୍ରମେ ଭାରତ ଓ ଶ୍ରୀଲଙ୍କା ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ଚଳିତମାସ ୨୨ ତାରିଖରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ, ବଡ଼ୋଦରା ଓ ରାୟପୁରରେ ଖେଳାଯିବ। ଭାରତୀୟ ମାଷ୍ଟର୍ସ ଦଳରେ ସଚିନଙ୍କ ସହ ବିଶ୍ୱକପ୍ ବିଜୟୀ ଯୁବରାଜ ସିଂହ, ସୁରେଶ ରାଇନା, ପୂର୍ବତନ ଅଲରାଉଣ୍ଡର୍ ଇର୍ଫାନ୍ ପଠାନ, ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିବ। ସଚିନ ଏଥିନେଇ ଅଭ୍ୟାସ ଆରମ୍ଭ କରି ସାରିଲେଣି। ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମାଷ୍ଟର୍ସ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣକୁ ନେଇ ସେ କହିଛନ୍ତି, ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତୀୟ ମାଷ୍ଟର୍ସ ଦଳର ଅଧିନାୟକ ନିଯୁକ୍ତ ହୋଇ ମୁଁ ବେଶ୍ ଉଲ୍ଲସିତ।

### ପତ୍ନୀଙ୍କୁ ନେଇ ଭାବୁକ ପୋଷ୍ଟ ଲେଖିଲେ ଚହଲ

## ନିଜ ସମ୍ପର୍କରେ କିଛି ବି ନ ଜଣାଇବାକୁ ଦେଲେ ପରାମର୍ଶ



**ନୂଆଦିଲ୍ଲୀ, ୧୫।୨:** ସ୍ପିନର୍ ଯୁଜେବେନ୍ଦ୍ର ଚହଲ ଅନେକ ଦିନ ହେବ ଟିମ୍ ଇଣ୍ଡିଆରେ ନଜର ଆସୁନାହାନ୍ତି। ସେ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୨୩ ମସିହା ଜାନୁଆରି ମାସରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଏହାଛଡ଼ା ଚହଲ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ବି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଶୁଣିବାକୁ ମିଳୁଛି କି ଚହଲ ଓ ତାଙ୍କ ପତ୍ନୀ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ସଂପର୍କ ଠିକ୍ ନାହିଁ।

ସୂତ୍ରରୁ ଜାଣିବାକୁ ମିଳିଛି କି ଧନଶ୍ରୀ ଏବଂ ଚହଲ ଅନେକ ଦିନ ହେବ ପରସ୍ପରଙ୍କଠାରୁ ଅଲଗା ରହୁଛନ୍ତି। ଦୁହିଁଙ୍କ ମଧ୍ୟରେ ଛାଡ଼ପତ୍ର ହେବାର ଅଛି ବୋଲି ବି ଚର୍ଚ୍ଚା ହେଉଛି। ତେବେ ଏନେଇ ଚହଲ କିମ୍ବା ଧନଶ୍ରୀ ଉଭୟ କେହି ବି କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ଯାହା ଖାଲି ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେବାର ଦେଖିବାକୁ ମିଳୁଛି। ଏହାରି ମଧ୍ୟରେ ଯୁଜେବେନ୍ଦ୍ର ଚହଲ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭାବୁକ ପୋଷ୍ଟ କରିଛନ୍ତି। ସେ ତାଙ୍କ ପୋଷ୍ଟ୍‌ରେ ଲେଖିଛନ୍ତି, ''ତୁମେ ଯେମିତି ଅଛ ସେମିତି ରୁହ। କାହାକୁ ବି ନିଜ ବିଷୟରେ ଅନୁଭବ ହେବାକୁ ଦିଅନାହିଁ।'' ଚହଲଙ୍କର ଏହି ପୋଷ୍ଟ୍‌ରେ ବ୍ୟବହାରକାରୀ ଭରି ଭରି କମେଣ୍ଟ୍ ଦେଉଛନ୍ତି। କେହି କେହି ଚହଲଙ୍କୁ 'ପ୍ରତାରିତ ପ୍ରେମିକ' ବୋଲି କହୁଛନ୍ତି ତ ପୁଣି କେହି ଚହଲ ଖୁବ୍ ଶୀଘ୍ର ଫେରିବେ ବୋଲି ଲେଖିଥିବାର ଦେଖିବାକୁ ମିଳିଛି।

## ୯ଟି ଭାଷାରେ ହେବ ଚାମ୍ପିଅନ୍ସ ଟ୍ରଫିର ସିଧାପ୍ରସାରଣ



**ନୂଆଦିଲ୍ଲୀ,୧୫।୨:** ଫେବୃଆରୀ ୧୯ରୁ ଆରମ୍ଭ ହେବ ଆଇସିସି ଚାମ୍ପିଅନ୍ସ ଟ୍ରଫି-୨୦୨୫ ଉତ୍ସାହର ସହ ଅପେକ୍ଷା କରିଛନ୍ତି କ୍ରୀଡ଼ା ପ୍ରେମୀ। ୧୯୯୬ ପରଠାରୁ ପ୍ରଥମ ଥର ପାଇଁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇଛି ପାକିସ୍ତାନ। କିନ୍ତୁ ଦୁବାଇର କ୍ରିକେଟ୍ ଷ୍ଟାଡିୟମରେ ଖେଳିବ ଟିମ୍ ଇଣ୍ଡିଆ। ମ୍ୟାଚଗୁଡିକର ଲାଇଭ୍ ଟେଲିକାଷ୍ଟକୁ ନେଇ ଭାରତୀୟ ପ୍ରଶଂସକଙ୍କୁ ବଡ ଉପହାର ଦେଇଛି ଆଇସିସି। ସମସ୍ତ କ୍ରିକେଟ୍ ପ୍ରେମୀମାନେ ଚାମ୍ପିଅନ୍ସ ଟ୍ରଫିକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ମିନି ବିଶ୍ୱକପ୍ ନାମରେ ଜଣାଶୁଣା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୯ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ୯ ମାର୍ଚ୍ଚରେ ଖେଳାଯିବ। ଏଥିରେ ଭାଗ ନେଉଥିବା ୮ଟି ଦଳ ପ୍ରତ୍ୟେକଙ୍କୁ ୪ଟି ଦୁଇଟି ଭିନ୍ନ ଦଳରେ ବିଭକ୍ତ କରାଯାଇଛି। ଏହି ମ୍ୟାଚ୍ ଗୁଡିକର ଲାଇଭ୍ ଟେଲିକାଷ୍ଟ ବିଷୟରେ ସମସ୍ତ ତଥ୍ୟ କହିବା ସହ ସହିତ ଭାରତୀୟ ପ୍ରଶଂସକଙ୍କୁ ମଧ୍ୟ ଏକ ବଡ ଗିଫ୍ଟ ଦେଇଛି ଆଇସିସି ପ୍ରଥମ ଥର ପାଇଁ ଭାରତୀୟ ପ୍ରଶଂସକମାନେ ୯ଟି ଭାଷାରେ ଆନ୍ତର୍ଜାତୀୟ ମ୍ୟାଚର ସିଧାପ୍ରସାରଣ ଉପଭୋଗ କରିପାରିବେ। ଏହି ମ୍ୟାଚଗୁଡିକ ସ୍ପୋର୍ଟସ-୧୯ ଏବଂ ଷ୍ଟାର ସ୍ପୋର୍ଟସ ନେଟୱର୍କରେ ଭାରତରେ ସିଧା ପ୍ରସାରଣ ହେବ। ଏହା ବ୍ୟତୀତ ଜିଓ ହଟ୍‌ଷ୍ଟାର୍ ଆପରେ ମ୍ୟାଚଗୁଡ଼ିକର ଅନଲାଇନ୍ ଲାଇଭ୍ ଷ୍ଟ୍ରିମିଂ ହେବ ଯେଉଁଥିରେ ପ୍ରଶଂସକମାନେ ଇଂରାଜୀ, ହିନ୍ଦୀ, ମରାଠୀ, ହରିୟାଣୀ, ବଙ୍ଗାଳୀ, ଭୋଜପୁରୀ, ତାମିଲ, ତେଲୁଗୁ ଏବଂ କନ୍ନଡ ଭାଷାରେ କମେଣ୍ଟ୍ରିକୁ ଉପଭୋଗ କରିପାରିବେ।

## ଦୁବାଇ ଅଭିମୁଖେ ଟିମ୍ ଇଣ୍ଡିଆର ଯାତ୍ରା

**ମୁମ୍ବାଇ,୧୫।୨:** ଭାରତୀୟ କ୍ରିକେଟ ଦଳ ଶନିବାର ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଦୁବାଇ ଗସ୍ତ କରିଛି। ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ସମେତ କିଛି ଖେଳାଳି ମୁମ୍ବାଇରୁ ଯାଇଛନ୍ତି। ଟିମ ଇଣ୍ଡିଆ ଦୁଇଟି ଭାଗରେ ଦୁବାଇ ପହଞ୍ଚିବ। ଦଳର ଦ୍ୱିତୀୟ ବ୍ୟାଚ ମଧ ଖୁବ୍‌ଶୀଘ୍ର ଯିବ। ଭାରତର ପ୍ରଥମ ମ୍ୟାଚ ବାଂଲାଦେଶ ସହିତ ୨୦ ଫେବୃଆରୀରେ ଖେଳାଯିବ। ମୁଖ୍ୟ କୋଚ ଗମ୍ଭୀର, ଅଧିନାୟକ ରୋହିତ, ବିରାଟ କୋହଲି, ୱାଶିଂଟନ ସୁନ୍ଦର, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଶୁଭମନ ଗିଲ ଶ୍ରେୟସ ଆୟର ଏବଂ ଅକ୍ଷର ପଟେଲଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ସମସ୍ତ ଖେଳାଳି ଟିମ ଇଣ୍ଡିଆର ପ୍ରଥମ ବ୍ୟାଚ୍‌ର ଅଂଶ ଅଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତାର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଏଥର ଟିମ୍ ଇଣ୍ଡିଆର ଖେଳାଳିମାନେ ପରିବାରବର୍ଗଙ୍କୁ ସାଥିରେ ନେଉ ନାହାଁନ୍ତି।

## ସ୍ୱର୍ଣ୍ଣ ବିଜେତାଙ୍କ ପାଇଁ ୬ ଲକ୍ଷ ପୁରସ୍କାର ଘୋଷଣା

### ଜାତୀୟ କ୍ରୀଡ଼ାରେ ଦ୍ୱାଦଶ ସ୍ଥାନରେ ରହିଲା ଓଡ଼ିଶା



**ଭୁବନେଶ୍ୱର, ୧୫।୨:** ଉତ୍ତରାଖଣ୍ଡରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ ୪୬ ପଦକ ସହ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ଗତ ସଂସ୍କରଣଗୁଡ଼ିକ ଅପେକ୍ଷା ଓଡ଼ିଶାର ଶ୍ରେଷ୍ଠ ସଫଳତା। ଗତ ସଂସ୍କରଣରେ ଓଡ଼ିଶା ୫୮ (୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୩୦ କାଂସ୍ୟ) ପଦକ ପାଇ ଷୋଡ଼ଶ ସ୍ଥାନରେ ଥିଲା। ଚଳିତ ବର୍ଷ ପଦକ ସଂଖ୍ୟା କମିଥିଲେ ମଧ ସ୍ୱର୍ଣ୍ଣ ବଢ଼ିଥିବାରୁ ଓଡ଼ିଶା ଦ୍ୱାଦଶ ସ୍ଥାନରେ ଅଭିଯାନ ଶେଷ କରିଛି। ସର୍ଭିସେସ୍ ୧୨୧ (୬୮ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୭ କାଂସ୍ୟ) ପଦକ ଶୀର୍ଷରେ ରହିଥିଲା। ସର୍ଭିସେସ୍‌ଠୁ ମହାରାଷ୍ଟ୍ର (୨୦୧ ପଦକ, ୫୪ ସ୍ୱର୍ଣ୍ଣ, ୭୧ ରୌପ୍ୟ, ୭୬ କାଂସ୍ୟ) ଏବଂ ହରିୟାଣା ୧୫୩ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ କାଂସ୍ୟ) ଅଧିକ ପଦକ ପାଇଥିଲେ ମଧ ସ୍ୱର୍ଣ୍ଣରେ ପଛରେ ପଡ଼ି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାକୁ ସର୍ବାଧିକ ୭ ପଦକ ଜିମ୍ନାଷ୍ଟିକ୍ସରୁ ଆସିଥିଲା। ଏଥିରେ ୩ ସ୍ୱର୍ଣ୍ଣ ଏବଂ ୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ରହିଥିଲା। ଏହା ପଛକୁ ସାଇକ୍ଲିଂ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ଏବଂ କାନୋଇଂ-କାୟାକିଂ (୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ)ରୁ ୬ ଲେଖାଏଁ ପଦକ ମିଳିଥିଲା। ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ୩ ସ୍ୱର୍ଣ୍ଣ (୧୦୦ ମିଟର ରିଲେ, ୧୦୦ ଓ ୨୦୦ ମିଟର ଦୌଡ଼)ରେ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ତାଙ୍କ ପଛକୁ ଜିମ୍ନାଷ୍ଟ ରାକେଶ ପାତ୍ର ୨ ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶା ସରକାର ରାଜ୍ୟ ଦଳର ସ୍ୱର୍ଣ୍ଣ ବିଜେତାଙ୍କୁ ୬ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଏବଂ କାଂସ୍ୟ ବିଜେତାଙ୍କ ଲାଗି ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି। ହଲ୍‌ଦ୍ୱାନୀ ଷ୍ଟାଡିୟମ୍‌ରେ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗୃହମନ୍ତ୍ରୀ ଅମିତ ଶାହ, ମେଘାଳୟ ମୁଖ୍ୟମନ୍ତ୍ରୀ କୋନାରଡ ସାଙ୍ଗମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ସଭାପତି ପିଟି ଉଷା, କିଂବଦନ୍ତି ମୁଷ୍ଟିଯୋଦ୍ଧା ଏମ୍‌ସି ମେରିକମ୍ ଓ ଅଲିମ୍ପିକ୍ ପଦକ ବିଜେତା ସୁଟର ଗଗନ ନାରଙ୍ଗଙ୍କ ସହ ଉତ୍ତରାଖଣ୍ଡ ସରକାରଙ୍କ ଅନେକ ମନ୍ତ୍ରୀ, ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ପିଟି ଉଷା ୩୯ତମ ଜାତୀୟ କ୍ରୀଡ଼ା ଆୟୋଜନ ଲାଗି ମେଘାଳୟ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମାଙ୍କୁ ପତାକା ହସ୍ତାନ୍ତର କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚକା ଆଖି...

ଦେଇଥିବା ବିଜେପି ଓ କ୍ଷମତା ହାସଲ ପରର ବିଜେପିରେ ଅନେକ ପାର୍ଥକ୍ୟ ସାମ୍ନାକୁ ଆସିଛି। ଛାତିରେ ହାତ ରଖି ସରକାର ମଣ୍ଡିରେ କଟ୍‌ନୀ ଛଟନୀ ହେଉନାହିଁ ବୋଲି କହିପାରିବେ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେପି ସରକାର ଚାଷୀଙ୍କୁ ପ୍ରତାରଣା କରିବା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି। ଅଦିନିଆ ବର୍ଷା ବାବଦ କ୍ଷତିପୂରଣ ଅଦ୍ୟାବଧି ମିଳିନାହିଁ। ବିଜେଡି ପ୍ରକୃତ ଚାଷୀଙ୍କୁ ସୁବିଧା ଦେଉଥିଲା, କିନ୍ତୁ ବିଜେପି ସରକାର ଅସଲ ଚାଷୀଙ୍କ ଅଧିକାର ଛଡ଼ାଇନେଇଛି। ପ୍ରକୃତ ଚାଷୀକୁ ଅବହେଳା କରାଯାଉଛି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ିପଡ଼ିଛି। ନାରୀ ନିର୍ଯାତନା ଶୀର୍ଷରେ ପହଞ୍ଚିଥିବା ବେଳେ ଚୋରି ଡକାୟତି ଆଦି ବଢ଼ିଛି। ଏପରିକି ରାଜଧାନୀ ବି ସୁରକ୍ଷିତ ନୁହେଁ। ଡବଲ ଇଞ୍ଜିନ୍ ସରକାରରେ ଡବଲ ଚୋରି ହେଉଛି ପୂର୍ବତନ ମନ୍ତ୍ରୀଙ୍କ ଘରୁ। ଲୋକେ ଆଶ୍ଚର୍ଯ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ହତ୍ୟାକାଣ୍ଡ ହେଉଛି ଭୁବନେଶ୍ୱରରେ। ଜାନୁଆରୀ ୬ ତାରିଖରେ ଦରଦାମ୍ ବୃଦ୍ଧି ବିରୋଧରେ ବିଜେଡି କରିଥିବା ଆନ୍ଦୋଳନକୁ ଲୋକେ ସ୍ୱତଃପ୍ରବୃତ୍ତ ସମର୍ଥନ ଦେଇଥିଲେ ବୋଲି ନବୀନ କହିଛନ୍ତି।

### ମହିଳାଙ୍କୁ...

ସରକାର ଆଗାମୀ ୨୦୨୭ ସୁଦ୍ଧା ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ସମସ୍ତେ ନିଜେ ଲକ୍ଷପତି ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଲକ୍ଷପତି ହେବା ଦିଗରେ ସାହାଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଲକ୍ଷପତି ଦିଦି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଯୁଗାନ୍ତକାରୀ ସ୍ୱପ୍ନ। ଆପଣ ସମସ୍ତଙ୍କ ଉଦ୍ୟମରେ ପ୍ରଧାନମନ୍ତ୍ରୀଙ୍କର ଏହି ଲକ୍ଷ୍ୟ ପୂରଣ ହେବ। ସୁଭଦ୍ରା ଯୋଜନାରେ ମିଳୁଥିବା ସହାୟତା ରାଶିକୁ ବିଭିନ୍ନ ବ୍ୟବସାୟରେ ବିନିଯୋଗ କରି ଘରର ରୋଜଗାର ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ସରକାର ମହିଳା ସଶକ୍ତିକରଣ ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ନିଯୁକ୍ତ କରିଥିଲେ। କିନ୍ତୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନଥିଲେ।

ଏହି କାରଣରୁ ଗତ ୧୦ ମାସ ହେଲା ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ ପାରିଶ୍ରମିକ ପାଇନାହାନ୍ତି। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହାକୁ ଗୁରୁତ୍ୱ ଦେଇ ସେମାନଙ୍କ ବକେୟା ପାରିଶ୍ରମିକ ଓ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହିତ ବିଭାଗୀୟ ସଚିବ ଓ ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶିକା ମଧ୍ୟ ଉପସ୍ଥିତ ଥିଲେ।

### ଅଭିବୃଦ୍ଧିରେ...

ରାଜ୍ୟରେ ସେବା କ୍ଷେତ୍ରର ଯୋଗଦାନ ପ୍ରାୟ ୩୭ ପ୍ରତିଶତ ଓ ଏହାର ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ହୋଟେଲ ଓ ରେଷ୍ଟୁରାଣ୍ଟରେ ଦୃଢ ଅଭିବୃଦ୍ଧି, ବାଣିଜ୍ୟ ଏବଂ ମରାମତି ସେବା କ୍ଷେତ୍ରର ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଏହାର ପ୍ରମୁଖ ଯୋଗଦାନକାରୀ। ସାଧାରଣତଃ ବିଶ୍ୱ ସ୍ତରରେ ବିକଶିତ ଅର୍ଥନୀତିଗୁଡିକରେ ସେବା କ୍ଷେତ୍ରର ବୃହତ ଅଂଶ ଯୋଗଦାନ ରହିଥାଏ। ଉଦାହରଣସ୍ୱରୂପ ୨୦୨୧ରେ ଆମେରିକାର ମୋଟ ସଂଯୋଗିତ ମୂଲ୍ୟରେ ସେବା କ୍ଷେତ୍ରର ଅଂଶ ୭୭.୬ ପ୍ରତିଶତ ଥିଲା। ସେବା କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଭବିଷ୍ୟତର ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ ବୋଲି ରିପୋର୍ଟରେ କୁହାଯାଇଛି।

### ୧୦.୬ ପ୍ରତିଶତ ...

ସମକକ୍ଷ ହୋଇପାରିବ। ଆଗାମୀ ଦିନରେ ରାଜ୍ୟ ଏକ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ଅଭିବୃଦ୍ଧିର ପ୍ରମୁଖ ସହାୟକ ଜମି, ଶ୍ରମ, ପୁଞ୍ଜି, ସମ୍ବଳ ଏବଂ ଗିରିଭୂମି ଆଦି। ଗତ ୨୦୨୩ରେ ୧.୫ ଲକ୍ଷ ବର୍ଗକିମିର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୪.୩ ପ୍ରତିଶତ ନିର୍ମିତ କ୍ଷେତ୍ର ଥିଲା। ସମ୍ଭାବ୍ୟ ନିବେଶକଙ୍କ ପାଇଁ ରାଜ୍ୟ ପର୍ଯ୍ୟାପ୍ତ ଜମି ପ୍ରଦାନ କରୁଛି। ରାଜ୍ୟରେ ମହିଳା ଓ ମୋଟ ଶ୍ରମ ଶକ୍ତି ଅଂଶଭାର ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୧୮-୧୯ରେ ରାଜ୍ୟର ଶ୍ରମ ଶକ୍ତି ୫୧.୨ ପ୍ରତିଶତ ଥିବା ବେଳେ ୨୦୨୩-୨୪ରେ ୬୪.୯ ପ୍ରତିଶତକୁ ବୃଦ୍ଧି ପାଇଛି। ରାଜ୍ୟର ଶ୍ରମଶକ୍ତି ଅଂଶଭାର ହାର ଜାତୀୟ ହାରଠାରୁ ବି ଅଧିକ।

### ବିୟର କେନ୍‌ରେ...

ଶତପଥୀଙ୍କ ଦ୍ୱାରା ମହାତ୍ମାଙ୍କ ଫଟୋ ଥିବା ରିୱର୍ଟ ବିୟର କ୍ୟାନ୍‌ର ଫଟୋ ଶେୟାର କରାଯିବା ପରେ ବିବାଦ ଆରମ୍ଭ ହୋଇଛି। ସୋସିଆଲ୍ ମିଡିଆ 'ଏକ୍ସ'ରେ ଏହାକୁ ଶେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ ମାମଲାରେ ହସ୍ତକ୍ଷେପ କରିବାକୁ ତଥା ରୁଷିଆ ଅଧିକାରୀଙ୍କ ସାମ୍ନାକୁ ଏହି ପ୍ରସଙ୍ଗ ଆଣିବାକୁ ଦାବି ରଖିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ଶତପଥୀ ନିଜର 'ଏକ୍ସ' ପୋଷ୍ଟର କ୍ୟାପ୍‌ସନରେ ଉଲ୍ଲେଖ କରିଛନ୍ତି, ରୁଷିଆର ରିୱଟ୍ କମ୍ପାନୀ ଗାନ୍ଧିଜୀଙ୍କ ନାମରେ ବିୟର ବିକ୍ରି କରୁଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୋର ବିନମ୍ର ଅନୁରୋଧ ଯେ ସେ ଏହି ମାମଲାକୁ ନିଜର ବନ୍ଧୁ ରୁଷିଆ ରାଷ୍ଟ୍ରପତିଙ୍କ ସାମ୍ନାରେ ଉଠାନ୍ତୁ।

### 'ଆମ ବସ୍'ରେ...

ଏଥିସହ ଟିପି ପ୍ଲାନିଂରେ ସହରର ସଂଗଠିତ ସମ୍ପ୍ରସାରଣ କରାଯିବ। ଏହାଦ୍ୱାରା ଟାଉନ ଭିତରେ ଟ୍ରାଫିକ କମିବ ଏବଂ ଦୁର୍ଘଟଣା ହାର କମିବ ବୋଲି ସେ କହିଛନ୍ତି। ଏଥିସହ ଯେଉଁଠି ଦୁର୍ଘଟଣା ହେଉଛି ତାକୁ ଅନୁଧ୍ୟାନ କରାଯାଉଛି ଏବଂ ଯେଉଁଠି ଡ୍ରାଇଭରର ଭୁଲ ଥିବ, ସେଠାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

### ୬ ବର୍ଷରେ...

ନେଇଥାଇପାରନ୍ତି। ସେପଟେ ବୁଦ୍ଧିଜୀବୀଙ୍କ କହିବା କଥା ପିଲାଙ୍କୁ ଚାପମୁକ୍ତ କରିବା ପାଇଁ ସ୍କୁଲରେ କାଉନସେଲିଂ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି।

### ଘରୁ ମିଳିଲା...

ଭିତରୁ କାହାର କିଛି ଉତ୍ତର ମିଳିନଥିଲା। ତେଣୁ ପୁଷ୍ପାଞ୍ଜଳି ଆଖପାଖ ଲୋକଙ୍କୁ ଡାକି କବାଟ ଖୋଲିଥିଲେ। କିନ୍ତୁ ଘର ଭିତରକୁ ଯାଇ ଯାହା ଦେଖିଲେ, ସେଥିରେ ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। କାରଣ ସାମ୍ନାରେ ଶଙ୍କର୍ଷଣ, ସୁବର୍ଣ୍ଣ ଓ ସନ୍ତୋଷଙ୍କ ମୃତଦେହ ଝୁଲୁଥିଲା। ଏନେଇ ତୁରନ୍ତ ସଦର ଥାନା ପୁଲିସ୍‌କୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୁଲିସ୍ ମୃତଦେହଗୁଡ଼ିକୁ ତଳକୁ ଓହ୍ଲାଇବା ସହ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ହସ୍ପିଟାଲ୍‌କୁ ପଠାଇଥିଲା।

ଏନେଇ ପୁଷ୍ପାଞ୍ଜଳିଙ୍କୁ ମଧ୍ୟ ପୁଲିସ୍ ପଚରାଉଚରା କରୁଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତ୍ୟୁର ସଠିକ୍ କାରଣ ବିଷୟରେ କିଛି ବି ଜଣାପଡ଼ିନାହିଁ। ଏହା ଏକ ଆତ୍ମହତ୍ୟା ନା କେହି ୩ ଜଣଙ୍କୁ ହତ୍ୟା କରି ଝୁଲାଇଦେଇଛି, ତାହା ଜାଣିବା ସକାଶେ ପୁଲିସ୍ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଗାଁ ମଝିରେ ଥିବା ଏହି ଘରେ କିପରି ତିନି ଜଣଙ୍କ ମୃତ୍ୟୁ ହେଲା ଓ ଆଖପାଖ ଲୋକେ କିପରି କିଛି ବି ଜାଣିପାରିଲେ ନାହିଁ, ତା' ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାରେ ପୁଲିସ୍ ମଧ୍ୟ ଅଦ୍ୟାବଧି କୌଣସି ପ୍ରକାର ପ୍ରତିକ୍ରିୟା ଦେଇନାହିଁ। ତେଣୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। କିନ୍ତୁ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇଦେଇଛି।

### କରିତ୍‌କର୍ମା...

ମିଳିଥିବା ସୂଚନାନୁଯାୟୀ, ଏଠାରେ ବେଆଇନ୍ ଭାବେ ଧାନ ସଂଗ୍ରହ ସହ ଚାଉଳ ଚାଲାଣ ହେଉଥିଲା। ଚାଉଳ ବଙ୍ଗଳାଦେଶକୁ ଚାଲାଣ ହେଉଥିବା ଖବର ପାଇବା ପରେ ଏବେ ଜିଲ୍ଲା ପ୍ରଶାସନର ନିଦ ହଜିଯାଇଛି।

ଜିଲ୍ଲାରେ ଚାଉଳ କଳ ନଥିବାର ସୁଯୋଗ ନେଇ ରାଜଧାନୀ ଉପକଣ୍ଠରେ ଧରାପଡ଼ିଥିବା ସବୁଲିଆ ବାଲିକୁଦାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡରେ କାହାର ଆଶୀର୍ବାଦ ରହିଛି ଓ ଏତେ ପରିମାଣର ବେଆଇନ୍ ଧାନ ସଂଗ୍ରହ ଏବଂ ଚାଉଳ ଚାଲାଣ ସଂକ୍ରାନ୍ତରେ କିଭଳି ସ୍ଥାନୀୟ ପୁଲିସ୍ ଜାଣିପାରିଲାନି, ତାହା ବଡ ପ୍ରଶ୍ନ ସୃଷ୍ଟି କରିଛି। ବଙ୍ଗଳାଦେଶକୁ ଚାଉଳ ପଠାଉଥିବା ଏହି କଳମାଲିକ ଖାଲି ଚାଉଳ ପଠାଉଥିଲେ ନା ସେଠାରୁ କିଛି ବେଆଇନ ସାମଗ୍ରୀ ଓଡ଼ିଶାକୁ ଆଣୁଥିଲେ, ତାହାକୁ ନେଇ ଖୋଳତାଡ଼ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ୨୪ ବର୍ଷର...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳା ସଶକ୍ତିକରଣ ଏକ ନାରା ନୁହେଁ, ବରଂ ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ତରରେ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ। ଆଗାମୀ ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ 'ଲକ୍ଷପତି ଦିଦି'ରେ ପରିଣତ କରାଯିବ। ଆଗାମୀ ୨୦୨୯ଠାରୁ ଏକ-ତୃତୀୟାଂଶ ମହିଳାଙ୍କୁ ଜନପ୍ରତିନିଧି କ୍ଷେତ୍ରରେ ସଂରକ୍ଷଣ ସୁବିଧା ମିଳିବ। ଗତ ସରକାର ଅମଳରେ ୬୪ ପ୍ରତିଶତ ଶିଶୁ ଓ ବୟସ୍କ ଅପପୁଷ୍ଟି ଶିକାର ହୋଇଆସିଥିବା ବେଳେ ଏହାର ନିରାକରଣ ପାଇଁ ମଧ୍ୟାହ୍ନଭୋଜନ ବାବଦ ଅର୍ଥ ବୃଦ୍ଧି କରାଯାଇଛି। ମହାପ୍ରଭୁଙ୍କ ପାଇଁ ଆମେ ଚାଉଳ ଭିକ୍ଷା କରୁନଥିଲୁ କି ଇଭେଣ୍ଟ୍ ମ୍ୟାନେଜ୍‌ମେଣ୍ଟ୍ ମାଧ୍ୟମରେ ପ୍ରଚାର କରୁନଥିଲୁ। ଗତ ସରକାର ୬ ଇଞ୍ଚର ପ୍ରତିମା ଗାଡ଼ିରେ ରଖି ନେତାଙ୍କ ୬ ଫୁଟିଆ କଟ୍‌ଆଉଟ୍ ଲଗାଇ ଗାଁ ଗାଁ ବୁଲାଇଥିବା ବେଳେ ଆମେ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ଗଠନ କରିଛୁ। କ୍ଷମତାକୁ ଆସିବାର କେଇ ଘଣ୍ଟା ଭିତରେ ଆମ ସରକାର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଛନ୍ତି। ପୂର୍ବ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବାଧକ ସାଜିଥିଲେ। ବିରୋଧୀଦଳ ନେତା କହିଲେ ଚକା ଆଖି ସବୁ ଦେଖୁଛି। ଭଗବାନ ଦେଖୁଥିଲେ ଆଉ ଦଣ୍ଡ ବିଧାନ ବି କଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବତନ କଂଗ୍ରେସ ସଭାପତିଙ୍କ ଘରୁ ଚୋରି ହୋଇଥିଲା। ଏଥିରେ ଅପରାଧୀ କୌଣସି ପ୍ରମାଣ ଛାଡ଼ି ନଥିଲେ ମଧ୍ୟ ପୁଲିସ୍ ବାହିନୀ ଉକ୍ତ ଚୋରକୁ ଧରିଛି। ଭରତପୁର ମାମଲାରେ ଉପମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କୁ ଭେଟିଥିଲେ। ପ୍ରତିଟି ମାମଲାରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ବିଚ୍ ରାସ୍ତାରେ ଘଟିଥିବା ହତ୍ୟାକାଣ୍ଡର ଅପରାଧୀମାନଙ୍କୁ ୨୪ ଘଣ୍ଟାରେ ଗିରଫ କରାଯାଇଛି। ଗତ ସରକାର ଅମଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା, ଯାହାର ସବୁଠାରୁ ବଡ଼ ପ୍ରମାଣ ଦିନଦ୍ୱିପ୍ରହରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା କରାଗଲା। ମହିଳା ହିଂସାରେ ଦଣ୍ଡ ହାର ୨ ପ୍ରତିଶତ ବି ଛୁଇଁ ପାରିନଥିଲା। ଥାନାରେ ଗାଡ଼ି ନଥିଲା। ପ୍ରତି ଥାନାକୁ ଆମେ ୬ଟି ଲେଖାଏଁ ମୋଟର ସାଇକେଲ ଦେଇଛୁ। ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ମାଓମୁକ୍ତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏହି ଡେଡ୍‌ଲାଇନ୍‌ର ଯଥେଷ୍ଟ ପୂର୍ବରୁ ଓଡ଼ିଶାରୁ ମାଓବାଦୀ ନିପାତ ହୋଇସାରିଥିବେ। ଏହି କ୍ରମରେ ମାଓବାଦୀମାନେ ହିଂସାପଥ ପରିତ୍ୟାଗ କରି ମୁଖ୍ୟସ୍ରୋତକୁ ଆସିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ନାଁରେ ଗତ ସରକାର ଚୂନ ମାରି ବ୍ୟାପକ ଦୁର୍ନୀତି କରିଥିବା ବେଳେ ମହାପ୍ରଭୁଙ୍କ ଆଶୀର୍ବାଦରୁ କ୍ଷମତାକୁ ଆସିବା ପରେ ଆମ ସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଫିଡର ସ୍କୁଲ ପ୍ରତିଷ୍ଠା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍ ଆଉଟ ହାର କମାଇବା ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ପ୍ରଦାନ ଘୋଷଣା କରିଛନ୍ତି। ଏହାଛଡ଼ା ରାଜ୍ୟରେ ସ୍ୱାସ୍ଥ୍ୟସେବା କେମିତି ଚାଲିଥିଲା, ତା' ନ କହିବା ଭଲ। ଏଥିରେ ବି ୫-ଟି ଷ୍ଟାମ୍ପ ଲାଗିଲା। ପୂର୍ବତନ ସରକାର ରାଜ୍ୟବାସୀଙ୍କୁ ଆୟୁଷ୍ମାନ ଯୋଜନାଠାରୁ ଦୂରେଇ ରଖିଲେ। କିନ୍ତୁ ଆମ ସରକାର ପ୍ରତି ପଞ୍ଚାୟତର ସବ୍‌ସେଣ୍ଟରକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଆହୁରି ଖୁବ୍‌ଶୀଘ୍ର ଦେଢ଼ ଲକ୍ଷ ପଦବୀ ପୂରଣ କରିବା ସହ ଏଥିରୁ ୨୪ ହଜାର ଗତ ୮ ମାସରେ ପୂରଣ କରାଯାଇଛି।

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ୧୩ ଲକ୍ଷ ନିଯୁକ୍ତି ପାଇଁ ବାଟ ଫିଟିଛି। କୃଷି କ୍ଷେତ୍ରର ବିକାଶ ପାଇଁ ହୀରାକୁଦ ନଦୀବନ୍ଧ ପାଇଁ ୮୫୫ କୋଟିର ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ସକାଶେ ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବା ସହ ଆମେ ୨୯୨ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛୁ। ରେଳ କ୍ଷେତ୍ରରେ କେନ୍ଦ୍ର ଅଧିକ ବ୍ୟୟ ବରାଦ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନିଜେ ୫ ଥର ଗସ୍ତ କରି ତାଙ୍କ ଫୋକସ୍‌ରେ ଓଡ଼ିଶା ରହିଥିବା ପ୍ରମାଣିତ କରିଛନ୍ତି। ପ୍ରବାସୀ ଭାରତୀୟ ଦିବସ, ନୌସେନା ଦିବସ ଓ ଉତ୍କର୍ଷ ଓଡ଼ିଶା ଆଦିର ସଫଳ ଆୟୋଜନ ହୋଇଛି। ଲିଙ୍ଗଭିତ୍ତିକ ହିଂସା ଦୂର ପାଇଁ 'ଶକ୍ତି' ମୋବାଇଲ ଆପ୍ ଆରମ୍ଭ ହୋଇଛି, ଯାହାକି ଦେଶରେ ପ୍ରଥମ। ଆଗାମୀ ଦ୍ୱାଦଶ ଓ ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପାଇଁ ବ୍ୟୟବରାଦ ହୋଇଛି। 'ଲକ୍ଷପତି ଦିଦି' ସହାୟକ ଯୋଜନା ଆରମ୍ଭ ହୋଇଛି ଓ ୬୨ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସକାଶେ ପାରିଶ୍ରମିକ ଘୋଷଣା କରାଯାଇଛି। ଦୁର୍ନୀତି ରୋକିବା ସକାଶେ ଭିଜିଲାନ୍ସ ବିଭାଗ ହାଇପର୍ ମୋଡ୍‌ରେ ରହିଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ପିଜି ଛାତ୍ରଛାତ୍ରୀଙ୍କ ପାଇଁ ବେସିକ୍ ଲାଇଫ୍ ସପୋର୍ଟ ପ୍ରଶିକ୍ଷଣ




ଭୁବନେଶ୍ୱର, ୧୫।୨ (ସଂଚାର ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲରେ ଇଣ୍ଡିଆନ୍ ଆକାଡେମି ଅଫ୍ ପେଡ଼ିଆଟ୍ରିକ୍ସ (ଆଇଏପି) ଦ୍ୱାରା ପୋଷ୍ଟ-ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କ ପାଇଁ "ବେସିକ୍ ଲାଇଫ୍ ସପୋର୍ଟ" (ବିଏଲ୍‌ସି) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ, ଯେଉଁଥିରେ ଡାକ୍ତରମାନେ ଜୀବନ ରକ୍ଷା ବିଷୟରେ ଅତି ଜରୁରୀ କୌଶଳ ଶିକ୍ଷା ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମରେନ୍ଦ୍ର ମହାପାତ୍ର, ଡାକ୍ତର ମୃତ୍ୟୁଞ୍ଜୟ ଦାଶ, ଡାକ୍ତର ପ୍ରଶାନ୍ତ ସାବତ, ଡାକ୍ତର ଚନ୍ଦ୍ରଶେଖର ପାତ୍ର, ଡାକ୍ତର ସ୍ନେହମୟୀ ନାୟକ, ଡାକ୍ତର ଇଷା ପଣ୍ଡା, ଡାକ୍ତର ରୋଜାଲିନ୍ ରାଉତ ଏବଂ ଡାକ୍ତର ନାରାୟଣ ସନ୍ତୁକା ଯୋଗ ଦେଇଥିଲେ।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ହସ୍ପିଟାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଆଇଏପି ଓଡ଼ିଶା ଅଧ୍ୟକ୍ଷା ଡାକ୍ତର ଲୀନା ଦାଶ ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହେବା ନେଇ ଧନ୍ୟବାଦ ଜଣାଇଥିଲେ।

**ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ**

# ବିରଳ ବେଶ ଦର୍ଶନ ପାଇଁ ଗହଳି

କାକଟପୁର/ଅସ୍ତରଙ୍ଗ, ୧୫।୨ (ସଂଚାର ବ୍ୟୁରୋ) : ଆଧାତ୍ମିକ ପରିବେଶରେ ଦିବ୍ୟ ଅନୁଭବ। ମହାପ୍ରଭୁଙ୍କ ବେଶ ଦର୍ଶନ କରି କୃତାର୍ଥ ଶ୍ରଦ୍ଧାଳୁ। ଗୋଟିଏ ସ୍ଥାନରେ ଶ୍ରୀଜୀଉଙ୍କର ୨୪ ପ୍ରକାର ବେଶ। ବିରଳ ବେଶ ଦର୍ଶନ ପାଇଁ ଲାଗିଛି ଗହଳି। କାଳିଆ ଠାକୁରଙ୍କ ଦୈନନ୍ଦିନ ବେଶ ସହିତ ୧୨ମାସରେ ହେଉଥିବା ଭିନ୍ନ ଭିନ୍ନ ବେଶର ରହିଛି ବିଶେଷ ମହତ୍ତ୍ୱ। ଏ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏ ବିଶ୍ୱାସକୁ ଆଧାର କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ତରଫରୁ ପୁରୀ ଜିଲ୍ଲା କାକଟପୁର ଦେଉଳି ମଠ ପରିସରରେ ନବମ ବାର୍ଷିକ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ଉଦ୍‌ଘାଟନ ଶନିବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରାଧାବଲ୍ଲଭ ମଠ ପୂଜ୍ୟ ମହନ୍ତ ଶ୍ରୀରାମକୃଷ୍ଣ ଦାଶ, ଜଗନ୍ନାଥ ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜଙ୍କ ସହ ଅନ୍ୟ ସାଧୁସନ୍ଥ ପ୍ରମୁଖ ଉପସ୍ଥିତ ଥିଲେ।




ଗୋଟିଏ ସ୍ଥାନରେ ପଦର୍ଶିତ ହୋଇଛି ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ୨୪ ପ୍ରକାର ବେଶ। ସେଗୁଡିକ ମଧ୍ୟରେ ତଡ଼ପଉତ୍ତରୀ ବେଶ,ପ୍ରତିଦିନ ବେଶ, ବଡ଼ ସିଂହାର ବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ସୁନାବେଶ, ବଣଭୋଜି ବେଶ, କାଳିୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ରାଧାଦାମୋଦର ବେଶ, ହରିହର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ଲକ୍ଷ୍ମୀ ନୃସିଂହ ବେଶ, ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ଘୋଡଲାଗି ବେଶ, ପଦ୍ମ ବେଶ, ନବାଙ୍କ ବେଶ, ମକର ଚୌରାଶି ବେଶ, ଗଜଉଦ୍ଧାରଣ ବେଶ, ଓ ଚାଚେରୀ ବେଶ ପଦର୍ଶିତ ହୋଇଛି, ଏହି ସୁନ୍ଦର ଦିବ୍ୟ ବେଶ ମହାପ୍ରଭୁଙ୍କ ଦେଖି ଭକ୍ତ ବିଭୋର ହେଉଛି। ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ସହଯୋଗରେ ଶ୍ରଦ୍ଧାଳୁ ଏ ସବୁ ବେଶ ଦେଖିବାର ସୁଯୋଗ ମିଳିଛି। ଏହା ୧୫ଫେବୃଆରୀରୁ ୧୯ଫେବୃଆରୀ ପର୍ଯ୍ୟନ୍ତ ଦେଉଳି ମଠ ନିକଟରେ ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମକ୍ଷେତ୍ର ମହାତ୍ମ୍ୟ ପାରାୟଣ ଓ ପ୍ରବଚନ ମଧ୍ୟ ଅନୁଷ୍ଠିତ ହେଉଛି।

# ଦୁଇ ବ୍ଲକରେ ନୂତନ ବିଡ଼ିଓ ନିଯୁକ୍ତ

● ନୟାଗଡ଼କୁ ଐଶ୍ୱର୍ଯ୍ୟା ଓ ଗଣିଆ ବ୍ଲକକୁ ଆସିଲେ ସାଗର



ନୟାଗଡ଼, ୧୫।୨ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓଏଏସ ସ୍ତରରେ ଅଦଳବଦଳ କରିଛନ୍ତି । ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କର ଗତ କିଛି ଦିନ ତଳେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିଲା। ସେହି ନିର୍ଦ୍ଦେଶକୁ ବାତିଲ କରାଯାଇ ପୁନଃ ନୟାଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବିଡ଼ିଓ ସାଗର ନନ୍ଦଙ୍କୁ ଗଣିଆ ବିଡ଼ିଓ ଭାବେ ବଦଳି କରାଯାଇଛି । ନୟାଗଡ଼ ତହସିଲଦାର ରାଜେସ କେଶରୀ ସ୍ୱାଇଁ ବିଡ଼ିଓ ଦାୟିତ୍ୱ ତୁଲାଉଥିଲେ। ବାରିପଦା ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁଙ୍କୁ ନୟାଗଡ଼ ବ୍ଲକ ବିଡ଼ିଓ ଭାବେ ବଦଳି କରାଯାଇଛି । ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଦେବଦତ୍ତ ପଣ୍ଡାଙ୍କର ବହୁ ଦିନ ଧରି କୌଣସି ସ୍ଥାନକୁ ବଦଳି ହୋଇନଥିଲା । ତାଙ୍କର ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି।

# ଭୁଶୁଡ଼ିବ ମଶାଣିଆ ସେତୁ



କଣାସ, ୧୫।୨ (ସଂଚାର ବ୍ୟୁରୋ) : କଣାସ ବ୍ଲକ ଡୋକନ୍ଦା ଗ୍ରାମପଞ୍ଚାୟତର ଶେଷସୀମା ଓ ଖୋର୍ଦ୍ଧା ବ୍ଲକର ପ୍ରବେଶ ସୀମା ମଲାଗୁଣୀ ନଦୀ ଉପରେ ମଶାଣିଆ ଠାରେ ନିର୍ମାଣ କରାଯାଇଥିବା ସେତୁଟି ବହୁପୁରାତନ ସେତୁ ହୋଇଥିବାରୁ ସେତୁର ତଳ ଓ ଉପର ପାର୍ଶ୍ୱ ପଟୁ ସିମେଣ୍ଟ ଛାଡି ଯାଇ ଲୁହାରଡ ଦେଖାଯିବା ସହିତ ଲୁହାରଡଗୁଡ଼ିକ କଳଙ୍କି ଲାଗି ଭୁଶୁଡ଼ିବାକୁ ବସିଲାଣି। ଏହି ସେତୁ ଦେଇ ଦୈନିକ କଣାସ ବ୍ଲକର ଡୋକନ୍ଦା, ଗଡ଼ବଳଭଦ୍ରପୁର, ବଲ୍ଲୁ, ବିଦ୍ୟାଧରପୁର, ସାନ୍ଧପଡ଼ା, ଦେଲାଙ୍ଗ, ବଡାଲ, କାଦୁଆ, ଗୋପୀନାଥପୁର ପଞ୍ଚାୟତର ଜନସାଧାରଣ ଖୋର୍ଦ୍ଧା, ଜଟଣୀ ଓ ଭୁବନେଶ୍ୱରକୁ ଯାତାୟତ କରୁଥିବାବେଳେ ଖୋର୍ଦ୍ଧା ବ୍ଲକର ପାଞ୍ଚୋଟି ପଞ୍ଚାୟତର ଜନସାଧାରଣ ଏହି ସେତୁ ଦେଇ ପୁରୀକୁ ଯାତାୟତ କରୁଛନ୍ତି। ଏହି ସେତୁଟି ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିବାରୁ ତୁରନ୍ତ ସେତୁଟିକୁ ମରାମତି କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଉପକୂଳ ସୁରକ୍ଷା ନେଇ ପ୍ରଶ୍ନବାଚୀ

■ ବିଭିନ୍ନ ବିଭାଗର ପଦବୀ ଖାଲି ■ ସାମୁଦ୍ରିକ ଥାନାରେ ଭିତ୍ତିଭୂମି ନାହିଁ



କାକଟପୁର/ଅସ୍ତରଙ୍ଗ, ୧୫।୨ (ସଂଚାର ବ୍ୟୁରୋ) : ସମୁଦ୍ରକୂଳ ଦେଇ ଅନୁପ୍ରବେଶ ସର୍ବଦା ଭୟ ରହିଛି। ଏହା ଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଂଚିବାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୨୦୦୪ମସିହାରେ ସ୍ଥାପିତ ହୋଇଛି। ନୂଆଗଡ ସାମୁଦ୍ରିକ ଥାନାରେ ବର୍ତ୍ତମାନ ସୁଦ୍ଧା ଜଣେ ଥାନା ଅଧିକାରୀ, ଜଣେ ଏଏସଆଇ, ୧୧ଜଣ କନେଷ୍ଟବଳ, ୯ଜଣ ହୋମଗାର୍ଡ, ୯ଜଣ ଟେକ୍ନିକାଲ ଷ୍ଟାଫ ସହ ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି। ନୂଆଗଡ ସାମୁଦ୍ରିକ ଥାନାରେ ମଞ୍ଜୁର ପଦ ୫୫ଟି ହୋଇଥିବା ବେଳେ ଖାଲିପଡିଛି ୩୩ଟି ପଦବି। ପୁଲିସ ମୁତୟନ ସତ୍ୱେ ବେଆଇନି ଟ୍ରଲର ଚଳାଚଳ କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୁଲିସ ନଜର ପଡିଲେ ଏହା ଜବତ ହେଉଛି। ନଚେତ ଏହା ବେଫିକର ସମୁଦ୍ର ସୀମା ଭିତରେ ମାଛ ମାରି ଚାଲିଯାଉଛନ୍ତି। ସମୁଦ୍ର ଭିତରେ ଏହି ଟ୍ରଲର ଯୋଗେ ନିଶାକାରବାର, ଜୀବଜନ୍ତୁ ଚୋରା ଚାଲାଣ ହେବାର ଆଶଙ୍କା ମଧ୍ୟ ରହିଛି। ଆବଶ୍ୟକ ସମୟରେ ବାହ୍ୟ ଶତ୍ରୁଙ୍କ ପ୍ରତିହତ କରିବା ମେରାଇନି ଥାନା ନିମନ୍ତେ ଚ୍ୟାଲେଞ୍ଜ। ଏହା ସହ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଅସ୍ତରଙ୍ଗ ବ୍ଲକର ୨ଟି ପଂଚାୟତ ଝାଡ଼ଲିଙ୍ଗ ଓ ନୂଆଗଡ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ନଜର ରଖିବାକୁ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମିକୁ ନେଇ ସର୍ବଦା ନୂଆଗଡ ସାମୁଦ୍ରିକ ଥାନା ଆଲୋଚନାରେ ରହିଆସିଛି।

ବିଭିନ୍ନ ସମୟରେ ସାଗର କବଚ ସାଗାରଭ୍ୟାସ କରି ନିଜକୁ ସଜାଗ ଥିବା ଦର୍ଶାଉଛି ସାମୁଦ୍ରିକ ଥାନା ପୁଲିସ। ମାତ୍ର ସ୍ଥିତି ପୁରା ଅଲଗା। ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅନ୍ୟତାନନ୍ଦ ବେହେରା କହିଛନ୍ତି, ସାମୁଦ୍ରିକ ଥାନାରେ ସରକାରୀ ମଞ୍ଜୁରୀ ମୁତାବକ କର୍ମଚାରୀ ନାହାନ୍ତି, ମାତ୍ର ଯେତିକି ଲୋକ ବଳ ରହିଛି ସ୍ଥିତିକୁ ଠିକ ଭାବେ କଣ୍ଟ୍ରୋଲ ପରିଚାଳନା କରାଯାଉଅଛି। ମଞ୍ଜୁରୀ ମୁତାବକ ନିଯୁକ୍ତି ଦେଲେ କାମ ଆହୁରି ସହଜ ହେବ। କାରଣ ସମୁଦ୍ରରେ ଅନୁପ୍ରବେଶକାରୀଙ୍କ ଧରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ତେଣୁ ନୂଆଗଡ ସାମୁଦ୍ରିକ ଥାନାରେ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ସାଧାରଣରେ ଦାବୀ ହୋଇଛି।

# ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଖୋର୍ଦ୍ଧା, ୧୫।୨ (ସଂଚାର ବ୍ୟୁରୋ): ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାମ୍ବାଦିକଙ୍କ ମୌଳିକ ଦାବିକୁ ନେଇ ରାଜ୍ୟର ସମସ୍ତ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଥିବା ବେଳେ ଆଜି ମଧ୍ୟ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ (କେଡିୟୁଜେ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକଙ୍କ ସୁରକ୍ଷା, ସମ୍ମାନ ଏବଂ ପେନସନକୁ ନେଇ ଆଜି ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ୍‌ର ସଭାପତି ତପନ କୁମାର ନାୟକଙ୍କ ନେତୃତ୍ୱରେ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ କୁମାର ବେଉରାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉପସଭାପତି ସୟଦ ଅନସର ଅଲ୍ଲୀ, ଚନ୍ଦନ କୁମାର ସୁନ୍ଦରାୟ, ଶୁଭଲକ୍ଷ୍ମୀ ସାମନ୍ତରା, ମହମ୍ମଦ ଫଜ୍ଲୁର୍ ରହମାନ ସମେତ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ।

# କୋଣାର୍କ ଯାତ୍ରୀ ନିବାସଠାରେ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦଘାଟିତ




କୋଣାର୍କ, ୧୫।୨ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ସ୍ୱୟଂ ଚାଳିତ ସଂସ୍ଥା ପୁରୀ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ୫ ଦିବସୀୟ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ପୁରୀ ଜିଲ୍ଲା ଯୁବ ସଂଯୋଜକ ଅନୁରାଗ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ନବନୀତ କୁମାର, ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି, ସମାଜସେବୀ ରାମକୃଷ୍ଣ ମହାନ୍ତି, ରେଡ଼ିଓ ନମସ୍କାରର ଅଧ୍ୟକ୍ଷ ଏନ୍ ଏ ଶାହ ଅନସାରୀ, ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏହାର ଯୁବକ ସମାଜ ପ୍ରତି ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଭାରତ ବର୍ଷର ସାମୁହିକ ବିକାଶ ପାଇଁ ଯୁବଗୋଷ୍ଠୀ ଏକଜୁଟ ହୋଇ ପ୍ରଗତିର ରଥର ସାରଥି ସାଜି ଆଗେଇ ନେବା ପାଇଁ ଅତିଥି ମାନେ ଯୁବ ଗୋଷ୍ଠୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଏସଆଇ ଓ ଏଏସଆଇ ସ୍ତରରେ ଅଦଳବଦଳ

ନୟାଗଡ଼, ୧୫।୨ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ପୁଲିସରେ ଏସଆଇ, ଏଏସଆଇ ଓ କନେଷ୍ଟବଳ ସ୍ତରରେ ଅଦଳବଦଳ କରାଯାଇଛି। ଦଶପଲ୍ଲା ଥାନାରେ କାର୍ଯ୍ୟରତ ଏସଆଇ ରମେଶ ଚନ୍ଦ୍ର ଜେନାଙ୍କ ଫତେଗଡ଼ ଥାନାକୁ, ଖଣ୍ଡପଡା ଥାନାରେ କାର୍ଯ୍ୟରତ ଏସଆଇ ଉପେନ୍ଦ୍ର ଡିଗଲଙ୍କର ଦଶପଲ୍ଲା ଥାନାକୁ, ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସଆଇ ବିରେନ୍ଦ୍ର କୁମାର ଦେହୁରୀଙ୍କର ବାଣିଗୋଛା ଥାନାକୁ, ଦର୍ପନାରାୟଣପୁର ଫାଣ୍ଡିରେ କାର୍ଯ୍ୟରତ ଏସଆଇ ସନ୍ତୋଷ କୁମାର ଦାସଙ୍କୁ ନୟାଗଡ଼ ଟାଉନ ଥାନାକୁ ବଦଳି କରାଯାଇଛି।

ସେହିପରି ନୟାଗଡ଼ ଏସଡିପିଓ ଅଫିସରେ କାର୍ଯ୍ୟରତ ଏସଆଇ ଯଯାତିକେଶରୀ ସିହ୍ନାଙ୍କୁ ନୟାଗଡ଼ ଟାଉନ ଥାନାକୁ, ଫତେଗଡ଼ ଥାନାରେ କାର୍ଯ୍ୟରତ ଏଏସଆଇ ଦିଲ୍ଲୀପ କୁମାର ସେଠିଙ୍କୁ ଇଟାମାଟି ଥାନାକୁ, ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଏସଆଇ ଭୀମସେନ ମଲୀକଙ୍କୁ ସରଣକୁଳ ଥାନାକୁ, ନୟାଗଡ଼ ଆରଓରେ କାର୍ଯ୍ୟରତ ଏସଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କୁ ଚାନ୍ଦପୁର ବଦଳୀ କରାଯାଇଛି। ନୟାଗଡ଼ ଆରଓରେ କାର୍ଯ୍ୟରତ ଏସଆଇ ଶ୍ରୀନିବାସ ପ୍ରଧାନଙ୍କୁ ଖଣ୍ଡପଡା ଥାନାକୁ, ରଣପୁର ଥାନାରେ କାର୍ଯ୍ୟରତ ଏଏସଆଇ ବିଶ୍ୱଭୂଷଣ ସିଂଙ୍କୁ ଦର୍ପନାରାୟଣପୁର ଫାଣ୍ଡିକୁ, ଇଟାମାଟି ଥାନାରେ କାର୍ଯ୍ୟରତ ଏଏସଆଇ ରାଜେନ୍ଦ୍ର ମାଝିଙ୍କୁ ଜଗନ୍ନାଥପ୍ରସାଦ ଫାଣ୍ଡିକୁ, ଇଟାମାଟି ଥାନାରେ କାର୍ଯ୍ୟରତ ଏଏସଆଇ ସିମାଞ୍ଚଳ ମଲ୍ଲିକଙ୍କୁ ସଦର ଥାନାକୁ, ବାଣିଗୋଛା ଥାନାରେ କାର୍ଯ୍ୟରତ ଏଏସଆଇ ଅଜିତ କୁମାର ରାଉତଙ୍କୁ ନୂଆଗାଁ ଥାନାକୁ, ନୟାଗଡ଼ ଆରଓରେ ଏଏସଆଇ ସାହା ଆଲାମ ଖାଁଙ୍କୁ ଗଣିଆ ଥାନାକୁ, ନୟାଗଡ଼ ଆରଓରେ କାର୍ଯ୍ୟରତ କନେଷ୍ଟବଳ ଦିଲ୍ଲୀପ କୁମାର ବେହେରାଙ୍କୁ ନୟାଗଡ଼ ଏସଡିପିଓ ଅଫିସକୁ ଏବଂ ନୂଆଗାଁ ଥାନାରେ କାର୍ଯ୍ୟରତ କନେଷ୍ଟବଳ ପ୍ରଭାତୀ ନାୟକଙ୍କୁ ନୟାଗଡ଼ ଆରଓକୁ ବଦଳି କରାଯାଇଛି ।

**ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ**

# ପଞ୍ଚଶଖା ଶିକ୍ଷାସେତୁ ଉପରେ ଆଲୋଚନା

କାକଟପୁର/ଅସ୍ତରଙ୍ଗ, ୧୫।୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଲବଣସତ୍ୟାଗ୍ରହ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠରେ ଶନିବାର ଦିନ ଚର୍ତୁଦଶ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରାଙ୍କ ସଂଚାଳନରେ ଅନୁଷ୍ଠିତ ଉଚ୍ଚବିଦ୍ୟାଳୟସ୍ତରୀୟ ସମ୍ମିଳନୀରେ ମୁଖ୍ୟଅତିଥି ସମ୍ମିଳନୀର ଆଭିମୁଖ୍ୟ, ଶିକ୍ଷକମାନଙ୍କର ସାମାଜିକ ଦାୟିତ୍ୱବୋଧ, ବିଦ୍ୟାଳୟର ଶୈକ୍ଷିକ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱ, ଅପାର ଆଇଡି ଏବଂ ୟୁଡାଇମ୍ ତଥ୍ୟ ଅପଡେଟ, ଉତ୍କର୍ଷ, ଗଣିତରେ ଅଭିବୃଦ୍ଧି ପାଇଁ ପଦକ୍ଷେପ, ପ୍ରାକ୍ତନ ଛାତ୍ର ସଂଯୋଗ କାର୍ଯ୍ୟକ୍ରମ, ପଞ୍ଚଶଖା ସେତୁ ସଂଗଠନ, ମୁଖ୍ୟମନ୍ତ୍ରୀ



ଶିକ୍ଷା ପୁରସ୍କାର ୨୦୨୪, ଆକାଂକ୍ଷା ପାଠ୍ୟକ୍ରମର ରିପୋର୍ଟିଂ ଉପରେ ଆଲୋଚନା, ଏସଆଇଓଏସ ବିଦ୍ୟାଳୟ ବାହାରେ ପିଲାଙ୍କ ନାମଲେଖା ସହ ଶିକ୍ଷକଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ସହ ମଣ୍ଡଳ ଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ଜିଲ୍ଲା ନୋଡାଲ ଅଧିକାରୀ ଲିଙ୍ଗରାଜ ପରିଡା, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡା, ଐଶାନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ସନ୍ତୋଷ କୁମାର ପରିଡା, ସୁଧୀର କୁମାର ପ୍ରଧାନ, ବିଷ୍ଣୁଚରଣ ବେହେରା, କାମଦେବପ୍ରଧାନ, ସହ ଲବଣସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ କୁହୁଡି ପ୍ରଧାନଶିକ୍ଷକ ତରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ସମୟରେ ବିଦ୍ୟାଳୟ ମାନଙ୍କରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟ ଗୁଡିକର କିଭଳି ଶୈକ୍ଷିକ, ପରିବେଶ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଏବଂ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ପ୍ରଧାନଶିକ୍ଷକ ମାନଙ୍କୁ ବ୍ଲକ ଶିକ୍ଷାଅଧିକାରୀ ପରାମର୍ଶ ଦେଇଥିଲେ। ଆଲୋଚନାରେ ଅସ୍ତରଙ୍ଗ ବ୍ଲକର ୨୨ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଂଶ ଗ୍ରହଣ କରିଥିଲେ।

# ଖବରକାଗଜ ବାଣ୍ଟି ଆତ୍ମତୃପ୍ତି ଲାଭ କରୁଛନ୍ତି 'ସ୍ୱାଧୀନ'



ହିଞ୍ଜିଳିକାଟୁ, ୧୫।୨ (ସଂଚାର ବ୍ୟୁରୋ): ସକାଳୁ ଉଠିବା ପରେ ଚା' କପ୍ ସହ ଖୋଜା ପଡିଥାଏ ଖବରକାଗଜ। ସେଥିପାଇଁ ଅପେକ୍ଷା ଥାଏ ବିତରକ ବନ୍ଧୁଙ୍କୁ। କାରଣ ସମ୍ବାଦପତ୍ର ଓ ପାଠକଙ୍କ ମଧ୍ୟରେ ମାଧ୍ୟମ ହେଉଛନ୍ତି ବିତରକ। ସୂଚନା ପ୍ରସାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇବାକୁ ପଡିଥାଏ। ଖରା, ବର୍ଷା ଓ ଶୀତକାକର କାହାରିକୁ ଖାତିର ନ କରି ୩୬୫ ଦିନ ଘରେ ଘରେ ପାଠକଙ୍କ ନିକଟରେ ଖବର କାଗଜ ପହଞ୍ଚାଉଛନ୍ତି ହିଞ୍ଜିଳି ଅଞ୍ଚଳର ଖବରକାଗଜ ବିତରକ ସ୍ୱାଧୀନ ସାବତ (୪୬। ବଡ଼ି ସକାଳୁ ଉଠି ନିତ୍ୟକର୍ମ ସାରି ହିଞ୍ଜିଳିକାଟୁ ବସଷ୍ଟାଣ୍ଡକୁ ସକାଳୁ ୫ଟାରୁ ଚାଲିଆସନ୍ତି । ସମସ୍ତ ଖବରକାଗଜକୁ ସେ ଘର ଅନୁସାରେ ସଜେଇ ସାଇକେଲରେ ଲୋଡ଼ିଂ କରି ବାହାରି ପଡନ୍ତି। ସାଇକେଲ ଯୋଗେ ଯିବା ଆସିବା କଲେ ପରିବେଶ ପ୍ରଦୂଷଣ ରୋକିବା ସହ ସ୍ୱାସ୍ଥ୍ୟ ସୁସ୍ଥ ରୁହେ ବୋଲି କହନ୍ତି। ଦୀର୍ଘ ୨୫ ବର୍ଷ ହେଲା ଉକ୍ତ କାର୍ଯ୍ୟରେ ନିଯୋଜିତ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି ସ୍ୱାଧୀନ । ପ୍ରତିଦିନ ସକାଳୁ ବିଭିନ୍ନ ଖବରକାଗଜ ଧରି ସହରର ବିଭିନ୍ନ ସ୍ଥାନ ବୁଲିବା ସହ ହିଞ୍ଜିଳି ବ୍ଲକର କିଛି ପଞ୍ଚାୟତରେ ବି ବିକ୍ରି କରିଥାନ୍ତି। ଏହି ସମୟରେ ଲୋକଙ୍କ ସହ ଭାବବିନିମୟ ତାଙ୍କୁ ଆତ୍ମସନ୍ତୋଷ ଦିଏ ବୋଲି ସ୍ୱାଧୀନ କହିଛନ୍ତି। ଖବରକାଗଜର ଭବିଷ୍ୟତ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଡିଜିଟାଲ ଯୁଗ ଚାଲିଛି। ଇ-ପେପର ଓ ପୋର୍ଟାଲରେ ନ୍ୟୁଜ୍ ଆସୁଥିବାରୁ ଅଧିକାଂଶ ଲୋକେ ମୋବାଇଲ ଫୋନ୍‌ରେ ପଢୁଛନ୍ତି। କିନ୍ତୁ ମୋବାଇଲ ଫୋନ୍ କେବେ ବି ଖବରକାଗଜର ସ୍ଥାନ ନେଇ ପାରିବନି। ଖବରକାଗଜ ବିକ୍ରି ବଞ୍ଚିବାର ରାହା ଯୋଗାଇଛି ବୋଲି ସ୍ୱାଧୀନ କହିଛନ୍ତି।

# ଦୁର୍ଘଟଣାରେ ଆହତ ୨ ଯୁବକ ଚିକିତ୍ସାଧୀନ ଅବସ୍ଥାରେ ମୃତ

ବୈଶିଙ୍ଗା, ୧୫।୨ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ ସନ୍ଧ୍ୟା ସମୟରେ ଜରକା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଶୁକ୍ରବାର ସନ୍ଧ୍ୟା ସମୟରେ ବୈଶିଙ୍ଗା ଥାନା ଅନ୍ତର୍ଗତ ଜରକା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ମୋରଡା ଥାନା ଅଧୀନ ମାକୁନ୍ଦ ଗ୍ରାମର ମଙ୍ଗଲ ସିଂର ପୁଅ ଗୋରା ସିଂ (୪୫) ଏବଂ ରୁପସା ନିକଟସ୍ଥ କେନ୍ଦୁଡାଙ୍ଗରି ଗ୍ରାମର କନ୍ଦନ ବାସ୍କେ (୧୮) ଉଭୟ ଆରୋହୀ ଗୁରୁତର ଭାବେ ଆହତ ଅବସ୍ଥାରେ ୧୮ ନଂ ଜାତୀୟ ରାଜପଥ ଉପରେ ପଡିରହିଥିଲେ । ସ୍ଥାନୀୟ ଲୋକ ଆହତଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିବାରୁ ଜଣଙ୍କୁ ବାଲେଶ୍ୱର ଏବଂ ବାରିପଦା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଦେଇଥିଲେ। ଚିକିତ୍ସିତ ଅବସ୍ଥାରେ ଦୁଇ ଗୁରୁତର ଆହତଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି।

**ବିଜୁଳି ଆଲୁଅରୁ ବଞ୍ଚିତ ଆଦିବାସୀ ଅଧ୍ୟୁଷିତ ବହୁ ଦୁର୍ଗମ ଅଞ୍ଚଳ**

# ଏବେ ବି ଅନ୍ଧାରରେ ୮୧ ଗାଁର ୧୬ ଶହ ପରିବାର

କଳାହାଣ୍ଡି, ୧୫।୨ (ସଂଚାର ବ୍ୟୁରୋ) : ସ୍ୱାଧୀନତାର ୭୬ ବର୍ଷ ପରେ ବି ବିକାଶର ବିକଳ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ୍‌ର ବହୁ ଦୁର୍ଗମ ଗାଁରେ। ଆଜି ବି ଅଞ୍ଚଳକୁ ପହଞ୍ଚିନି ବିଜୁଳି ଆଲୁଅ । ରାତି ଅନ୍ଧାରରେ ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ। ଯୋଜନା ପରେ ଯୋଜନା ଚାଲିଥିଲେ ବି ବିଦ୍ୟୁତ୍ ସଂଯୋଗ ସେମାନଙ୍କ ପାଇଁ ସାତସପନ । ଲୋକେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି । ୮୧ଟି ଗାଁର ୧୬ ଶହ ପରିବାର ଅନ୍ଧାରରେ ରହିଛନ୍ତି।

ପ୍ରକାଶ ଯେ, ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତର ୧୦, ଗୁଣ୍ଡରି ପଞ୍ଚାୟତର ୭, ଭୁଷିଗଡ଼ ପଞ୍ଚାୟତର ୧୦, ବେନଗାଁ ପଞ୍ଚାୟତର ୭, ତ୍ରିଲୋଚନପୁର ପଞ୍ଚାୟତର ୧୨, ବିଜେପୁର ପଞ୍ଚାୟତର, ଛତ୍ରପୁର ପଞ୍ଚାୟତର ଗୋଟିଏ, କମର୍ଦ୍ଧା ପଞ୍ଚାୟତର ୩ କଦମଗୁଡ଼ା ପଞ୍ଚାୟତର ୩, କାନକୁଟୁରୁ ୨, ବେଡାଗାଁ ପଞ୍ଚାୟତର ୭ ଏବଂ ଲାଖବାହିଁଲି ପଞ୍ଚାୟତର ଗୋଟିଏ ଗାଁ ରହିଛି। ଏଥିମଧ୍ୟରୁ ପ୍ରାୟ ୩୦ଟି ଗାଁରେ ସୌର ବିଦ୍ୟୁତ୍‌କରଣ ହୋଇଥିବା ସରକାରୀ କାଗଜପତ୍ରରେ ଦର୍ଶାଯାଉଛି। କିନ୍ତୁ ଏହି ସବୁଗାଁର ସୋଲାର ଲାଇଟ୍ ଠିକ ଭାବରେ କାର୍ଯ୍ୟକାରୀ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ



କରିଛନ୍ତି। ବିଭିନ୍ନ ସ୍ଥାନରେ ସୋଲାର ଲାଇଟ୍ ଖରାପ ହେଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ଏହି ସୋଲାର ବିଦ୍ୟୁତକରଣ ଧର୍ମକୁ ଆଖିଠାର ସାଜିଥିବା ଆଲୋଚନା ହେଉଛି । ବହୁ ଅଞ୍ଚଳରେ ନାମକୁମାତ୍ର ସୋଲାର ପେନାଲ ଲାଗିଛି ।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଗାଁକୁ ବିଜୁଳି ସଂଯୋଗ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଏତେ ସବୁ ଯୋଜନା ସତ୍ତ୍ୱେ ଦୁର୍ଗମ ଅଞ୍ଚଳବାସୀଙ୍କୁ ବିଜୁଳି ମିଳିବା ସ୍ୱପ୍ନ ପାଲଟିଛି। ଫଳରେ ଲୋକେ ଭାଗ୍ୟକୁ ଆଦରି ଡିବିରି ଆଲୁଅରେ ରାତି କାଟୁଛନ୍ତି। ବିଭିନ୍ନ ସ୍ଥାନକୁ ରାସ୍ତା ନଥିବା ବେଳେ ରାତିରେ ଆଲୁଅ ନଥିବା ଯୋଗୁଁ ଅନ୍ଧାରରେ ନିଜର ଭିଟାମାଟିରେ ଭାଗ୍ୟକୁ ଆଦରି ପଡ଼ିରହିଥାନ୍ତି । ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ଆସିଲେ ରାଜନେତାମାନେ ବିଦ୍ୟୁତ୍ ସଂଯୋଗ ପାଇଁ ପ୍ରତିଶ୍ରୁତି ଦେଇ ଭୋଟ୍ ହାତଉଥିବା ବେଳେ ନିର୍ବାଚନ ସରିଲେ ସେମାନଙ୍କ କଥା ଭୁଲି ଯାଉଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏହି ଦୁର୍ଗମ ଅଞ୍ଚଳ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ତାଲା ବନ୍ଦ ଘରୁ ଚୋରି, ଥାନାରେ ଏତଲା

ବ୍ରହ୍ମପୁର, ୧୫।୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ୭ମ ଲାଇନ୍‌ରେ ଜଣେ ଘର ମାଲିକ ଓ ଭଡାଟିଆଙ୍କ ଘରୁ ୯ଲକ୍ଷ ଟଙ୍କାର ଗହଣା ଏବଂ ଟଙ୍କା ଏକ ଲୁଟେରା ଗ୍ୟାଙ୍ଗ ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୫୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗୋବିନ୍ଦ ବିହାରରେ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଦୁଇ ମହଲା ଘର ଅଛି। ତଳ ମହଲାରେ ମାଲିକ ରହୁଥିବା ବେଳେ ଉପର ମହଲାରେ ଡି. ଭାସ୍କର ରାଓ ଭଡ଼ାରେ ରୁହନ୍ତି। ଦୁଇ ପରିବାର ଘରେ ତାଲା ପକାଇ କିଛିଦିନ ତଳେ କୁମ୍ଭମେଳା ଯାଇଥିଲେ। ୧୪ ତାରିଖ ସକାଳେ ଘର ତାଲା ଭଙ୍ଗାଯାଇଥିବା ସାହିର କିଛି ଲୋକ ଦେଖି ଶଙ୍କର୍ଷଣଙ୍କୁ ଫୋନ କରି ଜଣାଇଥିଲେ। ଶଙ୍କର୍ଷଣ ଭାବନ୍ଦରେ ରହୁଥିବା ତାଙ୍କ ଭଣଜା ସନ୍ତୋଷ ପଣିଗ୍ରାହୀଙ୍କୁ ଘରକୁ ଯାଇ ଦେଖିବାକୁ କହିଥିଲେ। ସ୍ଥିତି ଦେଖି ସେ ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଘର ଭିତରକୁ ଯାଇ ଦେଖିବାରେ କେହି ଦୁର୍ବୃତ୍ତ ଆଲମିରା ଭାଙ୍ଗି ୨ଟି ସୁନା ଚେନ, ୨ଟି ରାଣୀହାର, ୧୦ ହଜାର ଟଙ୍କା ସହ ଅନ୍ୟ କେତେକ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଜଣାପଡିଥିଲା। ସେହିପରି ଉପର ମହଲାରେ ରହୁଥିବା ଭାସ୍କରଙ୍କ ଘରୁ ମଧ୍ୟ ୨ଟି ସୁନା ମୁଦି, ୭ହଜାର ଟଙ୍କା ନେଇ ଯାଇଥିବା ଜଣାପଡିଥିଲା। ଏ ନେଇ ସନ୍ତୋଷଙ୍କ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

# ଇଟାଭାଟି ନିକଟରୁ ମୃତଦେହ ଉଦ୍ଧାର

ରାଇଘର, ୧୫।୨ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବିଜୁ ପଟ୍ଟନାୟକ ମଡର୍ଣ୍ଣ ସ୍କୁଲ ନିକଟରେ ଏକ ଇଟା ଭାଟି ପାଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ମିଳିଛି । ମୃତ ବ୍ୟକ୍ତିଙ୍କ ମୁହଁରେ ଲଙ୍କା ଗୁଣ୍ଡ ଲଗା ଯାଇଛି। ମୃତ ବ୍ୟକ୍ତି ଜଣକ ରାଇଘର ମାରିଗାଁର ପବିତ୍ର ହରିଜନ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ନବରଙ୍ଗପୁରରୁ ସାଇଣ୍ଟିଫିକ ଟିମକୁ ଡକାଯାଇଛି। ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରାଯିବ ବୋଲି ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ମୃତ ବ୍ୟକ୍ତିଙ୍କ ନିକଟରେ ଏକ ମଦ ବୋତଲ ସହ ଲଙ୍କା ଗୁଣ୍ଡ ପ୍ୟାକେଟ ପଡିଛି। ଏହା ଏକ ହତ୍ୟା ହୋଇଥାଇ ପରେ ବୋଲି ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି କହିଛନ୍ତି ଥାନା ଅଧିକାରୀ ।



କାଶୀ ତାମିଲ ସଙ୍ଗମମ ୩.୦ ଉଦ୍‌ଘାଟିତ

# 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରତିବଦ୍ଧତା ଦୋହରାଉଛୁ

- ତାମିଲନାଡୁରୁ ଯୋଗଦେବେ ପ୍ରାୟ ୧୨୦୦ ପ୍ରତିନିଧି
- ମହର୍ଷି ଅଗସ୍ତି ଭାରତର ସାଂସ୍କୃତିକ ଏକତାର ପ୍ରତୀକ
- କୁମ୍ଭମେଳା ସହ ରାମମନ୍ଦିର ଦର୍ଶନ କରିବେ ପ୍ରତିଯୋଗୀ



**ବାରାଣସୀ,୧୫।୨:** କାଶୀ ତାମିଲ ସଙ୍ଗମମ (କେଟିସ) ଦ୍ୱାରା ଆମେ ଆମ ଦେଶର ଅଖଣ୍ଡ ସାଂସ୍କୃତିକ ଏକତାକୁ ପାଳନ କରିବା ସହ 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଇଛୁ ବୋଲି ଆଜି ଉତ୍ତର ପ୍ରଦେଶର ବାରାଣାସୀରେ 'କାଶୀ ତାମିଲ ସଙ୍ଗମମ ୩.୦'ର ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡା ଏଲ୍. ମୁରୁଗନ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିକଳ୍ପିତ କାଶୀ ତାମିଲ ସଙ୍ଗମମ ହେଉଛି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାର ପ୍ରତୀକ। କାଶୀ ତାମିଲ ସଙ୍ଗମମ ଆମର ମିଳିତ ଐତିହ୍ୟ, ବୌଦ୍ଧିକ ଦକ୍ଷତା ଓ ସଭ୍ୟତାର ବନ୍ଧନର ସମାହାର। ବାବା ବିଶ୍ୱନାଥଙ୍କ ଆଶୀର୍ବାଦରେ କାଶୀ ଓ ରାମନାଥ ସ୍ୱାମୀଙ୍କ ଆଶୀର୍ବାଦରେ ତାମିଲନାଡୁ ଗଢ଼ିଉଠିଛି। ଉଭୟ କାଶୀ ଓ ତାମିଲନାଡୁ ଶିକ୍ଷାର ଏକ କେନ୍ଦ୍ର ଏବଂ ବିଶ୍ୱର ଦୁଇଟି ପୁରାତନ ଭାଷା ସଂସ୍କୃତ ଓ ତାମିଲକୁ ଗ୍ରହଣ କରିଛନ୍ତି। ଉଭୟ କାଶୀ ଓ ତାମିଲନାଡୁ ଏକ ମିଳିତ ସାଂସ୍କୃତିକ ଅନୁଷ୍ଠାନ ଭାବେ ଭାରତର ବିଚାରକୁ ଆଗକୁ ନେଉଛନ୍ତି। କାଶୀ ତାମିଲ ସଙ୍ଗମମ ୩.୦ ଋଷି ମହର୍ଷି ଅଗସ୍ତିଙ୍କୁ ସ୍ମରଣ କରୁଛି। ମହର୍ଷି ଅଗସ୍ତି ଭାରତର ସାଂସ୍କୃତିକ ଏକତାର ପ୍ରତୀକ ଏବଂ କାଶୀ ଓ ତାମିଲନାଡୁ ମଧ୍ୟରେ ଏକ ଅନନ୍ତ ସେତୁ। ଏହି କାର୍ଯ୍ୟକ୍ରମ କାଶୀ ଏବଂ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ଭାରତର ଗୌରବମୟ ଐତିହ୍ୟର ଏକ ସ୍ଥାୟୀ ଐତିହ୍ୟ ସୃଷ୍ଟି କରିବ। କାଶୀ ତାମିଲ ସଙ୍ଗମମର ପରିକଳ୍ପନା କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆସୁଛି ବର୍ଷା, ଶୀତ ଉଭାନ



**ଭୁବନେଶ୍ୱର,୧୫।୨ (ସଂଚାର ବ୍ୟୁରୋ):** ଆସୁଛି ବର୍ଷା। ଖରାରୁ ମିଳିବ ତ୍ରାହି। ଫେବୃଆରୀ ଆରମ୍ଭରୁ ରାଜ୍ୟକୁ ଖରା ଲେଉଟିଥିବାବେଳେ ଶୀତ ଏକରକମ ଗାଏବ ହୋଇଯାଇଛି। ରାଜ୍ୟରେ ଆସନ୍ତା ୪ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବା ପରେ ୧୯ରୁ ୨୨ ତାରିଖ ଯାଏ ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଜାରି କରିଛି। ଆସନ୍ତା ୧୯ ଓ ୨୨ ତାରିଖରେ ରାଜ୍ୟରେ ବର୍ଷା ସମ୍ଭାବନା ଅଛି । ଉତ୍ତର ଉପକୂଳ ଓ ଓ ମୟୂରଭଞ୍ଜରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୧୯ ତାରରେ ୮ ଜିଲାରେ ବର୍ଷା ନେଇ ଓ୍ୱାର୍ନିଂ ଜାରି ହୋଇଛି। ସେଗୁଡ଼ିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ,ଢେଙ୍କାନାଳ । ସେହି ଭଳି ୨୦ ଓ ୨୧ରେ ୧୭ ଜିଲାରେ ବର୍ଷା ସମ୍ଭାବନା ରହିଛି ।

## ମନ ମୋହିଲା 'ଡଗ୍ ଶୋ'

### ୪୮ ପ୍ରଜାତିର ଶ୍ୱାନ ସାମିଲ୍



**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ଶ୍ୱାନ ସହ ମଣିଷର ସମ୍ପର୍କ ବହୁ ପୁରୁଣା। ବିଶ୍ୱସ୍ତ ପ୍ରାଣୀ ହୋଇଥିବାରୁ ଏହାର ଲାଳନପାଳନର ରହିଛି ଏକ ନିଆରା ଆକର୍ଷଣ। ଚୋର ଧରିବା ହେଉ ଅବା ବିଭିନ୍ନ ସୁରକ୍ଷା ବାହିନୀରେ ନିୟୋଜିତ ହୋଇ ନିଜର ରଣକୌଶଳ ପ୍ରଦର୍ଶନ କରିବା ସହ ଏମାନେ ନିଜର ପାରଦର୍ଶିତା ଦେଖାଇଆସିଛନ୍ତି। ତେଣୁ ଆଜି ଚଳିତ ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫'ର ଦ୍ୱିତୀୟ ଦିନରେ ଅନୁଷ୍ଠିତ 'ଡଗ୍ ଶୋ' ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। ଏଥିରେ ଗ୍ରେଟ୍ ଡେନ୍, ଲାବ୍ରାଡର୍ ରିଟ୍ରିଭର୍, ଗୋଲ୍ଡେନ ରିଟ୍ରିଭର୍, ବିଗଲ୍, ଆକିତା ଇନୁ, ଇଣ୍ଡିଆନ ପରିହା, ସ୍ପିଜ୍, ଜର୍ମାନ ଶେଫର୍ଡ, ଫ୍ରେଞ୍ଚ୍ ବୁଲଡଗ୍, ରୋଟୱିଲର୍ ଆଦି ୪୮ଟି ପ୍ରଜାତିର ଶ୍ୱାନ ଅଂଶଗ୍ରହଣ କରିଥିଲେ। ଶ୍ୱାନମାନଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଓ ନିଜସ୍ୱ ବ୍ୟବହାର ଶୈଳୀ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଶ୍ୱାନ ପ୍ରଶିକ୍ଷକ ରଶ୍ମିତା ଗ୍ରେଟ୍ ଡେନ୍ ପ୍ରଜାତିର ଶ୍ୱାନ ଦ୍ୱାରା ଆଦର୍ଶ ନାଗରିକ ବିଧିର ପ୍ରଦର୍ଶନ ମଧ୍ୟ କରାଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଓଡ଼ିଶା କେନେଲ କ୍ଲବ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କେନେଲ୍ କ୍ଲବର ସଭାପତି ସୁବ୍ରତ ପୃଷ୍ଟି ସମସ୍ତ ପ୍ରଜାତିର ଶ୍ୱାନଙ୍କ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ବିକାଶ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଡମ୍ବରୁଧର ତରାଇ ଧନ୍ୟବାଦ ଦେଇଥିଲେ।

## ଆକର୍ଷଣର କେନ୍ଦ୍ର ଲଢୁଆ ଗଞ୍ଜା 'ହାଁସଲି'



ଲଢୁଆ ଗଞ୍ଜା 'ହାଁସଲି' ମତ୍ସ୍ୟ-ପ୍ରାଣୀ ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି । ସମାବେଶର ପ୍ରାଣୀ ପ୍ରଦର୍ଶନୀ ଲାଇଭ୍ ଡେମନଷ୍ଟ୍ରେସନ୍ ପାଭିଲିୟନରେ ମୟୂରଭଞ୍ଜ ଜିଲ୍ଲାର 'ହାଁସଲି' କୁକୁଡ଼ାକୁ ଓଡ଼ିଶାର ଗର୍ବ ଭାବରେ ସ୍ଥାନିତ କରାଯାଇଛି। ନ୍ୟାସନାଲ୍ ବ୍ୟୁରୋ ଅଫ୍ ଆନିମଲ୍ ଜେନେଟିକ୍ ରିସୋର୍ସ ଦ୍ୱାରା ସ୍ୱୀକୃତିପ୍ରାପ୍ତ ତାଲିକାରେ ଏହି ଦେଶୀ କୁକୁଡ଼ା ପ୍ରଜାତି ସ୍ଥାନ ପାଇଛି । ଓଡ଼ିଶାର ବିଭିନ୍ନ ପର୍ବ-ପର୍ବାଣୀ ପାଳନ ଓ ସାପ୍ତାହିକ ହାଟ ଆୟୋଜନ ବେଳେ ପାରମ୍ପରିକ ଗଞ୍ଜା ଲଢେଇ ଆୟୋଜିତ ହୋଇଥାଏ । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗଞ୍ଜାକୁକୁଡ଼ା ଲଢେଇରେ 'ହାଁସଲି' ପ୍ରଜାତି କୁକୁଡ଼ା ଭାଗ ନେଇଥାନ୍ତି । ଏହି ପ୍ରଜାତିର ମାଈ କୁକୁଡ଼ା ବାର୍ଷିକ ୬୦-୭୦ ଗୋଟି ଅଣ୍ଡା ପ୍ରଦାନ କରିଥାନ୍ତି । ଅଣ୍ଡିରା କୁକୁଡ଼ାର ଓଜନ ୨.୫-୩.୮ କି.ଗ୍ରା ଥିବା ବେଳେ ମାଈ କୁକୁଡ଼ାର ଓଜନ ୧.୭-୨.୫ କି.ଗ୍ରା । ମତ୍ସ୍ୟ-ପ୍ରାଣୀ ସମାବେଶରେ ବିଭିନ୍ନ ପ୍ରଜାତିର କୁକୁଡ଼ାଙ୍କୁ ପ୍ରଦର୍ଶିତ କରାଯାଇଛି । ଜଗତସିଂହପୁରର ବର୍ଣ୍ଣାଳୀ କଲର୍ ବ୍ରଏଲର୍, ଓଡ଼ିଶାର କଳିଙ୍ଗ ଦେଶୀ, ବନରାଜ, କାବେରୀ କୁକୁଡ଼ା, ଗିନି ପକ୍ଷୀ, ଚୀନର ସିଲ୍କି ବାର୍ଡ଼, ମଧ୍ୟପ୍ରଦେଶର କଡ଼କନାଥ, ଜର୍ମାନୀର ଡାହଲେମ ରେଡ଼, ଇଟାଲୀର ହ୍ୱାଇଟ୍ ଲେଗହର୍ଣ୍ଣ କୁକୁଡ଼ା ଆଦିକୁ ଲାଇଭ୍ ଡେମନଷ୍ଟ୍ରେସନ୍ ପାଭିଲିୟନ୍ ରେ ସ୍ଥାନିତ କରାଯାଇଛି । ସୂଚନାଯୋଗ୍ୟ, ଘର ଅଗଣାରେ କୁକୁଡ଼ା ପାଳନ ପାଇଁ ରାଜ୍ୟ ସରକାର ଚାଷୀଙ୍କୁ ଶତପ୍ରତିଶତ ସହାୟତା ପ୍ରଦାନ କରୁଛନ୍ତି ।

## ବରଗଡ଼ ଧନୁଯାତ୍ରା: ସ୍ଥାୟୀ ରାଜମହଲ ପାଇଁ ୧୨.୭୯ କୋଟି ମଞ୍ଜୁର

**ବରଗଡ଼,୧୫।୨ (ସଂଚାର ବ୍ୟୁରୋ):** ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ରାଜ ମହଲ ନିର୍ମାଣ ପାଇଁ ରାଜ୍ୟ ସରକାର ୧୨କୋଟି ୭୯ଲକ୍ଷ ୩୧ହଜାର ୯ଶହ ଟଙ୍କା ମଞ୍ଜୁର କରିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ତାଙ୍କ ଫେସ୍‌ବୁକ ଆକାଉଣ୍ଟ ପେଜରେ ଏହି ସୂଚନା ଦେଇଛନ୍ତି। ଏଥିପାଇଁ ବିଧାୟକ ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ କୃତଜ୍ଞତା ଜଣାଇବା ସହିତ ଏହା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାକୁ ଆହୁରି ଭବ୍ୟ ଓ ସମୃଦ୍ଧ କରିବ ବୋଲି ସେ କହିଛନ୍ତି। ବରଗଡ଼ ନିଶାମଣି ହାଇସ୍କୁଲ ପଡ଼ିଆରେ ରାଜମହଲ ନିର୍ମାଣ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ଏନେଇ ପ୍ରକାଶିତ ଚିଠିରେ ଉଲ୍ଲେଖ ରହିଛି।

## ୧୭ ଓ ୨୪ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ଆସନ୍ତା ୧୭ ଓ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସମ୍ପ୍ରତି ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ଜାରି ରହିଥିବା ହେତୁ ଉପରୋକ୍ତ ଦୁଇଟି ସୋମବାରରେ ସ୍ଥାନୀୟ ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଅଭିଯୋଗ ଶୁଣାଣି ଚାଲିପାରିବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସଂକ୍ରାନ୍ତରେ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ବ୍ୟବଧାନରେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ସିଧାସଳଖ ଅଭିଯୋଗକାରୀଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଉଦ୍ୟମ କରିଆସିଛନ୍ତି। ଏପରିକି ଅନ୍ ଦି ସ୍ପଟ୍ ସମସ୍ୟାର ସମାଧାନ କରି ଶ୍ରୀ ମାଝୀ ବିଜେପି ସାଧାରଣ ଲୋକଙ୍କ ସରକାର ବୋଲି ପ୍ରମାଣିତ ମଧ୍ୟ କରିଛନ୍ତି।

## ଛୁରୀ ଦେଖାଇ ପିଇଓଙ୍କଠାରୁ ୮ ଲକ୍ଷ ଲୁଟ୍

- ଭତ୍ତା ଟଙ୍କା ବାଣ୍ଟିବାକୁ ଯାଉଥିବା ବେଳେ ଅଘଟଣ

**ବୋରିଗୁମ୍ମା,୧୫।୨(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ବିସିଂହପୁର ଥାନାଞ୍ଚଳରେ ଦିନ ଦ୍ୱିପ୍ରହରେ ଏକ ବଡ଼ ଧରଣର ଲୁଟ୍ ହୋଇଛି। ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ କେତେକ ଦୁର୍ବୃତ୍ତ ଛୁରୀ ଦେଖାଇ ଭୟଭୀତ କରିବା ସହ ତାଙ୍କଠାରୁ ୮ ଲକ୍ଷ ୫୯ ହଜାର ୩୦୦ ଟଙ୍କା ଲୁଟି ନେଇଛନ୍ତି। ଏଭଳି ଲୁଟ୍‌ର ଶିକାର ହୋଇଥିବା ଏହି ପିଇଓ ଜଣଙ୍କ ହେଉଛନ୍ତି ବୋଡ଼ିଗାଁ ପଞ୍ଚାୟତର ଅର୍ଜୁନ ପାତ୍ର। ମିଳିଥିବା ସୂଚନାନୁସାରେ, ଶ୍ରୀ ପାତ୍ର ଆଜି ବ୍ଲକ କାର୍ଯ୍ୟାଳୟରୁ ଏକ ବ୍ୟାଗରେ ଟଙ୍କା ନେଇ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ। କିନ୍ତୁ ଅଚାନକ ୬ ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ସ୍ଥାନୀୟ ରତାଳି ରାସ୍ତା ମଝିରେ ଗାଡ଼ି ରଖିବା ସହ ଶ୍ରୀ ପାତ୍ରଙ୍କ ବାଇକକୁ ରୋକିଥିଲେ। ପିଇଓ ବାଇକ୍ ଅଟକାଇବା କ୍ଷଣି ଦୁର୍ବୃତ୍ତମାନେ ତାଙ୍କୁ ଛୁରୀ ଦେଖାଇ ଆକ୍ରମଣ କରିବା ସହ ତାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ। ସେମାନେ ପଳାଇଯିବା ସମୟରେ ଯେପରି ଶ୍ରୀ ପାତ୍ର ପିଛା କରି ନପାରିବେ, ସେଥିପାଇଁ ଦୁର୍ବୃତ୍ତମାନେ ତାଙ୍କ ବାଇକଟିକୁ ଜମି ତଳକୁ ଠେଲି ଦେଇଥିଲେ। ଏପରିକି ତାଙ୍କ ଫୋନ୍‌କୁ ମଧ୍ୟ ଦୂରକୁ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଚମ୍ପଟ୍ ମାରିଥିଲେ। କୌଣସି ସୂତ୍ରରୁ ଖବର ପାଇ ବୋଡ଼ିଗାଁ ସରପଞ୍ଚ କରୁଣା ବଡ଼ନାୟକ ଓ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଶ୍ରୀ ପାତ୍ରଙ୍କ ବାଇକ ଓ ଫୋନ୍ ଉଦ୍ଧାର କରିବା ସହ ବିସିଂହପୁର ପୁଲିସ ଓ ବୋରିଗୁମ୍ମା ବିଡିଓଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବିସିଂହପୁର ପୁଲିସ ପହଞ୍ଚି ଘଟଣାର ଛାନ୍‌ଭିନ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଲୁଟେରାମାନଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ।

- ଡକାୟତ ଗ୍ୟାଙ୍ଗକୁ ଧରିଲା ପୁରୀ ପୋଲିସ

## ୩୦ଟି ସୁନା ମୁଦି, ୭ଟି ସୁନା ଚେନ୍, ଡିଜିଟାଲ କ୍ୟାମେରା ଜବତ



**ପୁରୀ,୧୫।୨ (ସଂଚାର ବ୍ୟୁରୋ):** ପୁରୀ ପୋଲିସକୁ ବଡ଼ ସଫଳତା । ପୋଲିସର ନିଦ ହଜାଇ ଦେଇଥିବା ବରଗ୍ଲାରୀ ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ପୁରୀ ପୋଲିସ । ଗ୍ୟାଙ୍ଗର ୪ଜଣ ଅଭିଯୁକ୍ତଙ୍କୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନିମାପଡ଼ାରୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ୩୦ଟି ସୁନା ମୁଦି, ୭ଟି ସୁନା ଚେନ୍, ଡିଜିଟାଲ କ୍ୟାମେରା, ପ୍ରିଣ୍ଟର, ମନିଟର, ସ୍କ୍ରୁ ଡାଇଭର, ସ୍କ୍ରୁ ବାର ଜବତ କରିଛି ପୋଲିସ । ଗିରଫ ଅଭିଯୁକ୍ତ ହେଲେ କାଜଲ୍ ଦାସ, ଶ୍ରୀକାନ୍ତ ସ୍ୱାଇଁ, ଆଶିଷ ମଲ୍ଲିକ ଓ ଚିରଞ୍ଜିବି ଦାସ । ପୁରୀ ଏସ୍‌ପିଙ୍କ କନଫରେନ୍ସ ହଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ସୁଶିଲ ମିଶ୍ର ଏନେଇ ସୂଚନା ଦେଇଛନ୍ତି । କାଜଲ ଦାସ ଓ ଶ୍ରୀକାନ୍ତ ସ୍ୱାଇଁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଡକାୟତି କରୁଥିଲେ । ବିଶେଷ କରି ଘରେ କେହି ନଥିବା ସମୟରେ ଏହି ଦୁଇ ଅଭିଯୁକ୍ତ ସୁଯୋଗ ଦେଖି ଘରମାନଙ୍କରେ କଳା କନା ବୁଲାଉଥିଲେ ।ପରବର୍ତ୍ତୀ ସମୟରେ ଗହଣା ଦୋକାନକୁ ଯାଇ ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ବିକ୍ରି କରୁଥିଲେ । ତେବେ ଏନେଇ ବିଭିନ୍ନ ଥାନାରେ ଅଭିଯୋଗ ହେବା ପରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ଦୀର୍ଘ ପାଞ୍ଚମାସ ପରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଛି ବୋଲି କହିଛନ୍ତି ଅତିରିକ୍ତ ଏସ୍‌ପି ।

# ୯ ମାସ ପରେ ଫେରିଲେ ସୁର



**ଭକ୍ତଙ୍କ ସର୍ବକ୍ଷମା ନୀତିର ତ୍ୱରିତ ପ୍ରଭାବ**
- ମୁଣ୍ଡିଆ ମାରି କଂଗ୍ରେସ ଭବନରେ ପଶିଲେ
- ସ୍ୱାଗତ କଲେ ବଡ଼ ପୁଅ ସିଦ୍ଧାର୍ଥ

**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ନିକଟରେ ରାଜ୍ୟ କଂଗ୍ରେସର ମଙ୍ଗ ଧରିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଭେଟେରାନ୍ ନେତା ଭକ୍ତ ଚରଣ ଦାସ। କଂଗ୍ରେସର ମୁଖିଆ ଭାବେ ଦାୟିତ୍ୱ ନେବା ପରେ ପରେ ଆକ୍ସନ୍ ମୋଡ୍‌କୁ ଆସି ଦଳକୁ ସୁଧାରିବା ଦିଗରେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବିଶେଷକରି ଦଳ ଛାଡ଼ି ଅନ୍ୟତ୍ର ଯାଇଥିବା ନେତାମାନଙ୍କୁ ଫେରାଇ ଆଣିବା ସକାଶେ ସେ ସର୍ବକ୍ଷମା ନୀତି ଆପଣାଇଛନ୍ତି। ଏହି ପଦକ୍ଷେପର ତ୍ୱରିତ ପ୍ରଭାବ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଛି। କାରଣ ଦଳର ଅନ୍ୟତମ ପୁରୁଖା ନେତା ତଥା ପୂର୍ବତନ ବିଧାୟକ ସୁର ରାଉତରାୟ ଶନିବାର ତାଙ୍କର ପୁରୁଣା ଘରକୁ ଫେରିଛନ୍ତି। ଦୀର୍ଘ ୫୦ ବର୍ଷ ଧରି କଂଗ୍ରେସରେ ରହିବା ପରେ ସୁରଙ୍କୁ ଦଳ ବିଦା କରିଦେଇଥିଲା। କିନ୍ତୁ ଦଳ ତାଙ୍କୁ ଲୋଡ଼ୁଛି ଓ ଦଳରେ ତାଙ୍କର ଆବଶ୍ୟକତା ରହିଛି ବୋଲି ଭକ୍ତ କହିବା ପରେ ସୁର ବେଶ୍ ଖୁସି ପ୍ରକଟ କରିଛନ୍ତି। ସେ ଆଜି ପୂର୍ବାହ୍ନରେ ତାଙ୍କର ସମର୍ଥକମାନଙ୍କ ସହ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମୁଣ୍ଡିଆ ମାରି ସେ କଂଗ୍ରେସ ଭବନରେ ପ୍ରବେଶ କରିବା ସହ ସମସ୍ତଙ୍କୁ ମିଠା ଖୁଆଇଥିଲେ। ତାଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟ ମଧ୍ୟ ସାଙ୍ଗରେ ଥିଲେ। ଦଳକୁ ଫେରିବା ପରେ ତାଙ୍କୁ ଯାହା ଦାୟିତ୍ୱ ମିଳିବ, ତାହାକୁ ସେ ନିଶ୍ଚୟ ତୁଲାଇବେ ବୋଲି ସୁର କହିଛନ୍ତି। କିନ୍ତୁ ଏହି ଅବସରରେ ସୁର ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ ଓ ଦଳକୁ ଫେରିବାର ସୁଖ ତାଙ୍କ ଆଖିରେ ଲୁହ ଆଣିଦେଇଥିଲା। ସେ କହିଥିଲେ ଯେ କଂଗ୍ରେସ ଭବନ ତାଙ୍କ ପାଇଁ ମନ୍ଦିର ଓ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ତାଙ୍କ ଦେବତା। ସେ କଂଗ୍ରେସ ବ୍ୟତୀତ ଅନ୍ୟ କୌଣସି ଦଳ ପାଇଁ କଦାପି କାମ କରିବେ ନାହିଁ। ତାଙ୍କର ଜନ୍ମ କେବଳ କଂଗ୍ରେସରେ କାମ କରିବା ପାଇଁ ହୋଇଛି ଓ ଏଥିପାଇଁ ନିଲମ୍ବନର ୯ ମାସ ପରେ ଦଳକୁ ଫେରିଥିବା ଏହି ଭେଟେରାନ୍ ନେତା କହିଛନ୍ତି।

ସାନ ପୁଅ ମନ୍ମଥ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗ ଦେବା ପରେ ତାଙ୍କୁ ଭୁବନେଶ୍ୱର ସାଂସଦ ଭାବେ ଟିକେଟ୍ ମିଳିଥିଲା। ତେବେ ଏହା ପରଠାରୁ କଂଗ୍ରେସ ସହ ସୁରଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ବିଭିନ୍ନ ଫୋରମରେ ଦଳବିରୋଧୀ ମନ୍ତବ୍ୟ ଦେବାରୁ ୫୦ ବର୍ଷ ଧରି କାର୍ଯ୍ୟ କରିଥିବା ଦଳ ସୁରଙ୍କ ହାତ ଛାଡ଼ିଦେଇଥିଲା। ପୁତ୍ର ମୋହରେ ଯଦିଓ ସୁର କଂଗ୍ରେସ ନେତାଙ୍କ ବିରୋଧରେ ବୟାନ ଦେଇଥିଲେ, କିନ୍ତୁ ପୁରୁଣା ଦଳ ପ୍ରତି ତାଙ୍କର ପ୍ରୀତି ଏବେ ବି ଅତୁଟ ରହିଛି। ତେଣୁ ତାଙ୍କୁ ଭକ୍ତ ଜଣେ କଂଗ୍ରେସମ୍ୟାନ ବୋଲି କହିବା ସହ ତାଙ୍କ ଭଳି ଲୋକ କଂଗ୍ରେସରେ ରହିବା ଦରକାର ବୋଲି କହିଛନ୍ତି।

## ବିଜେପି ନେତାଙ୍କୁ ଘାରିଛି ପାଣ୍ଡିଆନ ଭୂତ




**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ବିଜେପିର କିଛି ବରିଷ୍ଠ ନେତାଙ୍କୁ ଘାରିଛି ପାଣ୍ଡିଆନ ଭୂତ। ନିର୍ବାଚନ ପୂର୍ବରୁ ଯେମିତି ପୂର୍ବତନ ସରକାରଙ୍କୁ ଘେରିବାକୁ ପାଣ୍ଡିଆନଙ୍କୁ ଟାର୍ଗେଟ କରୁଥିଲେ ବିଜେପି ନେତା, ଏବେ ସରକାର ବଦଳିବା ପରେ ବି ସେଇ ବିଜେପି ନେତାଙ୍କୁ ଛାଡୁନି ପାଣ୍ଡିଆନ ଭୟ। ରାଜନୀତିରୁ ସନ୍ୟାସ ନେଇସାରିଥିବା ଏବଂ ବିଧାନସଭାର ସଦସ୍ୟ ନଥିବା ଜଣେ ବ୍ୟକ୍ତିଙ୍କ ବାବଦରେ ପୂର୍ବରୁ ଗୃହରେ ଆଲୋଚନା ହେଉଥିଲେ ବିଜେପି ବିଧାୟକମାନେ ପ୍ରତିବାଦ କରୁଥିଲେ। ଏବେ ସେଇ ବିଧାୟକମାନେ ଗୃହର ସଦସ୍ୟ ନଥିବା ବ୍ୟକ୍ତିଙ୍କ ବିରୋଧରେ ଗୃହରେ କହୁଛନ୍ତି। ଆଜି ଶୂନ୍ୟକାଳରେ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଣ୍ଡିଆନ ମନ୍ତବ୍ୟକୁ ନେଇ ଆଜି ହଟ୍ଟଗୋଳ ହୋଇଥିଲା। ଶ୍ରୀ ମିଶ୍ର କହିଥିଲେ ଯେ ଚାଷୀ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଗୃହରେ ହଟ୍ଟଗୋଳ କରି ବିଧାନସଭା ଚଳାଇ ଦେଉନାହାନ୍ତି। ଉକ୍ତ ପ୍ରସଙ୍ଗରେ ବିଜେଡି ଦେଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରି ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ବିରୋଧୀ ହଟ୍ଟଗୋଳ କଲେ। ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ। ବିଧାନସଭାର ବହୁମୂଲ୍ୟ ସମୟ ନଷ୍ଟ ହେଲା। ଗୃହରେ ହଟ୍ଟଗୋଳ ନେଇ ଲବିରେ ଜଣେ ବିଜେଡି ସଦସ୍ୟ କହିଲେ ଯେ ପାଣ୍ଡିଆନ କହିବାରୁ ଆମେ ଏଭଳି କରିଛୁ। ପାଣ୍ଡିଆନ କ'ଣ ଏ ଗୃହକୁ ଚଳାଉଛନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। ବିଜେଡି ସଦସ୍ୟମାନେ ଏଭଳି ମନ୍ତବ୍ୟର ବିରୋଧ କରି ଗୃହ ମଧ୍ୟ ଭାଗକୁ ଆସି ପ୍ରତିବାଦ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ କେଉଁ ବିଧାୟକ ଲବିରେ ଜୟନାରାୟଣଙ୍କୁ ଏହା କହିଛନ୍ତି, ସେ ତାଙ୍କ ନାମ ପ୍ରକାଶ କରନ୍ତୁ। ଏଥିସହ ଗୃହର ବିବରଣୀରୁ ପାଣ୍ଡିଆନଙ୍କ ନାମ ବାଦ ଦେବା ପାଇଁ ସେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ମଧ୍ୟ ନବ ଦାସ ହତ୍ୟା ଘଟଣାରେ ପାଣ୍ଡିଆନଙ୍କ ସମ୍ପୃକ୍ତି ଥିବା କହିଥିଲେ। ଜୟନାରାୟଣ ଓ ପଦ୍ମଲୋଚନ ପଣ୍ଡାଙ୍କ ଭଳି ବରିଷ୍ଠ ବିଧାୟକଙ୍କ ମୁହଁରୁ ଏଭଳି ଶୂନ୍ୟକୁ ଢେଲାଫିଙ୍ଗାକୁ ରାଜନୈତିକ ସମୀକ୍ଷକ ସମାଲୋଚନା କରିଛନ୍ତି।

## କଟ୍‌ନୀ ଛଟ୍‌ନୀ ନେଇ ତାରା-କୃଷ୍ଣ ମୁହାଁମୁହିଁ




- ମିଲର୍‌ଙ୍କଠାରୁ କଲେକ୍ସନ କରୁଛନ୍ତି ମନ୍ତ୍ରୀଙ୍କ ଏଜେଣ୍ଟ
- ସତସାହସ ଥିଲେ ପ୍ରମାଣ ଦେବାକୁ ମନ୍ତ୍ରୀଙ୍କ ଚ୍ୟାଲେଞ୍ଜ

**ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ):** ମଣ୍ଡିରେ ହେଉଥିବା କଟନୀ ଛଟନୀକୁ ନେଇ ଆଜି ବିଧାନସଭାରେ ଦୁଇ ନେତା ମୁହାଁମୁହିଁ ହୋଇଛନ୍ତି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ଅଭିଯୋଗ କରିଛନ୍ତି ମନ୍ତ୍ରୀଙ୍କ ଏଜେଣ୍ଟମାନେ ମିଲର୍ସ ଓ ଚାଉଳ ଗୋଦାମବାଲାଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି। ଏହାର ଜବାବ ରଖି ଯୋଗାଣ ମନ୍ତ୍ରୀ ସତସାହସ ଅଛି ତ ପ୍ରମାଣ ଦେବାକୁ ତାରାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି।

ଏନେଇ ତାରା ଗଣମାଧ୍ୟମକୁ କହିଛନ୍ତି ଯେ ମଣ୍ଡିରେ କଟନୀ ଛଟନୀ ହେବନି, ଠନ୍‌ଠନ୍ ଧାନ ଦିଅ, ଠନ୍ ଠନ୍ ଟଙ୍କା ନିଅ ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ନିଜ ପାଇଁ ଠନ୍‌ଠନ୍ କଥା କହିଲେ ନା ଚାଷୀଙ୍କ ପାଇଁ କହିଲେ, ତାହା ଲୋକେ ଜାଣିପାରିଲେ ନାହିଁ। ଯାହା ଜଣାପଡୁଛି, ରାଜ୍ୟର ସବୁ ଗୋଦାମରେ ମନ୍ତ୍ରୀଙ୍କ ଏଜେଣ୍ଟ ଅଛନ୍ତି। ଯେଉଁମାନେ କଲେକ୍ସନ କରୁଛନ୍ତି। ଏ ସମ୍ପର୍କରେ ଆଜି ବିଧାନସଭାରେ କହିଛି। ଆଉ ଯେଉଁମାନେ ମନ୍ତ୍ରୀଙ୍କ ଏଜେଣ୍ଟ ସାଜିଛନ୍ତି, ସେମାନଙ୍କ ନାଁ ମଧ୍ୟ କହିଛି। କୋରାପୁଟ, ଗଞ୍ଜାମ, ବଲାଙ୍ଗିରରରେ ଥିବା ଏଜେଣ୍ଟଙ୍କ ନାଁ କହିଛି। ମନ୍ତ୍ରୀଙ୍କ ଏଜେଣ୍ଟମାନେ ମିଲର୍ସ ଓ ଚାଉଳ ଗୋଦାମବାଲାଙ୍କଠାରୁ କଲେକ୍ସନ କରୁଛନ୍ତି ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ ଏହାର ଜବାବ ରଖି ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବିରୋଧୀ ଦଳ। ଆମ ସରକାର ଅତି ଶୁଦ୍ଧ ଓ ପବିତ୍ରତାର ସହ କାମ କରୁଛି। ୮ ମାସ ଭିତରେ କୌଣସି ଗୋଟିଏ ହେଲେ ଅଭିଯୋଗ ଆସିନାହିଁ। ସମସ୍ତେ ଠିକ୍ ଭାବେ କାମ କରୁଛନ୍ତି। କିଏ ଓ କ'ଣ ପାଇଁ କଲେକ୍ସନ୍ କଲା, ତା'ର ପ୍ରମାଣ ଦିଅନ୍ତୁ। କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି ସତ୍‌ସାହସ ଅଛି, ତା'ର ପ୍ରମାଣ ଦିଅନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏମିତି ଲଘୁ ମନ୍ତବ୍ୟ ଦେବା ତାରାଙ୍କ ଚରିତ୍ର ଓ ପ୍ରକୃତି। ସିଏ ମୋର ଜଣେ ଭଲ ବନ୍ଧୁ। କିନ୍ତୁ ସେ ଏଭଳି ମନ୍ତବ୍ୟ ଦେବା ଠିକ ନୁହେଁ। ସିଏ ଆଗେ ନିଜର ଅବସ୍ଥା ସମ୍ଭାଳନ୍ତୁ। ଏବେ ରାଜ୍ୟରେ କଟନୀ ଛଟନୀ ନାହିଁ। ସରକାରଙ୍କ ଉପରେ ଚାଷୀମାନେ ବହୁତ ଖୁସି ଅଛନ୍ତି। କଂଗ୍ରେସ ଓ ବିଜେଡିର ସ୍ଥିତି ଆଉ ନାହିଁ ବୋଲି ଶ୍ରୀ ପାତ୍ର କହିଛନ୍ତି।

# ୨୪ ବର୍ଷରେ ୩୪୩ ଗୁଣ ବଢ଼ିଛି ମଦ ବେପାର



**ଭୁବନେଶ୍ୱର,୧୫।୨:** ରାଜ୍ୟରେ ମଦ କାରବାର ୨୪ ବର୍ଷରେ ୩୪୩ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ ଦେଇଥିବା ସୂଚନାରୁ ଏହା ଜଣାଯାଇଛି। ରାଜ୍ୟ ପାନୀୟ ନିଗମର ମଦ ବିକ୍ରି ଉପରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୦୦-୦୧ରେ ପାନୀୟ ନିଗମ ମାତ୍ର ୨୫ କୋଟି ୪୧ ଲକ୍ଷ ଟଙ୍କାର ମଦ ବିକ୍ରି କରିଥିବାବେଳେ ୨୦୨୩-୨୪ରେ ଏହା ୮୫୯୫ କୋଟି ଟଙ୍କାକୁ ଟପିଯାଇଛି। ଅର୍ଥାତ୍ ଏହି ୨୪ ବର୍ଷ ଭିତରେ ପାନୀୟ ନିଗମ ରାଜ୍ୟରେ ୩୪୩ ଗୁଣରୁ ଅଧିକ ପରିମାଣର ମଦ ବ୍ୟବସାୟ କରିଛି।

ସୂଚନାନୁଯାୟୀ, ୨୦୦୦-୦୧ରେ ମଦ ବିକ୍ରି ପରିମାଣ ୨୫.୪୧ କୋଟି ଟଙ୍କା ଥିବାବେଳେ ୨୦୦୧-୦୨ରେ ଏହା ପ୍ରାୟ ୧୦ ଗୁଣ ବୃଦ୍ଧି ପାଇ ୨୭୫ କୋଟି ଟଙ୍କାକୁ ଟପିଥିଲା। ତେବେ ପାନୀୟ ନିଗମର ମଦ ବେପାର ୨୦୦୮-୦୯ ବର୍ଷରେ ହଜାରେ କୋଟି ଟଙ୍କାକୁ ଟପି ୧୦୧୩.୩୪ କୋଟି ଟଙ୍କାରେ ପହଞ୍ଚିଥିଲା। ସେହିଭଳି ୨୦୧୨-୧୩ ବର୍ଷରେ ନିଗମର ମଦ ବେପାର ୨ହଜାର କୋଟି ଅତିକ୍ରମ କରି ୨୧୯୫.୧୩ କୋଟି ଟଙ୍କାରେ ପହଞ୍ଚିଥିଲା । ନିଗମର ମଦ ବିକ୍ରି ୨୦୧୫-୧୬ ବର୍ଷରେ ୩ହଜାର କୋଟି ଟଙ୍କାକୁ ଟପିଥିବାବେଳେ ୨୦୧୮-୧୯ ବର୍ଷରେ ୪ହଜାର କୋଟି ଟଙ୍କାକୁ ଅତିକ୍ରମ କରି ୪୭୩୮ କୋଟି ଟଙ୍କାରେ ପହଞ୍ଚିଥିଲା।

୨୦୧୮-୧୯ ବର୍ଷରେ ମଦ ବିକ୍ରି ପରିମାଣ ୫ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଥିବାବେଳେ କରୋନା ବର୍ଷ ୨୦୨୦-୨୧ରେ ଏହା ୪ ହଜାର କୋଟି ଟଙ୍କା ତଳକୁ ଖସିଆସିଥିଲା। ତେବେ କରୋନାର ପ୍ରକୋପ କମିନଥିବା ଏବଂ ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାବେଳେ ୨୦୨୧-୨୨ରେ ପାନୀୟ ନିଗମର ମଦ ବିକ୍ରି ୬ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ଏହା ପରବର୍ଷ ଅର୍ଥାତ୍ ୨୦୨୨-୨୩ରେ ମଦ ବିକ୍ରି ୭ ହଜାର କୋଟି ଟଙ୍କାକୁ ଟପିଥିବାବେଳେ ୨୦୨୩-୨୪ରେ ଏହା ୮ହଜାର କୋଟି ଟପି ୮୫୯୫.୬୬ କୋଟିରେ ପହଞ୍ଚିଛି। ଚଳିତ ଆର୍ଥି ବର୍ଷରେ ଗତ ମାସ ଶେଷ ସୁଦ୍ଧା ପାନୀୟ ନିଗମ ୭୫୩୦.୮୫ କୋଟି ଟଙ୍କାର ମଦ ବିକ୍ରି କରିସାରିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ମନ୍ତ୍ରୀଙ୍କ ଉତ୍ତରରୁ ଆହୁରି ମଧ୍ୟ ଜଣାଯାଇଛି ଯେ କରୋନା ସମୟରେ ମଦ ବିକ୍ରି ଜାରି ରଖିଥିବା ପାନୀୟ ନିଗମ ସରକାରଙ୍କୁ ସହାୟତାର ହାତ ବଢ଼ାଇଥିଲା। ସ୍ୱତନ୍ତ୍ର କରୋନ ଫି' ବାବଦରେ ନିଗମ ୨୦୨୦-୨୧ରେ ସରକାରଙ୍କୁ ୫୪୬.୩୩ କୋଟି ଟଙ୍କା ଦେଇଥିବାବେଳେ ଏହା ପରବର୍ଷ ଅର୍ଥାତ୍ ୨୦୨୧-୨୨ରେ ୨୪.୪୬ କୋଟି ଟଙ୍କା ପ୍ରଦାନ କରିଥିଲା। ମଦ ବିକ୍ରି ସହିତ ତାଳ ଦେଇ ପାନୀୟ ନିଗମ ରାଜ୍ୟ ସରକାରଙ୍କୁ ଏକ୍ସାଇଜ୍ ଡ୍ୟୁଟି ଓ ଭାଟ୍ ବାବଦରେ ମଧ୍ୟ ବିପୁଳ ଅର୍ଥ ପ୍ରଦାନ କରୁଛି। ୨୦୦୧-୦୨ରେ ଏକ୍ସାଇଜ୍ ଡ୍ୟୁଟି ବାବଦରେ ୧୦୮.୨୪ କୋଟି ଟଙ୍କା ଦେଇଥିବାବେଳେ ୨୦୨୩-୨୪ ବର୍ଷରେ ତାହା ୫୯୨୩୮ କୋଟି ଟଙ୍କାକୁ ଟପିଛି। ସେହିଭଳି ଏହି ସମୟ ମଧ୍ୟରେ ଭାଟ୍ ପରିମାଣ ୪୫ କୋଟି ଟଙ୍କାରୁ ବଢ଼ି ୨୮୮୫ କୋଟି ଟଙ୍କାକୁ ଅତିକ୍ରମ କରିଯାଇଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ରେଟ୍

ଗତ କିଛି ଦିନ ହେଲା ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନା ଦର କମିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୦୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୮ ହଜାର ୯୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୮ ହଜାର ୯୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୦୭୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୦୫୦ ଟଙ୍କା ଓ ୮୬, ୨୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୮,୯୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୦୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବଜାରରେ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ରେଞ୍ଜ

**ଭୁବନେଶ୍ୱର,୧୫।୨:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଭେହିକଲ (ଇଭି) ମଡେଲ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ରେଞ୍ଜ 'ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇ'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଅଟୋ ଡିଲର ଉତ୍କଳ ମହିନ୍ଦ୍ରା (ଉତ୍କଳ ଅଟୋମୋବାଇଲ୍ସ ଭୁବନେଶ୍ୱର ମଞ୍ଚେଶ୍ୱର) ଶୋ'ରୁମ୍ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିନ୍ଦ୍ରା ଅଟୋର ଆର୍‌ଏସ୍‌ଏମ୍ ସୁମିତ ଅରୋରା, ଏଏସ୍‌ଏମ୍ ସମୀର ଜୋଷୀଙ୍କ ସମେତ ଉତ୍କଳ ମହିନ୍ଦ୍ରା (ଉତ୍କଳ ଅଟୋମୋବାଇଲ୍ସ)ର ଏମ୍‌ଡି ସୌନୋକ ପାରିଖ, ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ, ଜିଏମ୍ ଶୁଭେନ୍ଦୁ ପଟ୍ଟନାୟକ ଏବଂ ଏଜିଏମ୍ ଦେବୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବର୍ତ୍ତମାନ ସମୟରେ ପ୍ରଚଳିତ ସମସ୍ତ ଫିଚର ଆଦି ସାମିଲ ରହିଛି। ଏହି ମଡେଲ ଭିନ୍ନ ଭିନ୍ନ ଭାରିଆଣ୍ଟରେ ଉପଲବ୍ଧ ହେଉଥିଲାବେଳେ ଆକର୍ଷଣୀୟ କଲର ଏବଂ ଦରରେ ମଧ୍ୟ ଉପଲବ୍ଧ। ଏପରିକି ବିଇ୬ର ପ୍ରାରମ୍ଭିକ ମୂଲ୍ୟ ୧୮.୯୦ ଲକ୍ଷରୁ ଆରମ୍ଭ ହେଉଥିଲାବେଳେ ଏକ୍ସଇଭି ୯ଇ ପ୍ରାରମ୍ଭିକ ମୂଲ୍ୟ ୨୧.୯୦ ଲକ୍ଷରୁ ଆରମ୍ଭ ହେଉଛି।




# ଶେୟାର ବଜାର କାରବାରରେ ହ୍ରାସ



ମୁମ୍ବାଇ,୧୫।୨: କ୍ରମାଗତ ୮ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୦ (୧୯୯.୭୬) ପଏଣ୍ଟ କମି ୭୫,୯୩୯ (୭୫,୯୩୯.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୨ (୧୦୨.୧୫) ପଏଣ୍ଟ ହ୍ରାସ ଘଟି ୨୨,୯୨୯(୨୨,୯୨୯.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ୨୦୨୭ ସୁଦ୍ଧା ୪,୦୦,୦୦୦ ଚାର୍ଜ୍ ପଏଣ୍ଟ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୫।୨:** ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେହିକଲ୍(ଇଭି) କାର୍ ନିର୍ମାତା ତଥା ଟାଟା ମୋଟର୍ସର ସହାୟକ ସଂସ୍ଥା ଟାଟା ଇଭିକୁ ନିକଟରେ ଆଉ ସଫଳତା ମିଳିଛି। ଏପରିକି ଟାଟା ଇଭିର ଚାର୍ଜି ପଏଣ୍ଟ ସଂଖ୍ୟା ନିକଟରେ ୨,୦୦,୦୦୦ ଅତିକ୍ରମ କରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ଇଭି ଦେଶର ଚାର୍ଜିଂ ମୌଳିକ ସୁବିଧା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ କରିବା ପାଇଁ ଏକ ସାହସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଏପରିକି ୨୦୨୭ ସୁଦ୍ଧା ଟାଟା ଇଭି ୪,୦୦,୦୦୦ ଚାର୍ଜିଂ ପଏଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛି। ବର୍ତ୍ତମାନଠାରୁ ୨ଗୁଣରୁ ଅଧିକ ପଏଣ୍ଟ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରୁ ଦେଶର ଇଭି ଚାର୍ଜିଂ ସୁବିଧା ଆରମ୍ଭ ହୋଇଥିଲାବେଳେ ଏହି ମୌଳିକ ସୁବିଧା ବିସ୍ତାର କରିବା ପାଇଁ ଟାଟା ଇଭି ପ୍ରଥମରୁ ପ୍ରଚେଷ୍ଟା ଜାରି ରଖିଛି। ପ୍ରଥମେ ଟାଟା ଗ୍ରୁପ୍ କମ୍ପାନୀଗୁଡିକର ସହଭାଗିତାରେ ସିମ୍ପ୍ଲେସ୍ ଘରୋଇ/ ହୋମ୍ ଚାର୍ଜିଂ ସମାଧାନର ଶୁଭାରମ୍ଭ କରିଛି ଏବଂ ତା'ପରେ ଇଭି ବହୁଳ ଭାବେ ବ୍ୟବହାର ହେଉଥିବା ସହର ଏବଂ ଏହାର ଆଖପାଖରେ ସାର୍ବଜନୀନ ଚାର୍ଜିଂ ମୌଳିକ ସୁବିଧା ଆରମ୍ଭ କରିବା। ପରବର୍ତ୍ତୀ ଅଭିବୃଦ୍ଧି ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ଇଭି ୨୦୨୩ରେ ଏହାର 'ଖୋଲା ସହଯୋଗିତା' ଢାଞ୍ଚାର ଶୁଭାରମ୍ଭ କରିଥିଲା। ଏଥିପାଇଁ ଚାର୍ଜ୍ ପଏଣ୍ଟ ଅପରେଟର ଏବଂ ଅଏଲ୍ ମାର୍କେଟିଂ କମ୍ପାନୀ ସହ




ଯୋଜନାଭୁକ୍ତ ସହଯୋଗିତା ସ୍ଥାପନ କରିଥିଲା। ଏ ନେଇ ଶୈଳେଶ ଚନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଟାଟା ମୋଟର୍ସ ପାସେଞ୍ଜର ଯାନବାହନ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି କହିଥିଲେ, ଟାଟା ଇଭି ହେଉଛି ଭାରତର ଇଭି ବିପ୍ଲବର ଅଗ୍ରଣୀ, କେବଳ ବିଶ୍ୱସ୍ତରୀୟ ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରସ୍ତୁତ କରୁଛି, ତାହା ନୁହେଁ ଆମେ 'ଖୋଲା ସହଯୋଗୀତା ୨.୦' ମଧ୍ୟ ଶୁଭାରମ୍ଭ କରିଛୁ ଯାହାର ଲକ୍ଷ୍ୟ ହେଉଛି ଆଗାମୀ ୨ବର୍ଷ ମଧ୍ୟରେ ଅଗ୍ରଣୀ ସିପିଓ ସହଭାଗିତାରେ ଚାର୍ଜିଂ ନେଟ୍‌ୱର୍କକୁ ୪୦୦,୦୦୦ ରୁ ଅଧିକ ପଏଣ୍ଟ ସ୍ଥାପନ କରିବା। ଏହି ପ୍ରଚେଷ୍ଟା ଉପଭୋକ୍ତାମାନଙ୍କର ଚାର୍ଜିଂ ସ୍ପିଡ୍ ବିଶ୍ୱାସଯୋଗ୍ୟତା ଏବଂ ଅନୁଭବ ବୃଦ୍ଧି କରିବ, ଏବଂ ଏହା ସିପିଓମାନଙ୍କର ବ୍ୟବସାୟିକ ଲାଭଦାୟକତା ସମ୍ଭବ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧିରେ ସହାୟକ ହେବ।

# କେନ୍ଦ୍ରକୁ ଓଡ଼ିଶାର ଦରଦାମ୍ ଚିନ୍ତା, ଦର ନିୟନ୍ତ୍ରଣ କରିବାକୁ କହିଲା

**ଭୁବନେଶ୍ୱର, ୧୫।୨:** ଦୀର୍ଘଦିନ ଧରି ଲଗାତାର ଭାବେ ଓଡ଼ିଶା ଦେଶର ଅନ୍ୟତମ ମହଙ୍ଗା ବଜାର ହୋଇରହିଛି। ବିଶେଷ କରି ଖୁଚୁରା ବଜାର ଦର ଖାଉଟିମାନଙ୍କୁ ପ୍ରବଳ ବାଧୁଛି। ସେଥିପାଇଁ ଦେଶର କିଛି ପ୍ରମୁଖ ମହଙ୍ଗା ବଜାର ତାଲିକାରେ ଓଡ଼ିଶା ନାମ ସବୁବେଳେ ରହୁଛି। ଏହାକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିଛନ୍ତି। ଦରଦାମ୍ ଉପରେ ଲଗାମ କଷିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଧ୍ୟାନ ଦେବାକୁ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ସଚିବ ସୌରଭ ଗର୍ଗ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ କହିଛନ୍ତି। ମୁଦ୍ରାସ୍ଫୀତି ହ୍ରାସ କରିବା ଲାଗି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଗତବର୍ଷ ନଭେମ୍ବର ମାସର ମୁଦ୍ରାସ୍ଫୀତି ତଥ୍ୟକୁ ଆଧାର କରି କେନ୍ଦ୍ର ସଚିବ ଶ୍ରୀ ଗର୍ଗ ଓଡ଼ିଶାକୁ ମନେ ପକାଇ ଦେଇଛନ୍ତି ଯେ ରାଜ୍ୟରେ ପନିପରିବା, ଶସ୍ୟ, ତେଲ ଓ ଫଳ ଦାମ୍ ଅଧିକ ରହୁଛି। ଉଚ୍ଚ ଦରଦାମ୍ ରାଜ୍ୟର ଅର୍ଥନୀତି ସମେତ ଦେଶର ଅର୍ଥନୀତିର ଗତିକୁ ପ୍ରଭାବିତ କରୁଛି। ତେଣୁ ଏହି ସମସ୍ୟାର ତ୍ୱରିତ ସମାଧାନ ଲାଗି ଉଦ୍ୟମ କରିବାକୁ ସେ ଓଡ଼ିଶା ସରକାରଙ୍କୁ କହିଛନ୍ତି। ନିକଟରେ ଜାରି ହୋଇଥିବା ଜାନୁଆରି ମାସର ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁସାରେ ଓଡ଼ିଶା ଦେଶର ତୃତୀୟ ମହଙ୍ଗା ବଜାର ରହିଛି। ଏହାର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୦୫ ପ୍ରତିଶତ ରହିଛି ଯାହା ଜାତୀୟ ହାର ୪.୩୧ ପ୍ରତିଶତଠାରୁ ଅଧିକ। ଓଡ଼ିଶାରେ ଦରଦାମ୍‌କୁ ନେଇ ରହିଥିବା ସବୁଠୁ ବଡ଼ ଚିନ୍ତା ହେଉଛି, ଏଠାରେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ସ୍ଥିତି ଅସମ୍ଭାଳ ରହିଛି। ଗ୍ରାମୀଣ ମୁଦ୍ରାସ୍ଫୀତି ୬.୭୯ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ତାହା ୪.୦୭ ପ୍ରତିଶତ ରହିଛି। ୨୦୨୪ ନଭେମ୍ବରରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ୬.୭୮ ପ୍ରତିଶତ ଓ ଡିସେମ୍ବରରେ ୬.୯୬ ପ୍ରତିଶତ ଥିଲା। ଗ୍ରାମୀଣ ବଜାର ମୁଖ୍ୟତଃ କୃଷିଜାତ ସାମଗ୍ରୀ ଉପରେ ନିର୍ଭରଶୀଳ। ସେଠାରେ ବିଭିନ୍ନ ଜିନିଷର ଦାମ୍ ଅଧିକ ରହିବାର ଅର୍ଥ କୃଷି କ୍ଷେତ୍ର ଚାପରେ ରହିଥିବା ବୁଝିବାକୁ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

୨୦୨୩ରୁ ୨୦୨୪ ମଧ୍ୟରେ ଲଗାତାର ଆଠ ମାସ ପର୍ଯ୍ୟନ୍ତ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭ ପ୍ରତିଶତରୁ ଅଧିକ ଥିଲା। ଶେଷ ଥର ପାଇଁ ୨୦୨୩ ଜୁନ୍‌ରେ ତାହା ୩.୭୫ ପ୍ରତିଶତକୁ ଖସିଥିଲା। କିନ୍ତୁ କିଛି ମାସ ପରେ ସେହିବର୍ଷ ଡିସେମ୍ବର ସୁଦ୍ଧା ତାହା ୮.୭୩ ପ୍ରତିଶତ ଭଳି ଉଚ୍ଚ ସ୍ତରକୁ ବୃଦ୍ଧି ପାଉଥିଲା। ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯଥା ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗର ଖୁଚୁରା ବଜାର ନିୟନ୍ତ୍ରଣରେ ଥିବା ବେଳେ ଆଳୁଠାରୁ ଆରମ୍ଭ କରି ମାଛ ପର୍ଯ୍ୟନ୍ତ ଅନେକ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ରହୁଥିବାରୁ ଓଡ଼ିଶାରେ ଦରଦାମ୍ ଅଧିକ ରହୁଛି। ଦର କମାଇବା ଲାଗି ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରି ଖାଦ୍ୟସାମଗ୍ରୀରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ ହେବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଗତ କିଛି ମାସ ଧରି ରାଜ୍ୟର ଆଳୁ ଓ ପିଆଜ ଦାମ୍ ଉଚ୍ଚା ରହିଛି।

**ଭାରତ ସରକାରଙ୍କ ବଡ଼ ନିଷ୍ପତ୍ତି**

# ଆମେରିକୀୟ ମଦ ଉପରେ ଶୁଳ୍କ ଏକ ତୃତୀୟାଂଶ ହ୍ରାସ

**ନୂଆଦିଲ୍ଲୀ ୧୫।୨:** ଆମେରିକୀୟ ମଦ ଉପରେ ଶୁଳ୍କ ହ୍ରାସ ନେଇ ଭାରତ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବୈଠକ ପରେ ଏହି ବଡ଼ ଘୋଷଣା କରାଯାଇଛି। ବର୍ବନ ହ୍ୱିସ୍କି ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ୫୦ ପ୍ରତିଶତ କରିଛି। ଏହି ନିଷ୍ପତ୍ତି ଆମେରିକା ସହ ବ୍ୟବସାୟିକ ବୁଝାମଣା ଉପରେ କଥାବର୍ତ୍ତା ଆରମ୍ଭ କରିବା ଘୋଷଣା ପରେ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ବର୍ବନ ହ୍ୱିସ୍କି ଉପରେ ସୀମା ଶୁଳ୍କରେ ହ୍ରାସ ନେଇ ଅଧିସୂଚନା ଫେବ୍ରୁଆରୀ ୧୩ରେ ଦୁଇ ରାଷ୍ଟ୍ରାଧକ୍ଷଙ୍କ ମଧ୍ୟରେ ବୈଠକ ପୂର୍ବରୁ ନିଆଯାଇଥିଲା। ରାଜସ୍ୱ ବିଭାଗ ଏକ ଅଧିସୂଚନାରେ କହିଛି ଯେ ବର୍ବନ ହ୍ୱିସ୍କି ଆମଦାନୀ ଉପରେ ଏବେ ୧୫୦ ପ୍ରତିଶତ ବଦଳରେ ୫୦ ପ୍ରତିଶତ ସୀମା ଶୁଳ୍କ ଲାଗୁ ହେବ। ଏହି ନିଷ୍ପତ୍ତି ଅନୁସାରେ ଅନ୍ୟ କୌଣସି




ମଦର ଆମଦାନୀ ଉପରେ ସୀମା ଶୁଳ୍କରେ ପରିବର୍ତ୍ତନ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଆମେରିକା ଭାରତକୁ ବର୍ବନ ହ୍ୱିସ୍କିର ପ୍ରମୁଖ ରପ୍ତାନକାରୀ। ଭାରତରେ ଆମଦାନୀ କରାଯାଉଥିବା ସବୁ ମଦର ପ୍ରାୟ ଏକ ଚତୁର୍ଥାଂଶ ଆମେରିକାରୁ ଆସୁଛି। ଭାରତ ୨୦୨୩-୨୪ରେ ୨୫ ଲକ୍ଷ ଡଲାର ବର୍ବନ ହ୍ୱିସ୍କି ଆମଦାନୀ କରିଥିଲା। ଆମେରିକା, ୟୁଏଇ, ସିଙ୍ଗାପୁର ଏବଂ ଇଟାଲୀ ପରି ଦେଶରୁ ଭାରତ ଆମଦାନୀ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ପିଏମ୍ ମୋଦୀ ଦୁଇ ଦିନିଆ ଗସ୍ତରେ ଗୁରୁବାର ୱାଶିଂଟନ ପହଞ୍ଚିଥିଲେ। ପିଏମ୍ ମୋଦୀଙ୍କ ଆମେରିକା ଗସ୍ତରେ ନୂଆଦିଲ୍ଲୀ ଏବଂ ୱାଶିଂଟନ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବ୍ୟବସାୟକୁ ଦ୍ୱିଗୁଣାରୁ ଅଧିକ କରି ୫୦୦ ବିଲିୟନ ଡଲାର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ୧୮ ବର୍ଷ ପରେ ବିଏସ୍‌ଏନ୍‌ଏଲ୍‌ର ଲାଭ

**ନୂଆଦିଲ୍ଲୀ, ୧୫।୨:** ସରକାରୀ କମ୍ପାନି ବିଏସ୍‌ଏନ୍‌ଏଲ୍ ଏକ ଐତିହାସିକ ସଫଳତା ସହ ୧୮ ବର୍ଷ ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଲାଭ କରିଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ କମ୍ପାନି ୨୬୨ କୋଟି ଟଙ୍କା ଲାଭ କରିଛି। ଶେଷ ଥର ପାଇଁ ଏହା ୨୦୦୭ରେ ଲାଭ କରିଥିଲା। ତା'ପରଠାରୁ ଲଗାତାର ଭାବେ କ୍ଷତିରେ ଚାଲୁଥିଲା। କମ୍ପାନିର ସିଏମ୍‌ଡି ଏ ରବର୍ଟ ଜେ ରବି କହିଛନ୍ତି ଯେ ମୋଟ ବ୍ୟୟକୁ ସଫଳତାର ସହ ହ୍ରାସ କରାଯିବା ପରେ କମ୍ପାନିର କ୍ଷତି ଗତବର୍ଷ ତୁଳନାରେ ୧୮୦୦ କୋଟି ଟଙ୍କା କମିଛି। ଆଗାମୀ ଦିନରେ ୫ଜି ସେବା ଲାଗି ନିଜକୁ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ସେବା ଯୋଗାଇବା ଉପରେ କମ୍ପାନି ଧ୍ୟାନ ଦେଉଛି ବୋଲି ସେ କହିଛନ୍ତି।

## ଜୟଆଲୁକ୍କାସ୍‌ରେ ସର୍ବବୃହତ୍ ଅଲଙ୍କାର ସେଲ୍

Joyalukkas
World's favourite jeweller

ଭୁବନେଶ୍ୱର,୧୫।୨: ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ଷର ସର୍ବବୃହତ୍ ଅଳଙ୍କାର ବିକ୍ରୟ (ଦି ବିଗେଷ୍ଟ ଜୁଏଲେରି ସେଲ୍‌ସ ଅଫ୍ ଦି ଇୟର) ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସାଙ୍ଗକୁ ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ବ୍ରାଣ୍ଡର କଟ୍ ଓ ଅନ୍‌କଟ ହୀରା, ସୁନା, ରୁପା ଏବଂ ପ୍ଲାଟିନମ ଓ ମୂଲ୍ୟବାନ୍ ପଥରର ଆକର୍ଷଣୀୟ ଅଳଙ୍କାର ଡିଜାଇନ ଏବଂ କଲେକ୍ସନ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଏ ସମ୍ପର୍କରେ ଜୟଅଲୁକ୍କାସ୍‌ର ଚେୟାରମ୍ୟାନ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ବର୍ଷର ସର୍ବବୃହତ୍ ଅଳଙ୍କାର ସେଲ୍ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛି। ଏପରିକି ଆମେ ଏକ ଅତୁଳନୀୟ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ସେହିଭଳି ଗ୍ରାହକମାନଙ୍କୁ ବ୍ରାଣ୍ଡର ସମସ୍ତ ଅଳଙ୍କାରର ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦%ର ରିହାତି ଯୋଗାଇଦେଉଛୁ।

**ଓଡ଼ିଶା ଗସ୍ତରେ ବିଏସ୍‌ଏନ୍‌ଏଲ୍ ବୋର୍ଡ ଅଧ୍ୟକ୍ଷ**

# ଦୂରସଞ୍ଚାର ଭିତ୍ତିଭୂମି ବିକାଶର ସମୀକ୍ଷା

ଭୁବନେଶ୍ୱର,୧୫।୨(ସଂଚାର ବ୍ୟୁରୋ): ବିଏସଏନଏଲ ବୋର୍ଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ. ରବର୍ଟ ଜେ. ରବି ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ପୂର୍ବାହ୍ନରେ ସେ ବିଏସଏନଏଲ ଭବନରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବିଏସଏନଏଲର ମୁଖ୍ୟ ମହାପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ରବି ଓଡ଼ିଶା ପରିମଣ୍ଡଳରେ ରାଜସ୍ୱ ବୃଦ୍ଧି, ଭାରତ ଫାଇବର ବିକାଶ, ୪-ଜି ସମ୍ପୂର୍ଣ୍ଣତା ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରିଥିଲେ। ଏହି ଗସ୍ତ ଅବସରରେ ବିଏସଏନଏଲ ସିଏମଡି ସ୍କାଇପ୍ରୋ ସହଭାଗିତାରେ ବିଏସଏନଏଲ ଓଡ଼ିଶା ପରିମଣ୍ଡଳର ଏଫଟିଟିଏଚ ଗ୍ରାହକଙ୍କ ପାଇଁ ଆଇଏଫଟିଭି (ଇଣ୍ଟରନେଟ୍ ଫାଇବର ଟିଭି) ସେବାକୁ ଉଦଘାଟନ କରିଥିଲେ। ଏହି ସେବା ଜରିଆରେ ବିଏସଏନଏଲ ଓଡ଼ିଶା ପରିମଣ୍ଡଳର ଏଫଟିଟିଏଚ ଗ୍ରାହକଙ୍କୁ ପାଖାପାଖି ୫୫୦ ଲାଇଭ୍ ଟିଭି ଚାନେଲ ଦେଖିବା ପାଇଁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ। ବିଏସଏନଏଲ ଗ୍ରାହକଙ୍କ ପାଇଁ ବିଶେଷ କରି ଗ୍ରାମୀଣ କ୍ଷେତ୍ରରେ ଡିଜିଟାଲ ମନୋରଞ୍ଜନକୁ ଅଧିକ ସୁଲଭ କରିବ। ବିଏସଏନଏଲ ସିଏମଡି ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ବିଏସଏନଏଲ ବିଆଇଟିଭି ବ୍ରାଣ୍ଡ ନାମରେ ବିଏସଏନଏଲ ମୋବାଇଲ ଗ୍ରାହକଙ୍କ ପାଇଁ ମାଗଣା ଟିଭି ଦେଖିବାର ସେବା ଆରମ୍ଭ କରିଛି। ବିଏସଏନଏଲ ଓଡ଼ିଶା ପରିମଣ୍ଡଳ ଡିଜିଟାଲ ଭାରତ ନିଧି ପ୍ରକଳ୍ପ ଅଧୀନରେ ବିଭିନ୍ନ ଜିଲ୍ଲାର ଉପାନ୍ତ ଇଲାକାରେ ପୂର୍ବରୁ ୭୮୬ ନୂଆ ୪-ଜି ଟାୱାର୍ ପ୍ରତିଷ୍ଠା କରିଛି। ଓଡ଼ିଶା ୨୬୯୫ ମୋବାଇଲ ଟାୱାରକୁ ୩-ଜିରୁ ୪-ଜି ସେବାକୁ ଉନ୍ନତିକରଣ କରିଛି। ଫଳରେ ବିଏସଏନଏଲ ଗ୍ରାହକଙ୍କୁ ସାରା ରାଜ୍ୟରେ ହାଇସ୍ପିଡ୍ ମୋବାଇଲ୍‌ର ତତ୍କାଳ ସୁବିଧା ମିଳିବ ବୋଲି ଶ୍ରୀ ରବି କହିଛନ୍ତି।



## କାଙ୍କେରୀ ବୋର୍ଡର ଉଚ୍ଚମାଧ୍ୟମିକ ସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ



**ଭବାନୀପାଟଣା, ୧୫।୨(ସଂଚାର ବ୍ୟୁରୋ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ଦ୍ୱାରା କାଙ୍କେରୀ ସ୍ଥିତ ବୋର୍ଡର ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇସ୍ପି ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, କନିଷ୍ଠ ମୋଟର ଯାନ ନିରୀକ୍ଷକ ରାମକୃଷ୍ଣ ମାଝୀ, ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ବେହେରା, ସମୀର କୁମାର ମୁଣ୍ଡ, ମିହିର ରଞ୍ଜନ ପଟ୍ଟଯୋଶୀ, ବରିଷ୍ଠ ଓକିଲ ତଥା ସଦସ୍ୟ ତାଲୁକ ଆଇନ ସେବା ସମିତି ସଂଯୁକ୍ତା ପଣ୍ଡା, ଉକ୍ତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ନିତ୍ୟାନନ୍ଦ ନାଥ ଶର୍ମା ଓ ବୋର୍ଡର ଡ଼ିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବରେ କନିଷ୍ଠ ମୋଟର ଯାନ ନିରୀକ୍ଷକ ରାମକୃଷ୍ଣ ମାଝୀ ଯୋଗଦାନ କରି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ଅବଗତ କରାଇଥିଲେ ଓ କଣ କଣ ସାବଧାନତା ଅବଲମ୍ବନ କରିବା ତାହା କହିଥିଲେ, ଓ ସମସ୍ତଙ୍କୁ ହେଲମେଟ ପିନ୍ଧି ଯାନ ବାହାନ ଚଳାଇବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସ୍ଥାୟୀ ଲୋକ ଅଦାଲତ ଓ ଲୋକ ଉପଯୋଗୀ ସେବା ଉପରେ ଆଲୋକପାତ କରିଥିଲେ। ଏହି ସେବା ଦ୍ୱାରା ସାଧାରଣ ଜନତା କିଭଳି ଉପକୃତ ହୋଇପାରିବେ ତାହା ଜଣାଇଥିଲେ। ଶ୍ରୀମତୀ ସଂଯୁକ୍ତା ପଣ୍ଡା ଉକ୍ତ ସଭା କୁ ପରିଚାଳନା କରିଥିଲେ ଏବଂ ଅଧ୍ୟକ୍ଷ ଶ୍ରୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।।

# ରାସ୍ତା ଭାଙ୍ଗୁଛି କମ୍ପାନୀ ଟ୍ରକ୍, ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ

**କଳାହାଣ୍ଡି, ୧୫।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ନିକଟସ୍ଥ ଗୌଡ଼ ସର୍ଗିଗୁଡ଼ା ଗ୍ରାମରେ ବନ୍ଦ ପଡ଼ିଥିବା ଚିନିକଲ ପରିସର ଭିତରେ ପାତ୍ର ଲଜିଷ୍ଟିକ ପ୍ରାଇଭେଟ୍ ଲି, ନାମକ ଏକ ଘୋରେଇ କମ୍ପାନୀ ନିଜର ଏକ ଗୋଦାମ କରିଛି । ଏହି ଗୋଦାମରୁ ଶହ ଶହ ଟ୍ରକ ଦୈନିକ ସର୍ଗି ଗୁଡା ଗ୍ରାମର ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତାକୁ ଦେଇ ରାଜପଥକୁ ଯୋଗାଯୋଗ କରୁଛି । ଯାହା ଫଳରେ ଏହି ଓଭର ଲୋଡ ଟ୍ରକ୍ ଯାତାୟାତ ଯୋଗୁଁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ମୁହାଁ ହେଲାଣି। ରାସ୍ତାର ସ୍ଥାନେ ସ୍ଥାନେ ପିଚୁ ଉଠି ଯାଇ ଖାଲଖମା ସୃଷ୍ଟି ହୋଇ ଆବଡା ଖାବଡା ହେଉଥିବା ଯୋଗୁଁ ନିର୍ଭରଶୀଳ ଲୋକେ ବ୍ୟାପକ ହଇରାଣ ହେଉଛନ୍ତି। ଏ ସମସ୍ୟା ବିଷୟରେ ଗ୍ରାମବାସି ଓ ସରପଞ୍ଚ ଜିଲ୍ଲାପାଳଙ୍କୁ ଜଣାଇଥିବା ସହ ଓ ତଦନ୍ତ କାର୍ଯ୍ୟଷ୍ଠାନ ନିର୍ଦ୍ଦେଶ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନଥିବା ଗ୍ରାମବାସି ଦୁଃଖର ସହିତ ପ୍ରକାଶ କରିଛନ୍ତି। ଜୈନିକ ବ୍ୟବସାୟକଙ୍କ ଦ୍ୱାରା ଶହ ଶହ ମକାଟ୍ରକ ରେଲରେକ୍ ଯୋଗେ ଆନ୍ତରାଜ୍ୟ ରପ୍ତାନି କରୁଥିଲେ ହେଁ,ଆରଏମସି କମ୍ପାନୀ ଓ ଠିକାଦାରଙ୍କ ପ୍ରିୟା ପ୍ରୀତି ଯୋଗୁଁ ରପ୍ତାନି ପରିମାଣ କମ ଦର୍ଶାଇ ପରୋକ୍ଷରେ ବ୍ୟାପକ ଟେକ୍ସ ଫାଙ୍କୁ ଥିବା ଆଲୋଚନା ହୁଏ । ଏହି କମ୍ପାନୀର ସରକାରୀ ପଞ୍ଜିକରଣ ନ ଥିବା ସ୍ଥାନୀୟ ସରପଞ୍ଚ ଅଭି ଯୋଗ କରୁଛନ୍ତି ।ଆରଏମସି ଓ ଜୈନିକ ମାଲିକ କର୍ମଚାରୀଙ୍କ ପରୋକ୍ଷ ତତ୍ତ୍ୱାବଧାନରେ ଏହାକୁ କୁଆଡେ ନିର୍ବିଘ୍ନରେ ଚାଲିଛି। ଏହି ସବୁ ସମସ୍ୟାର ଆସୁ ସମାଧାନ ନ ହେଲେ ଆଗାମୀ ଦିନରେ ରାସ୍ତା ରୋକ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ପ୍ରକାଶ କରିଛନ୍ତି।



## ଟ୍ରକ ଧକ୍କାରେ ଯୁବକ ମୃତ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



**ଭବାନୀପାଟଣା, ୧୫।୨(ସଂଚାର ବ୍ୟୁରୋ ):** କଳାହାଣ୍ଡି ଜିଲ୍ଲା ଜାତୀୟ ରାଜପଥ ୨୬ କେସିଙ୍ଗା ଟ୍ରାଫିକ ଛକରେ ଛିଡା ହୋଇଥିବା ଯୁବକଙ୍କୁ ପଛରୁ ଏକ ଟ୍ରକ ଧକ୍କା ଦେବାରୁ ଘଟଣା ସ୍ଥଳରେ ଯୁବକଙ୍କୁ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ କେସିଙ୍ଗା ଗହନ୍ତିଆ ପଡ଼ାର ମୁକେଶ ସାହୁ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଘଟାଇ ଟ୍ରକ ଧରି ଥାନାରେ ଟ୍ରକ ଡ୍ରାଇଭର ଆତ୍ମସମର୍ପଣ କରିଥିବା ଜଣାପଡିଛି। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବୀ ନେଇ ରାସ୍ତା ରୋକ କରିଛନ୍ତି।

### ଚୋରା କୋଇଲା କାରବାର

## ୫ ଟନର କୋଇଲା ଉଦ୍ଧାର, ଜଣେ ଗିରଫ



**ପାରାଦୀପ, ୧୫।୨(ସଂଚାର ବ୍ୟୁରୋ):** ପାରାଦୀପରେ ଲମ୍ବିଛି ଚୋରା କୋଇଲା ବ୍ୟବସାୟର ଚେର। ପୋଲିସ ଚଢ଼ାଉ କରି ଟନ ଟନ ଚୋରା କୋଇଲା ଆଠରବାଙ୍କିରୁ ଜବତ କରିଛି। ପାରାଦୀପ ବନ୍ଦରରୁ ଟ୍ରେନ୍ ଯୋଗେ ବିଭିନ୍ନ କମ୍ପାନୀକୁ ଯାଉଥିବା ମୂଲ୍ୟବାନ କୋଇଲାକୁ କିଛି ଦୁର୍ବୃତ୍ତ ଅଧା ବାଟରେ କାଢ଼ି ବିକ୍ରି କରୁଥିବା ଜଣାପଡ଼ିଥିଲା। ପାରାଦ୍ୱୀପ ସିଜୁ ରେଲୱେ ଷ୍ଟେସନ ନିକଟରେ କିଛି ବ୍ୟକ୍ତି କୋଇଲା କାଢ଼ି ଥିବା ଖବର ପାଇବା ପରେ, ରେଲୱେ ସୁରକ୍ଷା ବଳ ସେଠାରେ ପହଞ୍ଚି ପାଖାପାଖି ୫ ଟନ୍ ର କୋଇଲା ଉଦ୍ଧାର କରିଥିବା ବେଳେ ଗୋଟିଏ ବାଇକ୍ ଜବତ କରିଥିଲେ। ଘଟଣାର ତଦନ୍ତ ରେଲୱେ କ୍ରାଇମବ୍ରାଞ୍ଚ ନିଜ ହାତକୁ ନେଇ ପାରାଦ୍ୱୀପରେ ଚଢ଼ାଉ କରିଥିଲା। କୋଇଲା ଚୋରି ରାକେଟର ଜଣଙ୍କୁ ଗିରଫ କରିବା ପରେ ବିଳମ୍ବିତ ରାତିରେ ପାରାଦ୍ୱୀପର ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତି ମାନେ ଫେରାର ହୋଇଯାଇଥିବା ବେଳେ, ଦୋଛକି ନିକଟ ଏକ ପାଲ ଘେରା ଘରୁ ୩୦ ଟନ୍ ଚୋରା କୋଇଲା ଓ ତେଲ ଜବତ କରିଥିଲା କ୍ରାଇମବ୍ରାଞ୍ଚ।

# ଜିଲ୍ଲା ମହୋତ୍ସବରେ ବିଜେପି ଗୋଷ୍ଠୀ କନ୍ଦଳ ଜଳଜଳ

### ଥାନାରେ ମାଲମାଲ ଅଭିଯୋଗ

**ଯାଜପୁର, ୧୫।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ମହୋତ୍ସବର ଆୟୋଜନ ଆରମ୍ଭରୁ ଝୁଣ୍ଟିଛି ବିଜେପି। ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ଥର ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ସହ ବିଜେପି ନେତୃତ୍ୱଙ୍କ ସହଯୋଗରେ ଜିଲ୍ଲା ମହୋତ୍ସବ-ଯଯାତି-୨୦୨୫ ଆୟୋଜନ କରାଯାଇଥିଲା। ୫ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବ ଆରମ୍ଭରୁ ହିଁ ଯାଜପୁରସହରରେ ବିଜେପି ଦଳର ଗୋଷ୍ଠୀ କନ୍ଦଳ ଜଳଜଳ ହୋଇ ଦେଖିବାକୁ ମିଳିଥିଲା। ପାସ ବଣ୍ଟନ ଠାରୁ ଆରମ୍ଭ କରି ମଞ୍ଚ ଆୟୋଜନ ହେଉ ଅବା ଷ୍ଟଲ ଆବଣ୍ଟନ ପର୍ଯ୍ୟନ୍ତ...। ସବୁ ଥିରେ ବିଜେପି କର୍ମୀମାନେ ନିଜର ଲାଭ ପାଇଁ କାର୍ଯ୍ୟ ହାତେଇବାକୁ ଉଦ୍ୟମ କରିଥିବା ବେଳେ ନିଜ ନିଜ ଭିତରେ ବିରୋଧଭାସ ଯୋଗୁ ଗୋଷ୍ଠୀ କନ୍ଦଳ ସାମ୍ନାକୁ ଆସିଛି। ଉତ୍ସବର ପ୍ରଥମ ଦିନରେ ପାସ ବଣ୍ଟନକୁ ନେଇ ଗୋଟିଏ ଗୋଷ୍ଠୀ ଜିଲ୍ଲା ପ୍ରଶାସନକୁ ଘେରିବା ସହ ଉତ୍ସବ ପଡିଆରେ ଉତ୍ତେଜନା କରି ପ୍ରଶାସନ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପାସ ବଣ୍ଟନ କରୁଥିବାର ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପାସ ପ୍ରବେଶକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟାକଟି ସହ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଟାଉନ ଥାନାରେ ଭିନ୍ନଭିନ୍ନ ମାମଲା ମଧ୍ୟ ଦାୟର କରାଯାଇଛି। ଖାଲି ଏତିକି ନୁହଁ ଉତ୍ସବକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ବେଳେ ଅନ୍ୟ ଦିନମାନଙ୍କରେ ଚୟନ ହୋଇଥିବା ରାଜ୍ୟସ୍ତରୀୟ ଅତିଥି ଉତ୍ସବରେ ଯୋଗ ନଦେବା ବିଜେପି ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି। ତେବେ ଯାଜପୁରରେ ବିଜେଡି ବିଧାୟିକା ରହିଥିବା ବେଳେ ବିଜେପି ଅଳ୍ପ ଭୋଟରେ ପରାଜୟ ବରଣ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଗୋଷ୍ଠୀ କନ୍ଦଳ ହିଁ ଦଳୀୟ ଭୋଟକୁ ବିଭାଜନ କରୁଥିବା ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଦଳର କନ୍ଦଳକୁ ସମାଧାନ ନକଲେ ବିଜେପି ନିଜର ଭୋଟ ବ୍ୟାଙ୍କ ପାଇଁ ସସମ୍ୟାରେ ପଡିବ ବୋଲି କୁହାଯାଉଛି।

## ପଡ଼ିଆବାହାଲ ରେଞ୍ଜରେ ବୁଲୁଛି ହାତୀ, ଲୋକେ ଭୟଭୀତ



**ସମ୍ବଲପୁର, ୧୫।୨ (ସଂଚାର ବ୍ୟୁରୋ):** ରାସ୍ତାରେ ବୁଲୁଛି ଗଜରାଜ। ସମ୍ବଲପୁର ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ବାହାମ ଅଞ୍ଚଳରେ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ବାହାମ ଓ ବାରିବନ୍ଧ ଅଞ୍ଚଳରେ ରାତିରେ ବୁଲୁଛି ହାତୀ । ଆଜି ସକାଳୁ କେନାଲରେ ପାଣି ପିଇ ଜାତୀୟ ରାଜପଥରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ପାର ହୋଇ ସନାତନପାଲି ପଟେ ଥିବା ଜଙ୍ଗଲ ଆଡ଼କୁ ଚାଲିଯାଇଯାଇଛି। ଜାତୀୟ ରାଜପଥରେ ହାତୀଟି ବୁଲୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତେବେ ହାତୀଟି କାହାର କିଛି କ୍ଷତି କରିନଥିବା ବେଳେ ବନ ବିଭାଗ ଅଧିକାରୀ ମାନେ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି ।

## ଅଖିଳ ଭାରତୀୟ ଅଘରିଆ ସମାଜର ଦଶମ ପ୍ରାଦେଶିକ ମହାସମ୍ମିଳନୀ




**ସୁନ୍ଦରଗଡ଼, ୧୫।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ସବଡେଗା ଗ୍ରାମରେ ଗିରିଶ ଚନ୍ଦ୍ର ନାଏକ ସ୍ମୃତି କଲ୍ୟାଣ ମଣ୍ଡପ ଠାରେ ତିନିଦିନ ଧରି ଅଖିଳ ଭାରତୀଅ ଅଘରିଆ ସମାଜର ଦଶମ ପ୍ରାଦେଶିକ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୪ ତାରିଖ ଶୁକ୍ରବାର ସବଡେଗା ଗୁଡ଼ି ସଭାପତି ପଞ୍ଚାନନ ନାଏକଙ୍କ ସହ କିଛି ମହିଳା ପୁରୁଷ ସଦସ୍ୟ ଲଏଡା ଗ୍ରାମରେ ଥିବା ଅଘରିଆ ଧାମରୁ ପୂଜା ଅର୍ଚ୍ଚନା କରି ସେହି ଧାମରୁ ମାଟିକୁଡି ଏକ ମାଟି କଳସ ରଥ ସାହାଯ୍ୟରେ ଅଣା ଯାଇଥିଲା। ସେହି ରଥକୁ ସମରସିଂହା, କୁଲାବିରା, ପୂର୍ଣ୍ଣା, ଭସ୍ମା, ସୁନ୍ଦରଗଡ଼, କରମଡ଼ିହି ଗ୍ରାମ ମାନଙ୍କରେ ସାମାଜିକ ଲୋକମାନେ ରଥକୁ ସ୍ୱାଗତ କରି ପୂଜା ଅର୍ଚ୍ଚନା କରି ଥିଲେ। ସବଡେଗା ଗ୍ରାମ ମୁଣ୍ଡରୁ ମହିଳା ମାନକ ଦ୍ୱାରା ୧୦୮ କଳସ ଯାତ୍ରା ଦ୍ୱାରା ସ୍ୱାଗତ କରି ସଭା ସ୍ଥଳି କୁ ନିଆଯାଇଥିଲା। ୧୫ ତାରିଖ ଶନିବାର ସକାଳ ୯ ଟା ସମୟରେ ଅଘରିଆ ସମାଜର ଧ୍ୱଜ ଉତ୍ତୋଳନ କରି ସଭା ଆରମ୍ଭ କରା ଯାଇଥିଲା। ଏହିସଭାରେ ଓଡିଶାର କୋଣ ଅନୁକୋଣରୁ ସହ ସହ ମହିଳା ପୁରୁଷ ମାନେ ଯୋଗ ଦେଇଥିଲେ, ସେଠାରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା ଓ ସଭାରେ ଅନେକେ ଲୋକ ସାମାଜିକ ବିବରଣୀ ଦେଇଥିଲେ ସମାଜର ଉନ୍ନତି, ଅଗ୍ରଗତି କିଭଳି ହେବ ଓ ଅନେକେ ଜାତିଗତ ବିବରଣୀ ବିଷୟରେ ଆଲୋଚନା ହୋଇଥିଲା, ସନ୍ଧ୍ୟାରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଆୟୋଜନ ଅଛି ଓ ୧୬ ତାରିଖ ରବିବାର ଉଦଯାପନୀ କାର୍ଯ୍ୟକ୍ରମ ରହିଛି ।

## ଭାରୀଯାନ ଧକ୍କାରେ ବାଇକ୍ ଆରୋହୀ ମୃତ

**ଝାରସୁଗୁଡ଼ା, ୧୫।୨(ସଂଚାର ବ୍ୟୁରୋ):** ଭାରୀଯାନ ଧକ୍କାରେ ବାଇକ ଆରୋହୀ ମୃତ । ମୃତ ଯୁବକ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଡୁଙ୍ଗିରିପଡାର ତସିଲ ବାରିକ । ଜାତୀୟ ରାଜପଥ-୪୯ ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କଦମଡ଼ିହି ଛକରେ ଘଟିଛି ଦୁର୍ଘଟଣା । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ରେଙ୍ଗାଲି ପୋଲିସ ଘଟଣାସ୍ଥଳକୁ ପହଂଚି ଲୋକଙ୍କୁ ବୁଝାସୁଝା କରୁଛି । ଘଟଣାସ୍ଥଳରେ ପୋଲିସ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଛି ।




# ମୁନଫାଖୋର ଠିକାଦାରକୁ ଅମାନିଆ ଯନ୍ତ୍ରୀ

**ବିଞ୍ଝାରପୁର, ୧୫।୨(ସଂଚାର ବ୍ୟୁରୋ):** ଠିକାଦାର ଙ୍କୁ ମୁନାଫା ଦେଉଛି ପୂର୍ତ୍ତ ବିଭାଗ। ଯନ୍ତ୍ରୀ ଙ୍କ ଅନୁପସ୍ଥିତି ରେ ମନମାନି କରି ତିଆରି ଚାଲିଛି ନିମ୍ନ ମାନର ରାସ୍ତା କାର୍ଯ୍ୟ। ଦିନ ପରିବର୍ତ୍ତେ ରାତିରେ ହେଉଛି ସାଇଟ୍ ୱାଲ୍ କାର୍ଯ୍ୟ, ଅବଗତ ଅଛନ୍ତି ତ ପାଣିକୋଇଲି ପୂର୍ତ୍ତ ବିଭାଗ ଖଣ୍ଡ ର ଅଧିକ୍ଷଣ ଯନ୍ତ୍ରୀ, ବିଂଝାରପୁର ଉପଖଣ୍ଡ ଅଧିକାରୀ, ଆଉ ବିଭାଗୀୟ ଯନ୍ତ୍ରୀ? ବିଞ୍ଝାରପୁର ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ବ୍ଲକ୍ ଛକ ଫତେ ପୁର ଭାୟା ଶିଶିରଣା ରାସ୍ତା ର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ କାର୍ଯ୍ୟ ରେ ଆସିଛି ବ୍ୟାପକ ଅନିୟମିତତା ର ଅଭିଯୋଗ। ଗମନା ଗମନ ର ବିକାଶ ପାଇଁ ଟେଣ୍ଡର ହୋଇଥିବା ଏହି ରାସ୍ତା ପାଇଁ ବ୍ୟୟ ବରାଦ ହୋଇଛି ୪, ୧୫, ୬୩, ୦୩୯ ଟଙ୍କା।କିନ୍ତୁ ରାଜକୋଷରୁ ବ୍ୟୟ ବରାଦ ହୋଇଥିବା ଏହି ଟଙ୍କା କାହା ସ୍ୱାର୍ଥ ରେ ଖର୍ଚ୍ଚ ହେଉଛି ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଏଠି ଦିନ ନୁହେଁ ରାତିରେ ଚାଲିଛି ନିର୍ମାଣ କାର୍ଯ୍ୟ। ଠିକାଦାର ଙ୍କୁ ଲାଭ ଜନତା ଙ୍କୁ କାଳ ନୀତି ଅବଲମ୍ବନ କରି ଚାଲିଛି କୋଟି କୋଟି ଟଙ୍କା ର ରାସ୍ତା କାର୍ଯ୍ୟ। ଧରମ ପୁର ଠାରେ ଧର୍ମ କୁ ଆଖି ଠାର ମାରି ରାସ୍ତାକୁ ସୁରକ୍ଷା ଦେବାକୁ ଥିବା ଗାର୍ଡ ୱାଲ୍ ର ନିର୍ମାଣ ରାତିରେ ଚାଲିଛି। ଉଦ୍ଦିଷ୍ଟ ଥିବା ବେଶ ପଏଣ୍ଟ ନିର୍ମାଣ ରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। କାର୍ଯ୍ୟ କ୍ଷେତ୍ର ରେ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତି ଥିବା ବେଳେ ଏଭଳି କାର୍ଯ୍ୟ କୁ ସେ ପ୍ରଶୟ ଦେଉଥିବା ଅଭିଯୋଗ ଆସିଛି। ଖାଲି ସେତିକି ନୁହଁ ରାସ୍ତାର ଓସାର ୫.୫ ମିଟର ହେବାର ନିୟମ ଥିବା ବେଳେ ଠିକାଦାର ଏହାକୁ ନ ମାନି ନିଜ ସୁବିଧା ମୁତାବକ ଓସାର ନିର୍ଦ୍ଧାରଣ କରୁଥିବା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ରାସ୍ତା ର ଉଭୟ ପାର୍ଶ୍ୱ କୁ ଚଉଡ଼ା କରିବା ପାଇଁ ହେବାକୁ ଥିବା ମେଷ୍ଟାଲ୍ କଂକ୍ରିଟ ରେ ସିମେଣ୍ଟ ବାଲି ର ଭାଗ ମାପ ଠିକ୍ ରହୁ ନ ଥିବା ର ଅଭିଯୋଗ ଆସିଛି। ହୋଇଥିବା ମେଷ୍ଟାଲ୍ କଂକ୍ରିଟ ରେ ଜଳ ଜଳ ଦେଖାଯାଉଥିବା ବାଲି ଭାଗ ମାପ କମ୍ ନେଇ ସିଧା ବାରି ହୋଇ ପଡ଼ିଛି।ତେବେ ଏତେ ଅନିୟମିତତା ବିଷୟ ରେ ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି, କାହା ସୁରକ୍ଷା ବଳୟ ରେ ଠିକାଦାର ଅଛନ୍ତି, ବିଭାଗୀୟ ଯନ୍ତ୍ରୀ କାହା ଚାପ ରେ ଚାପି ହୋଇ ଯାଉଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ରାଜ୍ୟ ରେ ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ବିଭାଗୀୟ ଅଧିକାରୀ ଙ୍କ ମାନସିକତା ଏବେବି ପରିବର୍ତ୍ତନ ହୋଇ ନାହିଁ।ତେବେ ଉଚ୍ଚ ସ୍ତରୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।



ଠିକାଦାର ମାଲେମାଲ୍ ରାସ୍ତା ବେହାଲ୍

# ଭୁଲ ଇଞ୍ଜେକ୍ସନରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ସୁବର୍ଣ୍ଣପୁର, ୧୫।୨(ସଂଚାର ବ୍ୟୁରୋ):** ଡାକ୍ତରଙ୍କୁ ଭଗବାନଙ୍କ ଦିତ୍ୱୀୟ ରୂପ ବୋଲି କୁହାଯାଏ । ଡାକ୍ତରଙ୍କ କଥାରେ ହିଁ ମଣିଷ ର ଅଧାରୋଗ ଭଲ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଯଦି କାହାର ଦେହ ଅସୁସ୍ଥ କିମ୍ବା କିଛି ବଡ ଧରଣର ରୋଗ ହୋଇଥାଏ ତେବେ ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ ଭାବରେ ସୁସ୍ଥ ହୋଇଯାଏ । କିନ୍ତୁ ଏବେ ଡାକ୍ତରଙ୍କ ଚିକିତ୍ସା ଉପରେ ପ୍ରଶ୍ନ ଉଠିଛି । ହଁ ଆଜ୍ଞା ଏଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ । ଡାକ୍ତରଙ୍କ ଭୁଲ ଇଂଜେକ୍ସନ ଯୋଗୁଁ ରୋଗୀଙ୍କ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ହୋଇଛି । ଏନେଇ ଡାକ୍ତରଖାନାରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି । ସୂଚନାଅନୁସାରେ ଗତକାଲି ସକାଳୁ ବୌଦ୍ଧ ଜିଲ୍ଲା ଜୁହ୍ନାପଙ୍କ ଅଞ୍ଚଳରେ ଅନୁପମା ପଟେଲଙ୍କ ଦେହ ଅସୁସ୍ଥ ହୋଇଥିଲା। ଏହାପରେ ପରିବାର ଲୋକେ ଅନୁପମାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସା ପରେ ରାତିରେ ଅନୁପମାଙ୍କ ଦେହ ଅଧିକ ଗୁରୁତର ହୋଇଥିଲା । ଏହାପରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ପରିବାର ଲୋକେ ସହଜରେ ଅନୁପମାଙ୍କୁ ମୃତ୍ୟୁକୁ ଗ୍ରହଣ କରିପାରିନଥିଲେ। ଡାକ୍ତରଙ୍କ ଭୁଲ ଇଂଜେକସନ ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ ମୃତକଙ୍କ ପରିବାର ଲୋକେ। ଯାହାଫଳରେ ଗତ ରାତିରେ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଡାକ୍ତରଖାନାରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ତେବେ ପୋଲିସ ମୃତକଙ୍କ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲା । ତେବେ ମୃତ ମହିଳାଙ୍କର ଏକ ୮ ମାସର ଶିଶୁପୁତ୍ର ଅଛି । ଆଜି ମୃତଦେହର ଶବ ବ୍ୟବଚ୍ଛେଦ କରାଯିବ । ବାରମ୍ବାର ଏଭଳି ଘଟଣା ସମାଜରେ ଦେଖିବାକୁ ମିଳୁଛି । ତେବେ ଏଭଳି ଘଟଣାରେ କାହାର ଦୋଷ ରହିଛି ଓ କାହିଁକି ହେଉଛି ତାହା ଏବେବି ପ୍ରଶ୍ନବାଚୀ ହୋଇ ରହିଛି ।

## ୨୦ରୁ ଜୟଦେବ ଗୌରବ ସମ୍ମାନ

### ● ଗଡ଼ିଲା ପ୍ରଚାର ରଥ



**ବାଲିପାଟଣା, ୧୫।୨(ସଂଚାର ବ୍ୟୁରୋ):** ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଚଳିତ ମାସ ୨୦ ତାରିଖ ରୁ ୨୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ବାଲିପାଟଣା ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏହି ଅଞ୍ଚଳ ର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯିବା ସହିତ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଓଡ଼ିଶାର ପ୍ରଖ୍ୟାତ କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ,ହାସ୍ୟ ଅଭିନୟ ଇତ୍ୟାଦି ପରିବେଷୀତ ହେବ।ଓଲିଉଡ ର ପ୍ରଖ୍ୟାତ କଳାକାରଙ୍କ ସହିତ ତୁଙ୍ଗ ରାଜନୈତିକ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ରହିବେ ବୋଲି ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା ସୂଚନା ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିକାଶର ଏକ ଧାରା ଆରମ୍ଭ ହୋଇଛି ଏବଂ ଆଗାମୀ ଦିନରେ ଏହା ଅଧିକ ତୀବ୍ର ଗତିରେ ଚାଲିବା ପାଇଁ ଓ ଆଗାମୀ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ସମସ୍ତ ଅଞ୍ଚଳବାସୀ ସହଯୋଗ କରିବାକୁ ଆଜି ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ ଅନୁରୋଧ କରିଛନ୍ତି।

## ଅନନ୍ଦା ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ନୀଳଗିରି, ୧୫।୨(ସଂଚାର ବ୍ୟୁରୋ):** ନିଳଗିରି ଉପଖଣ୍ଡ ଅନ୍ତର୍ଗତ ପଦାଗା ମୂଳକୁଢେଇ ସ୍ଥିତ ଅନ୍ନଦା ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଅଛି। ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଂଘର ସଭାପତି ପ୍ରଦୀପ କୁମାର ବିଶ୍ୱାଳ ମଞ୍ଚାସୀନ ରହି ଉତ୍ସବ ହିଁ ଏକତା, ଭାଇଚାରା ର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ପ୍ରଭଞ୍ଜନ ବେହେରା ଉପସ୍ଥିତ ରହି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୋଟାଏ ଗୋଟାଏ ମଣିଷ ତିଆରି କାରଖାନା ବୋଲି ନିଜ ଅଭିଭାଷଣରେ ଅଭିମତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜସୋମତି ମହାଳିକ , ଗଣେଶ ପ୍ରସାଦ ପୁଟି, ରବୀନ୍ଦ୍ର ଦାସ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ୍ତ ଶଙ୍କର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁନିମଣି ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ।

## ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ଜଗତସିଂହପୁର, ୧୫।୨ (ସଂଚାର ବ୍ୟୁର):** ଆଜି ପୂର୍ବାହ୍ନ ରେ ନାଉଗାଁ ବ୍ଲକ ଅନ୍ତ୍ର୍ୟଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟି ତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ କରାଇଥିଲେ । ପ୍ରବାସୀ ଶ୍ରମିକଙ୍କ ବିଭିନ ସୁବିଧା ଅସୁବିଧା ସମ୍ପର୍କରେ ଆଇନ ସେବା ପ୍ରାଧିକରଣ ସଚିବ ଛାତ୍ର ଛାତ୍ରୀଙ୍କୁ ବୁଝାଇବା ସହ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ ।

### ଜୁନାଗଡ଼ ମହୋତ୍ସବ ଉଦଘାଟିତ

# ପୁରୁଣା ସଂସ୍କୃତି, ସଭ୍ୟତାକୁ ବଞ୍ଚାଇବାର ପ୍ରୟାସ ହେଉଛି ମହୋତ୍ସବ

**ଭବାନୀପାଟଣା, ୧୫।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ସର୍ବ ପୁରାତନ ରାଜଧାନୀ ଜୁନାଗଡ଼ ହେଉଛି କିମ୍ବଦନ୍ତୀ ଗଡ଼, ଏକ ଐତିହାସିକ କୀର୍ତ୍ତି ରାଜିର ଗଡ଼। ଏହି ଗଡ଼ରେ ଛଅ କୋଡ଼ି ବନ୍ଧ,ନଅକୋଡ଼ି ତୋଟା ଶୋଭା ପାଏ । ଯାହାର ପାଦ ପାଦ ଦେଶରେ ହାତୀ ନଦୀ ବୋହି ଯାଇ ଶସ୍ୟ ଶ୍ୟାମଳ ରେ ଭରି ଦିଏ ଅଞ୍ଚଳବାସୀଙ୍କୁ । ଏହି ହଜାରେ ବର୍ଷ ର ସହରର ମାଁ ଲଙ୍କେଶ୍ୱରୀ ମାଟି ରେ ଅନେକ ପୁରୁଣା ସଂସ୍କୃତି, ସଭ୍ୟତା, ଐତିହ୍ୟ, ପରମ୍ପରା ଲୁକ୍କାୟିତ ଭାବେ ରହିଛି। ତେଣୁ ଏହାର ପୁନରୁଦ୍ଧାର ପାଇଁ ଜୁନାଗଡ଼ ମହୋତ୍ସବ ହିଁ ଏକ ବଳିଷ୍ଠ ମାଧ୍ୟମ ଅଟେ ବୋଲି ଆଜି ବହୁ ପ୍ରତୀକ୍ଷିତ ଜୁନାଗଡ଼ ମହୋତ୍ସବରେ ଆଜି ଅତିଥିମାନେ ମତ ପ୍ରକାଶ କରିଥିଲେ । ଆଜି ଜୁନାଗଡ଼ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ମହାସମାରୋହରେ ଆଜି ଉଦଘାଟିତ ହୋଇଛି।କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ଆଜି ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଆଜିସକାଳେ ମାଁ ଲଙ୍କେଶ୍ୱରୀ ମନ୍ଦିରରେ ମଶାଲ ପୂଜାର୍ଚ୍ଚନା ପରେଏକ ବିଶାଳ ମଶାଲ ସାଂସ୍କୃତିକ ଶୋଭାଯାତ୍ରା ସାପ୍ତାହିକ ବଜାର ଠାରୁ ଆରମ୍ଭ ହୋଇଥିଲା। ଏହି ସମୟରେ ଶତାଧିକ ଜନସାଧାରଣଙ୍କ ସମେତ ଘୁମୁରା, ସଂକୀର୍ତ୍ତନ, ଢାପ ନାଚ,ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶହ ମଶାଲ ରାଲି ଉତ୍ସବ ପାଳନ ପଡିଆକୁ ନିଆ ଯାଇଥିଲା। କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓଙ୍କୁ ଉତ୍ସବ ମଞ୍ଚରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ,ତାଙ୍କ ପିତା ସ୍ୱର୍ଗତ ମହାରାଜା ଉଦିତ ପ୍ରତାପକୁ ଦେଓଙ୍କ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଜୁନାଗଡ଼ ମହୋତ୍ସବ କମିଟିର ସଭାପତି ଦୁର୍ଗାପ୍ରସାଦ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ସମ୍ପାଦକୀୟ ଅଭିବ୍ୟକ୍ତ ପ୍ରଦାନ କରିଥିଲେ । କର୍ତ୍ତବ୍ୟ ର ମୁଖ୍ୟ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘୋସକ ବିନୟ ସାହୁ ଓ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ବାଇକରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟିନେଲେ ଦୁର୍ବୃତ୍ତ

**ବାରଙ୍ଗ, ୧୫।୨ (ସଂଚାର ବ୍ୟୁର):** ଦିନ ଦ୍ୱିପ୍ରହରେ ହୋଇଛି ଲୁଟ୍ । ସ୍ପଷ୍ଟ ଦିବାଲୋକୋରେ ବାଇକରୁ ୨ଲକ୍ଷ ୩୫ ହଜାର ଟଙ୍କାଭର୍ତ୍ତି ବ୍ୟାଗ ଲୁଟିନେଲେ ଦୁର୍ବୃତ୍ତ। ବ୍ୟାଙ୍କରୁ ଟଙ୍କା ଉଠାଇ ଆସିବା ପରେ ବାଇକରେ ଝୁଲାଇ ଦେଇ ଦୋକାନକୁ ସଉଦା ପାଇଁ ଯାଇଥିଲେ । ସଉଦା କିଣିସାରି ଫେରିଲା ବେଳକୁ ଟଙ୍କା ଭର୍ତ୍ତି ବ୍ୟାଗକୁ କେହି ଦୁର୍ବୃତ୍ତ ଲୁଟି ନେଇଛନ୍ତି । ବାରଙ୍ଗ ସୀତାରାମ ବଜାରରେ ଘଟିଛି ଏହି ଘଟଣା। ଲୁଟର ଶୀକାର ହୋଇଥିବା ବ୍ୟକ୍ତି ହେଲେ ବାରଙ୍ଗ ଥାନା ଚଣ୍ଡିପ୍ରସାଦ ଗ୍ରାମର ନିରଞ୍ଜନ ବେଉରା। ନିରଞ୍ଜନଙ୍କ କହିବା ମୁତାବକ ସେ ଘର କାମ ପାଇଁ ବ୍ୟାଙ୍କରୁ ଚେକ୍ ସାହାଯ୍ୟରେ ଟଙ୍କା ଉଠାଇଥିଲେ। ନିରଞ୍ଜନ ଘରୁ ନିଜର ବାଇକ ଯୋଗେ ଆସି ବାରଙ୍ଗ ୟୁକୋ ବ୍ୟାଙ୍କ ଶାଖାକୁ ଯାଇଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟା ୩୮ ସମୟରେ ସେ ଟଙ୍କା ଧରି ବ୍ୟାଙ୍କରୁ ବାହାରିଥିଲେ ।